
# ଉତ୍କଳ ପ୍ରସଙ୍ଗ









UTKAL PRASANGA Regd No O—BN—05/90
Licence No C.R.N.P. 5—Licensed to post without Pre-payment






ମାନ୍ୟବର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀ ପାରଳାଖେମୁଣ୍ଡିଠାରେ ଗଜପତି ଷ୍ଟାଡିୟମ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ।



ଭୁବନେଶ୍ୱର ଗୁରୁଦ୍ୱାରାଠାରେ ଗୁରୁ ନାନକଙ୍କ ଜନ୍ମ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ (୨୯/୧୧) ।

# ଉତ୍କଳ ପ୍ରସଙ୍ଗ

୪୦ ଭାଗ ୪ର୍ଥ ସଂଖ୍ୟା ମାର୍ଗଶିର ୧୯୧୫ ଶକାବ୍ଦ ଡିସେମ୍ବର ୧୯୯୩

## ସମ୍ପାଦକ ମଣ୍ଡଳୀ

ନିର୍ଦ୍ଦେଶକ
ଶ୍ରୀ କାଳୀ କୁମାର ରଥ

ସମ୍ପାଦନା ସହଯୋଗୀ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ
ଶ୍ରୀ ସତୀଶ ପାତ୍ର

ପ୍ରଚ୍ଛଦପଟ
ଯୋଜନା ଓ କଳା ପ୍ରସ୍ତୁତି ବିଭାଗ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦

ପ୍ରକାଶନ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦
(ଫଟୋଟାଇପସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ଖବର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।*

*"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

# ସୂଚୀ


| | | |
|---|---|---|
| ଭୁବନେଶ୍ୱର ପୌର ପରିଷଦ | ଶ୍ରୀମତୀ କିରଣବାଳା ମଙ୍ଗରାଜ | ୧ |
| ପରିବେଶ ପ୍ରଦୂଷଣ | ହିମାଂଶୁ ଶେଖର ସରକାର | ୨ |
| ଦେଶ ସେବକ ଗୋପବନ୍ଧୁ | ଶ୍ରୀ ଚିତ୍ତରଞ୍ଜନ ଦାଶ | ୩ |
| ଆମେ ଓଡ଼ିଆ, ବିଶ୍ୱେ ବଡ଼ିଆ | ଶ୍ରୀ ବଂଶୀଧର ଖୁଣ୍ଟିଆ | ୬ |
| ସମନ୍ୱିତ ମାଛ ଚାଷ | ଶ୍ରୀ ସଂଗ୍ରାମ କେଶରୀ ରାଉତ | ୮ |
| ବିପ୍ଳବୀ ଗଣା ନାୟକ | ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ | ୧୦ |
| ଏ ଜାତିର ଆତ୍ମା ଗୋପବନ୍ଧୁ | ଅଧ୍ୟାପକ ବିକ୍ରମ କେଶରୀ ବର୍ମା | ୧୩ |
| ବଙ୍ଗଳାର ସାହିତ୍ୟ ଓ ସଂସ୍କୃତିକୁ ଓଡ଼ିଶାର ଅବଦାନ | ଡକ୍ଟର କୃଷ୍ଣଚନ୍ଦ୍ର ଭୂୟାଁ | ୧୪ |
| ଭିକ୍ଷୁଣୀ ନିବେଦିତା | ଡାକ୍ତର ସରୋଜିନୀ ଷଡ଼ଙ୍ଗୀ | ୧୬ |
| ଭାଇ ଜୀଉଁତିଆ ଓଷା ଓ ଡାଲଖାଇ ନାଚ | ପ୍ରସନ୍ନ ନାୟକ | ୧୮ |
| ମୟୂରଭଞ୍ଜ ଜିଲ୍ଲାରେ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ | ଶ୍ରୀ ଜାନକୀ ବଲ୍ଲଭ ଦାଶ | ୨୧ |
| ଆବାହନୀ | ପ୍ରତିଭା ମହାରଥୀ | ୨୩ |
| ମାଛ ଚାଷ | କ୍ଷେତ୍ରବାସୀ ବେହେରା | ୨୪ |
| ଅନ୍ଧାରରୁ ଆଲୋକକୁ | ଡକ୍ଟର ଉଦ୍ଧବ ଚରଣ ନାୟକ | ୨୬ |
| ନାରୀ | ବନପ୍ରଭା ପରିଡ଼ା | ୩୦ |
| ତନ୍ତ୍ର, ଢୋଲ ଓ ତବଲାର ଶିଳ୍ପୀ : ପଦ୍ମଶ୍ରୀ ଯଦୁନାଥ ସୁପକାର | ଡକ୍ଟର କୃତ୍ତିବାସ ନାୟକ | ୩୧ |
| ଯୌତୁକ ସମସ୍ୟା — ଦୁଃସାଧ୍ୟ କି ? | ଡଃ ରାନୁ ମିଶ୍ର | ୩୩ |
| କାର୍ପ ମାଛଙ୍କ ପୁନଃ ପ୍ରଜନନ — ଏକ ନୂଆ ଦିଗନ୍ତ | ଶ୍ରୀ ସୁରେଶ ଚନ୍ଦ୍ର ରଥ | ୩୮ |
| ସମ୍ବାଦ ପରିକ୍ରମା | | ୪୦ |

# ସମ୍ପାଦକୀୟ

## ମୁଁଲୁ ମାଇଲେ ଯିବ ସରି.........

ଗ୍ରାମାଞ୍ଚଳରେ ବାସ କରୁଥିବା ସମସ୍ତ ବ୍ୟକ୍ତି ଗାଧୋଇବା ପାଇଁ ପ୍ରାୟତଃ ପୋଖରୀ ଉପରେ ନିର୍ଭର କରିଥାନ୍ତି । ସମସ୍ତଙ୍କ ପାଇଁ ପୋଖରୀଟି ଅତି ଦରକାରୀ ଏବଂ ଉପକାରୀ ହେଲେ ହେଁ ପୋଖରୀର ପରିଷ୍କାର ପରିଚ୍ଛନ୍ନତା ପ୍ରତି କାହାରି ଦୃଷ୍ଟି ରହେ ନାହିଁ ।

ପୋଖରୀର ପାଣି ବ୍ୟବହାର କରିବା ଅଧିକାର ଆମ ସମସ୍ତଙ୍କର ରହିଛି, ଏଥିରେ କେହି ଦ୍ୱିମତ ହେବାର ନୁହେଁ । କିନ୍ତୁ ଏହି ଅଧିକାର ସାଙ୍ଗକୁ ପୋଖରୀର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦାୟିତ୍ୱ ମଧ୍ୟ ଆମର । ଆମେ ଆମର ଅଧିକାର ପ୍ରତି ଯେତିକି ସଚେତନ, ଆମର ଦାୟିତ୍ୱ ପ୍ରତି ସେତିକି ପରିମାଣରେ ସଚେତନ ରହୁନାହୁଁ କିମ୍ବା ଗୁରୁତ୍ୱ ଦେଉନାହୁଁ । ଫଳରେ ଆମେ ପୋଖରୀ ହୁଡ଼ାକୁ ଅସନା କରୁଛୁ ଏବଂ ପୋଖରୀ ହୁଡ଼ାର ମଇଳାତକ ବର୍ଷା ପାଣିରେ ଧୋଇ ହୋଇ ପୋଖରୀରେ ପଶିବା ଫଳରେ ପୋଖରୀ ପାଣି ମଧ୍ୟ ଦୂଷିତ ହେଉଛି । ସେହି ଦୂଷିତ ପାଣି ବ୍ୟବହାର କରିବା ଫଳରେ ଆମକୁ ବିଭିନ୍ନ ରୋଗ ମଧ୍ୟ ହେଉଛି । ତଥାପି ପୋଖରୀର ପରିଷ୍କାର ପରିଚ୍ଛନ୍ନତା ପ୍ରତି କେହି ଦୃଷ୍ଟି ଦିଅନ୍ତି ନାହିଁ । ପ୍ରତ୍ୟେକ ଭାବନ୍ତି, "ମୁଁ ଜଣେ ଗୁହିଁଲେ କ'ଣ ଏଥିର ଚିହ୍ନ ବଦଳି ପାରିବ"? ବାସ୍ତବରେ ଏ ଯୁକ୍ତି ଅନେକ ପରିମାଣରେ ସତ୍ୟ । ଏହା ଏକ ସାମୁହିକ ଦାୟିତ୍ୱ । ତା'ହେଲେ ସ୍ୱତଃ ପ୍ରଶ୍ନ ହୁଏ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ ?

ଏହି ଜଟିଳ ପ୍ରଶ୍ନର ସମାଧାନ ପାଇଁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବର୍ତ୍ତମାନ ଏକ ଅଭିନବ ପରିକଳ୍ପନା କରିଛନ୍ତି । "ମୁଁଲୁ ମାଇଲେ ଯିବ ସରି ଦେବଙ୍କ ସଙ୍ଗେ କିମ୍ପା କଳି" ନୀତିରେ ଆମ ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ଥିର କଲେ ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘର ବାଡ଼ିରେ ପାଇଖାନା କରିପାରିଲେ ପୋଖରୀ ହୁଡ଼ା ଅସନା ହେବାର କାରଣ ନାହିଁ । ସେଥି ପାଇଁ ନିଜ ବାଡ଼ିରେ ପାଇଖାନା କରିବା ନିମନ୍ତେ ସରକାରୀ ସାହାଯ୍ୟ ଯୋଗାଇବା ବ୍ୟବସ୍ଥା କରିଛନ୍ତି । ଗ୍ରାମାଞ୍ଚଳରେ ବସବାସ କରୁଥିବା ବ୍ୟକ୍ତି ସମ୍ପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଏବଂ ସହରାଞ୍ଚଳରେ ବସବାସ କରୁଥିବା ବ୍ୟକ୍ତି ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରୁ ଏ ବାବଦରେ ଆର୍ଥିକ ସାହାଯ୍ୟ ପାଇପାରିବେ ।

ବିଜୁବାବୁଙ୍କ ଏହି ଯୋଜନା ବାସ୍ତବରେ ଏକ ପ୍ରଶଂସନୀୟ ପଦକ୍ଷେପ । ତେବେ ଏହି ସାମୁହିକ କାର୍ଯ୍ୟ ପାଇଁ ଆମ ସମସ୍ତଙ୍କର ମଧ୍ୟ ଦାୟିତ୍ୱ ରହିଛି । ଏହି ସରକାରୀ ସୁବିଧାର ସଦୁପଯୋଗ କରିବା ସାଙ୍ଗକୁ ଆମ ପୋଖରୀ, ରାସ୍ତାଘାଟ ଯେପରି ପରିଷ୍କାର ପରିଚ୍ଛନ୍ନ ରହିବ, ସେଥିପ୍ରତି ଆମେ ସମସ୍ତେ ସଚେତନ ହୋଇପାରିଲେ ଆମର ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ସହର ଗୋଟିଏ ଗୋଟିଏ ଆଦର୍ଶ ଗ୍ରାମ ଓ ଆଦର୍ଶ ସହରରେ ପରିଣତ ହୋଇପାରିବ, ସନ୍ଦେହ ନାହିଁ ।

# ଭୁବନେଶ୍ୱର ପୌର ପରିଷଦ

ଶ୍ରୀମତୀ କିରଣବାଳା ମଙ୍ଗରାଜ

ସହରର ନାଗରିକଙ୍କର ଜୀବନଯାପନ ପ୍ରଣାଳୀକୁ ଉତ୍କୃଷ୍ଟତର କରାଇବା ଏବଂ ଏକ ଉତ୍ତମ ତଥା ସୁସ୍ଥ ପରିବେଶ ମଧ୍ୟରେ ନାଗରିକମାନଙ୍କୁ ବସବାସ କରିବାର ସୁଯୋଗ ଦେବା ପୌର ସଂସ୍ଥାର ମୁଖ୍ୟ ଦାୟିତ୍ୱ । ଶତାଧିକ ବର୍ଷ ହେଲା ଭାରତର ନଗରାଞ୍ଚଳରେ ସ୍ୱାୟତ୍ତଶାସନ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଏହାର ଆଶାନୁରୂପ ଅଗ୍ରଗତି ହୋଇପାରିନାହିଁ । ପୌର ପରିଷଦର ମୌଳିକ ସମସ୍ୟା ସହରର ପରିମଳ ବ୍ୟବସ୍ଥା, ରାସ୍ତାଘାଟର ଉନ୍ନତି ଓ ଜଳଯୋଗାଣ ତଥା ରାସ୍ତାରେ ବିଜୁଳି ବତୀ ଯୋଗାଣ ମଧ୍ୟରେ ସୀମିତ ହୋଇ ରହିଥିଲା ମାତ୍ର । ବମ୍ବେ ଭଳି କେତେକ ବଡ଼ ବଡ଼ ସହରରେ ନଗରର ପରିବହନ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ମଧ୍ୟ ପୌରସଂସ୍ଥା ସହିତ ସଂଯୁକ୍ତ ହୋଇଅଛି । ପାଶ୍ଚାତ୍ୟ ଦେଶମାନଙ୍କରେ ବିଶେଷତଃ ଯୁକ୍ତରାଷ୍ଟ୍ର ଆମେରିକାରେ ସ୍ୱାୟତ୍ତ ଶାସନ ସଂସ୍ଥାମାନେ ପୋଲିସ, ସ୍ୱାସ୍ଥ୍ୟବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥାନ୍ତି । ଆମ ପୌର ସଂସ୍ଥାଗୁଡ଼ିକ ସେ ସବୁର ଯୋଗ୍ୟତା ଏଯାବତ୍ ପ୍ରାପ୍ତ ହୋଇନାହାନ୍ତି ଓ ଏଗୁଡ଼ିକ ପ୍ରଚଳନ ହେବାକୁ ଆମକୁ ଆହୁରି ବହୁଦିନ ପ୍ରତୀକ୍ଷା କରିବାକୁ ପଡ଼ିବ ।

ଆଜିର ଭୁବନେଶ୍ୱର ସହର ଏକ ଅତ୍ୟାଧୁନିକ ସହର । ଏହାକୁ ଅଧିକ କମନୀୟ ଓ ମନୋରମ କରିବାକୁ ଯତ୍ପରୋନାସ୍ତି ଚେଷ୍ଟା କରାଯାଉଅଛି । ସୀମିତ ସମ୍ବଳ ହିଁ ନଗର ଉନ୍ନୟନ କାର୍ଯ୍ୟକ୍ରମରେ ଅନ୍ତରାୟ ହେଉଅଛି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରଥମଥର ଲାଗି ଜନସାଧାରଣଙ୍କ ଚିକିତ୍ସାଗତ ଅସୁବିଧାକୁ ଦୃଷ୍ଟିରେ ରଖି ଏକ ଅତ୍ୟାଧୁନିକ ଏଣ୍ଡୋସ୍କୋପି ମେସିନ ପୌର ଚିକିତ୍ସାଳୟରେ ସ୍ଥାପନ କରାଯାଇଅଛି । କେବଳ ସେତିକି ନୁହେଁ, ହୃଦ୍‌ରୋଗ ଚିକିତ୍ସା ନିମନ୍ତେ ଏକ ହୃଦ୍‌ରୋଗ ନିରୂପଣ କେନ୍ଦ୍ର ଚଳିତ ବର୍ଷ ଶେଷ ସୁଦ୍ଧା ଖୋଲାଯିବାର ପ୍ରାରମ୍ଭିକ ପ୍ରସ୍ତୁତି ଚାଲିଅଛି । ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଯୁବକ ଯୁବତୀମାନଙ୍କ ଲାଗି ହେଲଥ୍ କ୍ଲବ ଖୋଲିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଉଅଛି । ଭୁବନେଶ୍ୱର ଦୈନିକ ହାଟ ନିକଟରେ ଏକ ଅତ୍ୟାଧୁନିକ ବହୁତଳ ଶ୍ରୀସାଦ ଫଳ ମାର୍କେଟ ରାଜଧାନୀର ବିଭିନ୍ନ ୟୁନିଟ୍‌ରେ ବଜାର ପ୍ରକଳ୍ପ, ସେତୁ ନିର୍ମାଣ, ମାଙ୍ଗଳିକ ଓ ସାମାଜିକ ଉତ୍ସବ ସମ୍ପାଦନ ନିମନ୍ତେ କଲ୍ୟାଣ ମଣ୍ଡପ, ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ସ୍ୱଳ୍ପବ୍ୟୟରେ ରାତ୍ରିଯାପନ ନିମନ୍ତେ ଯାତ୍ରୀନିବାସ, କର୍ମଜୀବୀ ମହିଳାମାନଙ୍କ ରହିବା ପାଇଁ ମହିଳା ଆବାସ ଓ ଟାଉନବସ୍ ପ୍ରଚଳନ ଆଦି ଭୁବନେଶ୍ୱର ପୌର ପରିଷଦର ଉଲ୍ଲେଖନୀୟ ଅବଦାନ । ସମ୍ପ୍ରତି ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ବ୍ୟକ୍ତିମାନଙ୍କ ଲାଗି ଗୃହନିର୍ମାଣ ଓ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମରେ ୬ ବର୍ଷରୁ କମ୍ ଶିଶୁମାନଙ୍କୁ ଅଣଆନୁଷ୍ଠାନିକ ଶିକ୍ଷାଦାନ ଓ ସ୍ୱାସ୍ଥ୍ୟ ସମ୍ପର୍କୀୟ ଯତ୍ନ ନେବା ଉଦ୍ଦେଶ୍ୟରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଅଛି । ବିଗତ ଅଢ଼େଇ ବର୍ଷ ମଧ୍ୟରେ ପ୍ରିୟ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ପାଇଁ ଓଡ଼ିଶାର ସମସ୍ତ ପୌରସଂସ୍ଥା ପ୍ରଭୂତ ଉନ୍ନତି ସାଧନ କରିଛନ୍ତି । ପୌର ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ନିର୍ବାଚିତ କାଉନସିଲ ବହୁ ଉନ୍ନୟନମୂଳକ କାର୍ଯ୍ୟକରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ ପାରିଅଛି ।

ବର୍ତ୍ତମାନ ପଣ୍ୟକର ଉଚ୍ଛେଦ ପାଇଁ ଯେଉଁ ନୀତି ନିର୍ଦ୍ଧାରଣ ହେଉଅଛି, ତାହା ପୌର ପାଳିକାର ଆୟ ବୃଦ୍ଧି ନିମନ୍ତେ ଏକ ବିରାଟ ଆଘାତ । ପଣ୍ୟକର ଉଚ୍ଛେଦ କରାଗଲେ ସରକାର ଏହାର ଯଥାର୍ଥ ବିକଳ୍ପ ସୃଷ୍ଟି କରିବା ଆବଶ୍ୟକ । ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ନିମନ୍ତେ ସରକାରଙ୍କ ପକ୍ଷରୁ ଯେଉଁଳି ପର୍ଯ୍ୟାପ୍ତ ପରିମାଣର ଅର୍ଥ ଯୋଗାଇ ଦିଆଯାଉଅଛି, ନଗର ଉନ୍ନୟନ କାର୍ଯ୍ୟକ୍ରମରେ ସେହିପରି ଅର୍ଥ ବ୍ୟବସ୍ଥା ରଖାଗଲେ ପୌରପାଳିକାଗୁଡ଼ିକ ଉନ୍ନୟନ କାର୍ଯ୍ୟ ପାଇଁ ଆଗଭର ହୁଅନ୍ତେ । ସର୍ବୋପରି ପ୍ରତ୍ୟେକଟି ଜନହିତକର କାମ ଲୋକମାନଙ୍କର ସାହାଯ୍ୟ, ସହଯୋଗ ତଥା ସଦିଚ୍ଛା ଦ୍ୱାରା ହିଁ ଫଳପ୍ରଦ ହୋଇଥାଏ । ରାଜଧାନୀ ସହରକୁ ଏକ ଆକର୍ଷଣୀୟ ଆଦର୍ଶ ସହରରେ ପରିଣତ କରିବା ପ୍ରତ୍ୟେକ ଭୁବନେଶ୍ୱରବାସୀର ନୈତିକ କର୍ତ୍ତବ୍ୟ ଓ ସଂକଳ୍ପ ହେବା ଦରକାର । ଫଳତଃ ନଗରପାଳିକା ତାହାର ଭବିଷ୍ୟତ କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିପାରିବ ।

ଅଧ୍ୟକ୍ଷା, ଭୁବନେଶ୍ୱର ନଗରପାଳିକା ।

# ପରିବେଶ ପ୍ରଦୂଷଣ

ହିମାଂଶୁ ଶେଖର ସରକାର

ଭବିଷ୍ୟତ ବଂଶଧରଙ୍କ ସୁସ୍ଥ ଜୀବନଯାପନ ପାଇଁ ପ୍ରଦୂଷଣ ମୁକ୍ତ ପରିବେଶ ଯୋଜନା ନିତାନ୍ତ ଆବଶ୍ୟକ । କେବଳ ଭବିଷ୍ୟତ ବଂଶଧରମାନଙ୍କ ପାଇଁ କାହିଁକି ? କାରଣ ଏହାକୁ ନୀରବରେ ସହ୍ୟ କରିବା ଅର୍ଥ ଭବିଷ୍ୟତରେ ଏଥିପାଇଁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ ।

ପ୍ରଦୂଷଣ ନିବାରଣ, ନିରାକରଣ ଅପେକ୍ଷା ଉତ୍ତମ । ଉପଯୁକ୍ତ ଭାବରେ ବିଚାର କରିବାକୁ ହେଲେ କଳକାରଖାନା ବା ମାଲିକ ପାଇଁ ଏହା କେବଳ ନୁହେଁ । ଆମର କଳକାରଖାନା ଆବଶ୍ୟକ । ମାତ୍ର ଆମେ ଚାହୁଁ କଳକାରଖାନାରୁ ଉତ୍ପାଦନ ହେଉ, ତା ସହିତ ଲୋକମାନେ ସୁସ୍ଥରେ ରହନ୍ତୁ । ଲୋକମାନଙ୍କର ସ୍ୱାସ୍ଥ୍ୟ ଆମ ବିଚାରଧାରାର କେନ୍ଦ୍ରବିନ୍ଦୁ । ଏହା ଆମମାନଙ୍କର ନିଜସ୍ୱ ଏବଂ ସମାଜର ମତ । କଳକାରଖାନା ରହିଲେ ତା' ସହିତ ଲୋକଙ୍କର ସ୍ୱାସ୍ଥ୍ୟର ଯଦି କ୍ଷତି ଘଟେ, କଳକାରଖାନା ରହି ଉତ୍ପାଦନ କଲେ ଯଦି ଚରମ ସୀମାକୁ ଟପିଯାଏ, ଲୋକମାନଙ୍କର ସ୍ୱାସ୍ଥ୍ୟହାନି ଘଟିବା ଅବଶ୍ୟମ୍ଭାବୀ । ଅପର ପକ୍ଷରେ ଶିଳ୍ପ ବିକାଶ ଅଭାବରୁ ପୁଷ୍ଟିକାରକ ଦ୍ରବ୍ୟର ଅଭାବ ପାନୀୟ ଜଳ, ଜଳବାହିତ ରୋଗ ଏବଂ ସ୍ୱାସ୍ଥ୍ୟର ଅବନତି ଘଟିବା ସ୍ୱାଭାବିକ । ଅବିଚାରିତ ଭାବରେ ଆମେ ଯଦି ଶିଳ୍ପ ପ୍ରଗତି ପାଇଁ ଦୃଷ୍ଟି ଦେଉ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, କର୍କଟ ରୋଗ ଇତ୍ୟାଦି ସାଂଘାତିକ ରୋଗ ହୋଇପାରେ । ଏଥିପାଇଁ ଆମକୁ ଏକ ସୀମା ନିର୍ଦ୍ଧାରଣ କରିବାକୁ ପଡ଼ିବ । ପରିବେଶ ବନାମ ଉନ୍ନୟନ ଉପରେ ଯୁକ୍ତିତର୍କ କରିବା ଅମୂଳକ । ପରିବେଶ ଓ ଉନ୍ନୟନ ପରସ୍ପର ସହିତ ମିତ୍ରଭାବାପନ୍ନ ହେବା ଉଚିତ୍ । ପରିବେଶ ନାଁରେ ଶିଳ୍ପ ଉନ୍ନତିକୁ ବନ୍ଦ କରିଦେବା କିମ୍ବା କଳକାରଖାନା ନାଁରେ ପରିବେଶର ଅବନତି ଘଟାଇବା କେଉଁଟି ହେଲେ ଆମର କାମ୍ୟ ନୁହେଁ । ପରିବେଶ ସୁରକ୍ଷା ସହିତ ଶିଳ୍ପପ୍ରଗତି ଆମେ ଚାହୁଁ ଅପରଟି ନୁହେଁ । ଅନେକ କଳକାରଖାନା ଅଛି, ଯେଉଁମାନେ ପରିବେଶ ପ୍ରତି ଦୃଷ୍ଟି ଦିଅନ୍ତି ।

ଆଜି ପରିବେଶ କଥା ଆମେ ଚିନ୍ତା କରୁଛେ । ପରିବେଶ ପ୍ରଦୂଷଣ ନିରାକରଣ କଥା ଭାବୁଛେ । କିନ୍ତୁ ଆମେ ଚାହୁଁନା, ବିଗତ ବର୍ଷଗୁଡ଼ିକରେ ଯେତେବେଳେ ପରିବେଶ ଉପରେ ଚିନ୍ତା କରିବାର ନ ଥିଲା, ସେ ଅବସ୍ଥାରେ ରହିବୁ । ସମାଜରେ ଲୋକଙ୍କର ଅବସ୍ଥାର ତାରତମ୍ୟକୁ ବିଚାରକୁ ନେଲେ, ବର୍ତ୍ତମାନ ପରିବେଶର ଅବସ୍ଥାକୁ ଉତ୍ତମ ପରିସ୍ଥିତିରେ ପହଂଚାଇବା କଷ୍ଟକର । କୌଣସି କଳକାରଖାନାରୁ ଉତ୍ପାଦିତ ବସ୍ତୁକୁ ଯଦି ଉପଯୁକ୍ତ ଭାବରେ ବଣ୍ଟାଯାଏ ତେବେ ମୁଷ୍ଟିମେୟ କେତେକ ଲୋକ ପ୍ରଦୂଷଣଜନିତ କୁପ୍ରଭାବ ଯୋଗୁଁ ରକ୍ଷାପାଇଗଲେ ହେଁ ଗରିବ ଲୋକ ତା'ର ଶିକାର ହେଉଛନ୍ତି । ଏ ପ୍ରକାର ଅନ୍ଧ ବିଚାରକୁ ଆମେ କେହି ପସନ୍ଦ କରିବା ନାହିଁ । ଏହା ସମାଜ ପକ୍ଷରେ ମଧ୍ୟ ମଙ୍ଗଳକର ନୁହେଁ । ତିନୋଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଇପାରେ । ଯେତେବେଳେ ଆପଣମାନେ କୌଣସି ଶିଳ୍ପ ପ୍ରଗତି କଥା ବିଚାରକୁ ନେବେ ନିଜକୁ ଏଇ ତିନୋଟି ପ୍ରଶ୍ନ ପଚାରିବେ ।

(୧) ବାୟୁ, ଜଳ ଓ ମୃତ୍ତିକାକୁ ଏଇ ସାଧାରଣ ସମ୍ପତ୍ତି ଏପରି ପ୍ରଦୂଷିତ କରୁଛି ଯାହାକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣି ନ ହେବ ?

(୨) ସ୍ଥାନୀୟ ଗରିବ ଲୋକଙ୍କର ଜୀବନକୁ ପ୍ରଭାବିତ କରୁଛି କି ?

(୩) ଏହି ଶିଳ୍ପ ପ୍ରଗତି ବିଷୟ ଉଠିଲା ବେଳେ ଉପରୋକ୍ତ ଦୁଇଟିର ପ୍ରଭାବକୁ ଦୂର କରିବାର କୌଣସି ଚିନ୍ତା କରିଛନ୍ତି କି ନାହିଁ ?

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦୂଷଣ ସମସ୍ୟାର ସମାଧାନ ଅଟେ । ଏହାପରେ ପରବର୍ତ୍ତୀ ଅବସ୍ଥା ହେଉଛି ବୈଷୟିକ ଜ୍ଞାନ କୌଶଳର ଉପଯୁକ୍ତ ପ୍ରୟୋଗ ।

# ଦେଶ ସେବକ ଗୋପବନ୍ଧୁ

**ଶ୍ରୀ ଚିତ୍ତରଞ୍ଜନ ଦାଶ**

ଉତ୍କଳ ସାହିତ୍ୟାକାଶର ଉଜ୍ଜ୍ୱଳ ଜ୍ୟୋତିଷ୍କମାନଙ୍କ ମଧ୍ୟରୁ କବି ଗୋପବନ୍ଧୁ ଦାସ ଅନ୍ୟତମ । ସତ୍ୟବାଦୀ ସାଧକ ଗୋପବନ୍ଧୁ ଜୀବନର କ୍ରୂର ବାସ୍ତବତା ମଧ୍ୟରେ ଗତି କରି ଦେଶ ଓ ଜାତିର ବିକାଶ କରିବା ସଙ୍ଗେ ସଙ୍ଗେ ତାଙ୍କ ବ୍ୟକ୍ତିତ୍ୱର ସମନ୍ୱିତ ବିକାଶ ଯେପରି ଭାବରେ କରି ପାରିଥିଲେ, ଅନ୍ୟତ୍ର ଏହା ବିରଳ । ସେ ଏକାଧାରରେ ଜଣେ ମହାନ ଦେଶସେବକ, ସମାଜ ସଂସ୍କାରକ, ଆଦର୍ଶ ଶିକ୍ଷକ, ସୁଯୋଗ୍ୟ ସମ୍ପାଦକ, ପ୍ରଚଣ୍ଡ ପ୍ରତିଭାଧାରୀ କବି ଏବଂ ପ୍ରାବନ୍ଧିକ ଥିଲେ । ସେ ଥିଲେ ପ୍ରଥମେ ଦେଶସେବକ ଓ ପରେ କବି । ସାହିତ୍ୟ ସୃଷ୍ଟି ତାଙ୍କର ପେଶା ନଥିଲା । ଏପରିକି ସେ ମନଖୁସି କରିବା ଲକ୍ଷ୍ୟ ନେଇ ସାହିତ୍ୟ ସୃଷ୍ଟି କରୁ ନଥିଲେ । ତାଙ୍କର ଲକ୍ଷ୍ୟ ଥିଲା ଦେଶସେବା । ତେଣୁ ଜନଚେତନା ଜାଗ୍ରତ କରିବା ଓ ସାମାଜିକ ସଂସ୍କାରର ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ସେ ସାହିତ୍ୟ ରଚନା କରୁଥିଲେ । ଦେଶସେବା ଥିଲା ତାଙ୍କର ଲକ୍ଷ୍ୟ ଓ ସାହିତ୍ୟ ସୃଷ୍ଟି ତା'ର ମାର୍ଗ ମାତ୍ର ।

ଦେଶପ୍ରେମୀ ଗୋପବନ୍ଧୁ ତରୁଣ ବୟସରୁ ନିଜକୁ ଦେଶ ସେବାରେ ଉତ୍ସର୍ଗ କରିଦେଇଥିଲେ । ତାଙ୍କର ସାରାଜୀବନ ସେ ଉତ୍କଳମାତାର ଉନ୍ନତି କଳ୍ପେ କାର୍ଯ୍ୟ କରିଥିଲେ । ବଳିତା ଭଳି ନିଜେ ଜଳି ଅପରଙ୍କୁ ଆଲୋକ ବିକିରଣ କରିବା ତାଙ୍କର ଧର୍ମ । ବନ୍ୟା ଦୁର୍ଗତଙ୍କ ସେବା କ୍ଷେତ୍ରରେ ନିଜର ସର୍ବସ୍ୱ ତ୍ୟାଗ କରି ଯେଉଁ ମହାନ ବ୍ୟକ୍ତିତ୍ୱର ପରିଚୟ ଦେଇଛନ୍ତି ତାହା ଅବିସ୍ମରଣୀୟ । ଅଳ୍ପ ବୟସରୁ ଗୋପବନ୍ଧୁ ବହୁ ଦାରୁଣ ଆଘାତ ପାଇଥିଲେ ମଧ୍ୟ ସେ ତାଙ୍କର ସାହିତ୍ୟ ସାଧନା, ଦେଶସେବା, କର୍ତ୍ତବ୍ୟନିଷ୍ଠା ନିର୍ଭିକ ଭାବରେ କରି ଚାଲିଥିଲେ । ବାଲ୍ୟାବସ୍ଥାରେ ସ୍ନେହମୟୀ ଜନନୀଙ୍କର ବିୟୋଗ, ଦାମ୍ପତ୍ୟ ଜୀବନରେ ଗୋଟି ଗୋଟି ପୁତ୍ରର ମୃତ୍ୟୁଜନିତ କଷ୍ଟ ଓ ପ୍ରିୟତମା ପତ୍ନୀର ବିୟୋଗ ଏବଂ ଭ୍ରାତୃ ବିୟୋଗ ଗୋପବନ୍ଧୁଙ୍କୁ ଲକ୍ଷ୍ୟଠାରୁ ଦୂରେଇ ଦେଇ ପାରି ନଥିଲା ।

ଉତ୍କଳମଣି ଗୋପବନ୍ଧୁ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ଭାର୍ଗବୀ କୂଳ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିତା ଦୈତାରୀ ଦାଶଙ୍କ ତୃତୀୟ ପତ୍ନୀ ସ୍ୱର୍ଣ୍ଣମୟୀଦେବୀଙ୍କର ସେ ଏକମାତ୍ର ସନ୍ତାନ । ତାଙ୍କ ଜନ୍ମ ପରେ ଜନନୀଙ୍କ ମୃତ୍ୟୁ ହେଲା । ଗୋପବନ୍ଧୁ ଏହା ସ୍ୱୀକାର କରି ଲେଖିଛନ୍ତି ।

"ଦେଖିନାହିଁ ମୁଁ ମାତୃବଦନ
ପାନ କରିନାହିଁ ମାତୃସ୍ତନ ।"

ଜନନୀ ସ୍ନେହରୁ ବଞ୍ଚିତ ହୋଇ ଗୋପବନ୍ଧୁ ବାଲ୍ୟ ବିଧବା କମଳା ନାନୀଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ତାଙ୍କର ସ୍ନେହରଜ୍ଜୁ କବି ଗୋପବନ୍ଧୁଙ୍କୁ ଏପରି ବାନ୍ଧି ଦେଇଥିଲା ଯେ ପରବର୍ତ୍ତୀ ଜୀବନରେ ଗୋପବନ୍ଧୁ ତାଙ୍କୁ ସ୍ମରଣ କରି ଲେଖିଥିଲେ–

"ତୁମର ନିଷ୍କାମ ସ୍ନେହ ସଦା ଥିବି ମାନି
ଯହିଁ ଥିଲେ ନିତି ସ୍ମରୁଥିବି ନାନୀ, ନାନୀ ।"

କବି ପ୍ରାଣର ଆଶା ଆକାଂକ୍ଷା କବିତାରେ ଆବେଗପୂର୍ଣ୍ଣ ଭାଷାରେ ପ୍ରକାଶିତ ହୋଇଥାଏ । କବି ସାଧାରଣ ବ୍ୟକ୍ତିସ୍ତରରୁ ଉନ୍ନୀତ ହୋଇ ନିଜର କଳ୍ପନା ସାହାଯ୍ୟରେ ଦିବ୍ୟଲୋକ ଦର୍ଶନ କରିଥାଏ । ସହାନୁଭୂତି, ଅଶ୍ରୁ ବିନିମୟ ପ୍ରତ୍ୟେକ ଉଚ୍ଚକୋଟୀର କବିତାର ମୌଳିକ କୃତିର ନିଦର୍ଶନ । କବିର ହୃଦୟରେ ବିଶ୍ୱର ବ୍ୟଥା ଓ ବେଦନା ଯେଉଁ ଆଘାତ ଦିଏ, ତାହାରି ମୂର୍ଚ୍ଛନା ତାହାରି କୃତିରେ ପ୍ରତିଧ୍ୱନିତ ହୋଇଥାଏ । ଏହି ପୃଷ୍ଠଭୂମିରେ ଗୋପବନ୍ଧୁଙ୍କ କାବ୍ୟକବିତା ଆଲୋଚନା କଲେ ଜଣାଯାଏ ଯେ ବିଶ୍ୱବେଦନାର ତୀବ୍ର ପ୍ରତିକ୍ରିୟା ହିଁ ତାଙ୍କ କବିତ୍ୱକୁ ନୂତନ ଜୀବନ୍ୟାସ ଦେଇଥିଲା । ତାଙ୍କ କବିତା ସୃଷ୍ଟିର ଏକମାତ୍ର ପ୍ରେରଣା ହେଲା ମାନବୀୟ ଆବେଗ ଓ ଦାରିଦ୍ର୍ୟ, ଶୋକ ଜର୍ଜରିତ ସମାଜ ପ୍ରତି ସହାନୁଭୂତି । ତାଙ୍କ କବିତାରେ ସାଧାରଣ ଜୀବନରେ ଦେଖା ଦେଉଥିବା ବ୍ୟଥା ଓ ବେଦନାର ମର୍ମସ୍ପର୍ଶୀ ଚିତ୍ର ଦେଖିବାକୁ ମିଳେ । ତାହାର ସଫଳ ଚିତ୍ର 'କାରାକବିତା', 'ଧର୍ମପଦ', 'ବନ୍ଦୀର ଆତ୍ମକଥା'ରେ ଲକ୍ଷ୍ୟ କରିହୁଏ ।

ଗୋପବନ୍ଧୁଙ୍କ ସାହିତ୍ୟିକ ଜୀବନ ଥିଲା ପ୍ରଗାଢ଼ ଏକନିଷ୍ଠତା ବୋଧକ ଓ ସୁଦୂରପ୍ରସାରୀ, ଯାହାକି କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆବଦ୍ଧ ନ ରହି ମହାଭାରତୀୟ ଜାତୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ । ସେ ୧୯୨୬ରେ ସତ୍ୟବାଦୀ ପତ୍ରିକାରେ ଲେଖିଥିଲେ– "ମନେ ରଖିବାକୁ ହେବ, ଆମେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଏବଂ ସର୍ବଶେଷରେ ଓଡ଼ିଆ । ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ଫୁଟିବ ପ୍ରଶସ୍ତତର ଭାରତୀୟ ଜାତୀୟତା କ୍ଷେତ୍ରରେ ଓ ତାହାର ସାର୍ବଜନୀନ ମାନବିକତାରେ ।" ପ୍ରତ୍ୟେକ କ୍ଷେତ୍ରରେ ଗୋପବନ୍ଧୁଙ୍କ ହୃଦୟ ଏକ ଅନନ୍ୟ ସାଧାରଣ ମହାଭାରତୀୟ ଭାବନା ଓ ଆଦର୍ଶକୁ ବରାବର ପରୀକ୍ଷା ଓ ଉପଲବ୍ଧି କରିପାରିଥିଲା । ତାଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା, ଉତ୍କଳର କ୍ଷୁଦ୍ର ପ୍ରବାହଟିକୁ ମହାଭାରତୀୟ ଜାତୀୟ ସ୍ରୋତରେ ମିଶାଇ ଦେଇ

ଭାରତରେ ଐକ୍ୟ ଓ ଜାତୀୟ ସଂହତି ସୁଦୃଢ଼ କରିବ । ତାହାହେଲେ ଯାଇ ଭାରତର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ । ଏଥିପାଇଁ ସେ ଆହ୍ୱାନ ଦେଇଥିଲେ ।

"ଜାତୀୟତା ପୋତେ ଜୀବନ ବୋଇତ
ଯୋଡ଼ିବା ତ ପ୍ରତି ଜନର ବିହିତ ।"

ଉତ୍କଳମଣି ଗୋପବନ୍ଧୁ ମହାନ ସେବା ଧର୍ମ ଓ ଜାତୀୟ ଜୀବନର ବଳିଷ୍ଠ ପରିପ୍ରେକ୍ଷୀ ଭାବରେ ପ୍ରତ୍ୟେକ ଜନ ମାନସରେ ସୁପରିଚିତ । ତାଙ୍କର ନିରବିଚ୍ଛିନ୍ନ ଦିବ୍ୟସାଧନା ଓ ଆଦର୍ଶବୋଧକୁ ନୈରାଶ୍ୟ, ବାଧା, ବିଘ୍ନ, ନିନ୍ଦା ଓ ଅପମାନ ପ୍ରତିହତ କରିପାରି ନଥିଲା । ତାଙ୍କର ଉଦ୍ଦେଶ୍ୟ ଥିଲା, ମହାଭାରତୀୟ ଜାତୀୟ ଆନ୍ଦୋଳନରେ ଉତ୍କଳ ବିଶିଷ୍ଟ ଭୂମିକା ଗ୍ରହଣ କରୁ । ଏଥିପାଇଁ ସେ ଓଡ଼ିଶାର ପ୍ରତ୍ୟେକ ଗାଁ ଗଣ୍ଡା ସବୁ ପାଦରେ ବୁଲି, ଲୋକଙ୍କୁ ବୁଝାଇ ଏକାଠି କରୁଥିଲେ । କେବଳ ଏତିକି ନୁହେଁ, ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ତାଙ୍କର ସହକର୍ମୀମାନଙ୍କ ସହ ଅଣ୍ଟାଭିଡ଼ି ଚୂଡ଼ା ଗୁଡ଼ଲ ଧରି ବିପନ୍ନ ଲୋକଙ୍କ ସେବାକୁ ନିଜ ଜୀବନର ବ୍ରତ କରି ନେଇଥିଲେ । ତ୍ୟାଗର ସେ ଥିଲେ ଜୀବନ୍ତ ଆଲେଖ୍ୟ । ତାଙ୍କ ସେବା, ଦେବାରେ କାର୍ପଣ୍ୟ ନଥିଲା । ଏ ଜାତିର ଦୁଃଖ, ଦୈନ୍ୟ ଓ ଦାରିଦ୍ର୍ୟ ଦେଖି ତାଙ୍କ ହୃଦୟରେ କୋହ ଓ ଆଖିରେ ଲୁହ ଭରିଯାଉଥିଲା । ତେଣୁ ସେ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସମୂହ ସ୍ୱାର୍ଥରେ ନିଜକୁ ନିୟୋଜିତ କରିଥିଲେ । ତେଣୁ ସେ ସ୍ପଷ୍ଟ ଭାବରେ କହିଛନ୍ତି–

"ନିଜ ସ୍ୱାର୍ଥ ପାଇଁ ଜାତି ନୁହେଁ ହିନ୍ଦୁ
ବିଶ୍ୱ ହିତେ ଦିନ୍ତୁ ପ୍ରତି ରକ୍ତ ବିନ୍ଦୁ ।"

ସେ ଉତ୍କଳର ଉନ୍ନତି କାମନା କରୁଥିଲେ । କିନ୍ତୁ ସେହି କାମନାର ମହାଭାରତୀୟତା ବା ବିଶ୍ୱପ୍ରାଣତା ସହିତ କୌଣସି ବିରୋଧ ନଥିଲା । କବିଙ୍କ ଭାଷାରେ–

"ଭାରତ ସରସେ ଉତ୍କଳ କମଳ
ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।"

ଏହା ହିଁ ପ୍ରକୃତରେ ଜାତୀୟବାଦୀ ଦୃଷ୍ଟିଭଙ୍ଗୀ । ଗୋପବନ୍ଧୁଙ୍କ ଦୃଷ୍ଟିରେ ଜାତି ପାଖରେ ବ୍ୟକ୍ତି ବଡ଼ ନୁହେଁ । ଜାତିର ସମ୍ମାନ ଓ ମର୍ଯ୍ୟାଦା ପାଇଁ ବ୍ୟକ୍ତିସ୍ୱାର୍ଥକୁ ବଳି ଦେବାକୁ ପଡ଼ିବ । ନିଜ ଜୀବନ ଦାନରେ ଅନ୍ୟର ମଙ୍ଗଳ ସାଧିତ ହୋଇ ପାରିଲେ ଜୀବନ ସାର୍ଥକ ହୁଏ । ତେଣୁ କବି ଗୋପବନ୍ଧୁ 'ଧର୍ମପଦ' କାବ୍ୟ ଗ୍ରନ୍ଥରେ ଅତ୍ୟନ୍ତ ଉଦାର ଭାବରେ ଲେଖିଛନ୍ତି–

"ଏ ଜଗତେ କାହା  ପୁଅ ବା କାହାର
ସମସ୍ତ ମାୟା ଭିଆଣ,
ସାର୍ଥକ ଜନମ  'ତା'ର ଏକା ପିନା
ପରହିତେ ଯା'ର ପ୍ରାଣ ।"

ଗୋପବନ୍ଧୁ ଏକ ସାରସ୍ୱତ ଶିଳ୍ପୀ । କୌଣସି ପରିଭାଷାର ମାପକାଠି ମଧ୍ୟରେ ତାଙ୍କର ବ୍ୟକ୍ତିସତ୍ତା ସୀମିତ ନୁହେଁ । ତାଙ୍କର ସାର୍ବଭୌମ କୃତି ଓ କୀର୍ତ୍ତିରେ ସେ ମହୀୟାନ୍, ଗରୀୟାନ୍ । ସେ ସାରା ବିଶ୍ୱର ଲୋକଙ୍କୁ ନିଜର ଜ୍ଞାତି, କୁଟୁମ୍ବ ବୋଲି ମନେ କରୁଥିଲେ । ସୌଭ୍ରାତୃତ୍ୱର ପୂତ–ଜାହ୍ନବୀ ସଦା ତାଙ୍କ ଅନ୍ତରରେ ପ୍ରବାହିତ ହେଉଥିଲା । ସେଥିପାଇଁ ସେ ଯଥାର୍ଥରେ କହିଥିଲେ–

"ସର୍ବେ ଆମ୍ଭେ ଏକ ଈଶ୍ୱର ସନ୍ତାନ
ସାଧା ବିଶ୍ୱ ହିତ ତେଜି ଅଭିମାନ ।"

ଗୋପବନ୍ଧୁ ଥିଲେ ଏକ ନୂତନ ଯୁଗର ନୂତନ ଧରଣର ଅଦ୍ୱିତୀୟ ବୀର । ପୂର୍ବ ବୀର ପୁରୁଷମାନଙ୍କ ପରି ସାହାସ, ଧୈର୍ଯ୍ୟ, ନିଷ୍ଠା ଆଦି ତାଙ୍କର ଥିଲା । ମାତ୍ର ନଥିଲା ତରବାରୀ । ତାହା ବଦଳରେ ତାଙ୍କ ହାତରେ ଥିଲା ଲେଖନୀ । ଲେଖନୀ ବି ତରବାରୀଠାରୁ ମଜବୁତ ପ୍ରମାଣିତ ହେଲା । ତେଣୁ କୁହାଯାଇଛି– "Pen is mighter than sword" ବାସ୍ତବରେ ଲେଖନୀ ରୂପକ ବଳିଷ୍ଠ ଅସ୍ତ୍ର ପ୍ରୟୋଗରେ ଗୋପବନ୍ଧୁ ଥିଲେ ଅଦ୍ୱିତୀୟ ରଥୀ । ତାଙ୍କର ବାଣୀ ସର୍ବଦ ବୀର୍ଯ୍ୟମୟ । ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ଶହୀଦର ସମ୍ମାନ ପାଇବା ନିମିତ୍ତ ସେ ଲାଳାୟିତ ନଥିଲେ, ଉଚ୍ଚ ପଦବୀ ଲାଭ ପାଇଁ ସେ କାରାବରଣ କରି ନଥିଲେ । ଦେଶବାସୀଙ୍କ ଆଖିରୁ ଲୁହ ପୋଛିବା ପାଇଁ ସେ ନିଜର ଅପମାନ ଓ ସ୍ୱାର୍ଥକୁ ପଛରେ ପକାଇ ବୀର ବିକ୍ରମରେ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ କାରାଦଣ୍ଡ ଭୋଗ କରିଥିଲେ । ଦେଶର ମୁକ୍ତି ପାଇଁ ସର୍ବଦା ସେ ଆତ୍ମଦାନ କରିବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି । ବରଂ ସ୍ୱେଚ୍ଛାକୃତ ଭାବେ ସେ ପ୍ରାଣଦେବାକୁ ପ୍ରସ୍ତୁତ । ଏ କଥା କେବଳ କବିତାରେ ଗାଇଲେ ନାହିଁ କାର୍ଯ୍ୟରେ ମଧ୍ୟ କରି ଦେଖାଇଦେଲେ । ତେଣୁ "ବନ୍ଦୀର ଆତ୍ମକଥା"ରେ କବି ନିଷ୍କାମ ବାଣୀ ଶୁଣାଇ ନାହାନ୍ତି ସତ: କିନ୍ତୁ ଯେଉଁ ବାଣୀ ଶୁଣାଇଛନ୍ତି ତାହା ନିଃସ୍ୱାର୍ଥପରତା, ବିଶ୍ୱହିତ ତଥା ଜାତୀୟତାର ମଧୁର ବାଣୀ । କବି ଗାଇଛନ୍ତି–

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ ।"

ମଣିଷ ଜନ୍ମ ହୋଇଛି, ମୃତ୍ୟୁ ସୁନିଶ୍ଚିତ । ମାତ୍ର ସେ ଜୀବିତାବସ୍ଥାରେ ତା' ପୌରୁଷର ପରାକାଷ୍ଠା ପ୍ରଦର୍ଶନ କରିଯିବା ଆବଶ୍ୟକ । ଭୀରୁ ଭାବରେ ପ୍ରାଣ ହରାଇବାଠାରୁ ବୀରତ୍ୱର ପରିଚୟ ଦେଇ ପ୍ରାଣ ହରାଇବାକୁ ଶ୍ରେୟସ୍କର ବୋଲି ମନେ କରିଛନ୍ତି । ସେହି ଆଦର୍ଶକୁ ଚୋଳି ଧରି କବି ଗୋପବନ୍ଧୁ ଲେଖିଛନ୍ତି–

"ଜା ପୁରୁଷ ପରି  ମରିବା ଜଗତେ
ନୁହେଁ ନର ପରାକ୍ରମ,
ପରହିତ ସାଧି  ମରେ ଯେ ମହୀରେ
ସେହି ଏକା ସୁପୁରୁଷ ।"

ଗୋପବନ୍ଧୁ ପଲ୍ଲୀର ବର୍ଣ୍ଣନାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଅବଲୋକନରେ ବିଭୋର ହୋଇନାହାନ୍ତି । ପଲ୍ଲୀପ୍ରାଣ

ଗୋପବନ୍ଧୁ ସୌନ୍ଦର୍ଯ୍ୟ ପିପାସୁ କବି ପରି ବାହ୍ୟ ସୌନ୍ଦର୍ଯ୍ୟରେ ଭୁଲି ଯାଇ ପଲ୍ଲୀର ଦୁଃଖଦୁର୍ଦ୍ଦଶାକୁ ଉତ୍ତମରୂପେ ହୃଦୟଙ୍ଗମ କରିଥିଲେ । କା ଲ୍ଲୀର ଦୁଃଖଦୁର୍ଦ୍ଦଶା ସେ ନିଜେ ଅଙ୍ଗେ ନିଭାଇଥିଲେ । ସାହୁକାର ଓ ଜମିଦାରମାନଙ୍କର ଅତ୍ୟାଚାର, କର ଚାର, ଶାଁ ଚାଉଟରଙ୍କର କୂଟନୀତି, ଅନ୍ଧ କୁସଂସ୍କାର, ସ୍ୱାର୍ଥବୁଦ୍ଧି, ବ୍ରିଟିଶ ଶାସନର ହଟଚମଟ ଖେଳ ପଲ୍ଲୀର ଅବନ୍ନତି ମୂଳରେ ରହିଥାଏ ବୋଲି ନିଜେ ଦେଖିଛନ୍ତି ଓ ନିର୍ଭୀକଭାବେ ସମାଜକୁ ଦେଖାଇଛନ୍ତି ।

ଗୋପବନ୍ଧୁ ସାର୍ବଜନୀନ ଜଗନ୍ନାଥ ସଂସ୍କୃତି ଓ ଭାଗବତ ଧର୍ମର ଆଲୋକରେ ତାଙ୍କର କାବ୍ୟିକ ବ୍ୟକ୍ତିତ୍ୱ ଓ ରାଜନୈତିକ ପୌରୁଷ ଦେଖାଇଛନ୍ତି । ତାଙ୍କର କବିତାର ଛନ୍ଦେ ଛନ୍ଦେ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟନିଷ୍ଠା, ଈଶ୍ୱରୈକନିଷ୍ଠା, ସତ୍ୟ ଅହିଂସାରେ ବିଶ୍ୱାସ ଫୁଟି ଉଠିଛି । ଉତ୍କଳୀୟ ସମାଜର ଦୁର୍ଦ୍ଦଶାରେ ବ୍ୟଥିତ କବି ଶେଷରେ ନୀଳାଚଳନାଥଙ୍କର ଶରଣାପନ୍ନ ହୋଇ ଗଭୀର ଆସ୍ଥା ଓ ବିଶ୍ୱାସ ରଖିଛନ୍ତି । ଭାରତୀୟ ନରନାରୀଙ୍କର ଅନ୍ତରର କାମନାର ପ୍ରାପ୍ତି ପାଇଁ ସେ ସେହି ନୀଳାଚଳନାଥଙ୍କୁ ଗୁହାରୀ କରିଛନ୍ତି । ନାରାୟଣଙ୍କଠାରେ ପ୍ରାର୍ଥନା କରିଛନ୍ତି । ନାରାୟଣଙ୍କୁ ଉତ୍କଳର ପ୍ରକୃତ ନେତା ରୂପେ ନେଇ ସ୍ୱୀୟ ନିରହଙ୍କାରିତ୍ୱର ପରିଚୟ ଦେଇଛନ୍ତି । ଉତ୍କଳବାସୀଙ୍କର ଦୁର୍ଗତି ଦେଖି ନୀଳାଚଳ ପତି ଅବତୀର୍ଣ୍ଣ ହୋଇଥିବାର ପରିକଳ୍ପନାରେ କବିଙ୍କର ଦେଶପ୍ରାଣ ଓ ଭକ୍ତିମତ୍ତା ଫୁଟିଉଠିଛି । ତେଣୁ କବି ଗୋପବନ୍ଧୁ ଏ ଦେଶକୁ ବିପର୍ଯ୍ୟୟରୁ ଉଦ୍ଧାର କରିବା ପାଇଁ ବାଟ ବଢ଼ାଇ ନେଇ କହିଛନ୍ତି ।–

"ନ ଅଟକେ କର୍ମ ନେତାର ଅଭାବେ
ଧର୍ମ–ନାବ ଚଳେ ଧର୍ମର ପ୍ରଭାବେ ।
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।"

ସୁତରାଂ ପୂଜ୍ୟ ଗୋପବନ୍ଧୁଙ୍କର ପ୍ରଚଣ୍ଡ ପ୍ରତିଭା, ଦେଶାତ୍ମବୋଧ, ଉଦାରମାନବତାବାଦ ଓ ବିଭୂଭକ୍ତି ପ୍ରଭୃତି ବିଭବରାଜି ତାଙ୍କୁ ମରଣର ଅମୃତ ସୋପାନକୁ ଆରୋହଣ କରାଇଛି । ଗୋପବନ୍ଧୁ ଆଜି ଆଉ ଇହଧାମରେ ନାହାନ୍ତି ସତ, ମାତ୍ର ରହିଛି କେବଳ ତାଙ୍କ ଲିଖିତ 'ଧର୍ମପଦ', 'କାରାକବିତା', 'ବନ୍ଦୀର ଆତ୍ମକଥା' ଜରିଆରେ ଦେଶବାସୀଙ୍କ ପାଇଁ ଉତ୍ସାହପ୍ରଦ ଆହ୍ୱାନ । ତାଙ୍କର ଜୀବନ କାହାଣୀ ଉତ୍କଳର ଏକ ଚତୁର୍ଥାଂଶ ଶତାବ୍ଦୀର ଇତିହାସ । ସାମ୍ପ୍ରତିକ ପରିସ୍ଥିତିରେ ସେଇ ପୁଣ୍ୟାତ୍ମା, ନିଷ୍ପାପର ସାଧକ, ମହାନ ଦେଶସେବକ ଗୋପବନ୍ଧୁଙ୍କର ଅମର ବାଣୀ ସବୁରି ମନପ୍ରାଣକୁ ମାନବିକତାର ମନ୍ତ୍ରରେ ଉଦବୁଦ୍ଧ କରୁ, ଏତିକି ମାତ୍ର କାମନା ।

---

ଗବେଷକ, ଓଡ଼ିଆ ବିଭାଗ,
କ୍ୱାଟର ନମ୍ବର ୨–ଆର୍.ବି: (ସ୍ପେଟ୍) ୫୭/୧୧,
ୟୁନିଟ୍–୯, ଭୁବନେଶ୍ୱର ।



ବିଶ୍ୱ ବ୍ୟାଙ୍କ୍ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ବିଧାନ ସଭା ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି ।

# ଆମେ ଓଡ଼ିଆ, ବିଶ୍ୱେ ବଢ଼ିଆ

ଶ୍ରୀ ବଂଶୀଧର ଖୁଣ୍ଟିଆ

ଆମେ ଓଡ଼ିଆ, ବିଶ୍ୱେ ବଢ଼ିଆ, ଆଉ କେ ଆମ ପରି,
ସାରା ଜଗତେ, ନାଁ କରିବ, ମହତ କାମ କରି ।

ଓଡ଼ିଆ ପୁଅ, ନାଁ ଆମର, ଓଡ଼ିଶା ଆମ ଘର,
ଏକ ମାଆର, ସନ୍ତାନ ଆମେ, କେହି ନୁହନ୍ତି ପର ।

ପାଠ ପଢ଼ିବା, ମଣିଷ ହେବା, ଗୁଣରେ ହୋଇ ସାର,
ଇତିହାସରେ, ରଖିବା ଆମେ, କେତେ ଅଲିଭା ଗାର ।

ଆମ ଅତୀତ, ଅତି ମହତ, ଯାଇଛି ସିନା ଗୁଳି,
ଇତିହାସର, ସେହି କାହାଣୀ, କିଏରେ ଯିବ ଭୁଲି ।

ଆସିଲେ ଦିନେ, ମଗଧୁ ଧାଇଁ, ଅଶୋକ ଚଣ୍ଡାଶୋକ,
ଧଉଳି ତଳେ, ରଚିଲେ ଲୀଳା, ଦେଖାଇ ନିଜ ଟେକ ।

ବୀର ଓଡ଼ିଆ, ହୁଙ୍କାର ତୋଳି, ଜୀବନ ଦେଲା ଢାଳି,
ଦେଖି ଏ ଦୃଶ୍ୟ, ଧଉଳି ତୁଳେ, ଅଶୋକ ହେଲେ ଭାଳି ।

ଓଡ଼ିଶା ଭୂଇଁ, କି ଶିକ୍ଷା ଦେଲା, ଶପଥ ନେଲେ ବସି,
"ବିଶ୍ୱ ହିତରେ, ଜୀବନ ଦେବି, ଧରିବି ନାହିଁ ଅସି" ।

ଏହି ମାଟିରେ, ଥାପିଣ ପାଦ, ହେଲେ ସେ ଧର୍ମାଶୋକ,
ଇତିହାସର, ଏହି କାହାଣୀ, ରଖିଛି ଆମଟେକ ।

ଜାଣିଛ କିରେ, କେଉଁଜାତିର, ମାନ ମହତ ପାଇଁ ।
ସମର କ୍ଷେତ୍ରେ, ଉଭା ହୁଅନ୍ତି, ନିଜେ ଜଗତ ସାଇଁ ।

ଆମେରେ ସେହି, ଓଡ଼ିଆ ପୁଅ, ଆମରି ପାଇଁ ସିନା,
ଜଗତ ନାଥ, ବଡ ଠାକୁର, ତୋଳିଲେ ଜୟ ବାନା ।

ନୁହେଁରେ ଏହା, ସାମାନ୍ୟ ମାଟି, ସରଗ ନୁହେଁ ସରି,
ଏହାରି କୋଳେ, ସବୁରି ସ୍ଥାନେ, ଦେବତା ଛନ୍ତି ପୂରି ।

କୋଣାର୍କ ଆଜି, ନିରବେ ବସି, ମଉନେ କହେ କଥା,
ଫିରିଙ୍ଗି ହାତେ, ଯାଇଛି କଟି, ଆଜି ପା ତା'ର ମଥା ।

ବୀର ବରେଣ୍ୟ, ଓଡ଼ିଆ ପୁଅ, ଧରମା ସିନା ନାହିଁ,
ତା'ର କୀରତି, ଯୁଗ ଯୁଗକୁ, ଅଛି ଅଲିଭା ହୋଇ ।

ବାଳୁତ ପୁଅ, ବାଜିଆରାଉତ, ଏ ଦେଶ ପାଇଁ ହସି,
ଆମ ଜାତିର, ରକ୍ଷିଣ ଟେକ, ପରାଣ ଦେଲା ଖୁସି ।

ଓଡିଆ ପୁଅ, ଜିଣିଲା ଦିନେ, ଗଙ୍ଗାରୁ ଗୋଦାବରୀ,
ସାଗର ଜଳେ, ବୋଇତ ମେଲି, ଗଲା ବଣିଜ କରି ।

ନୀଳ ଦରିଆ, ରହିଛି ସାକ୍ଷୀ, ଗାଉଛି ସେହି ଗାଥା,
ସାରା ଜଗତ, ହୁଏ ଚକିତ, ଶୁଣିଣ ଏହି କଥା ।

କେତେ କୀରତି, ଅଛନ୍ତି ରଚି, ନାହିଁ ତୁଳନା ତା'ର,
ସେହି ଜାତିର, ଆମେ ପା ସର୍ବେ, ଅଟନ୍ତି ବଂଶଧର ।

ସେହି ଗାରିମା, ଗୌରବ ହେଜି, ଯିବାରେ-କାମକରି,
ସାରା ଜଗତେ, ବାଜି ଉଠିବ, ଆମରି ଜୟ ଭେରୀ ।

---

ଖଣ୍ଡଚଡ଼ା ମିଃ ଲଃ ବିଦ୍ୟାଳୟ,
ସାଃ/ପୋଃ- ମଉଦା,
ଥାନା- ଭଦ୍ରକ, ଜିଃ- ଭଦ୍ରକ ।



ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା କେତେକ ସାମ୍ବାଦିକ ଓ ବିଭାଗୀୟ ଶାସନ ସଚିବ ଶ୍ରୀ ଆର୍‌. କେ. ପଣ୍ଡାଙ୍କ ସହିତ ମାର୍କେଟ୍‌କୁ ଯାଇ ପିଆଜର ଖୁଚୁରା ବିକ୍ରୟ ମୂଲ୍ୟ ତଦାରଖ କରୁଛନ୍ତି ।

# ସମନ୍ୱିତ ମାଛଚାଷ

ଶ୍ରୀ ସଂଗ୍ରାମ କେଶରୀ ରାଉତ

ଓଡ଼ିଶା ଏକ ଉପକୂଳବର୍ତ୍ତୀ ରାଜ୍ୟ । ଏହାର ଉପକୂଳବର୍ତ୍ତୀ ରେଖା ୪୮୦ କି.ମି । ପୃଥିବୀର ସର୍ବବୃହତ ଲେଗୁନ୍ "ଚିଲିକା" ଏଠାରେ ଅବସ୍ଥିତ । "ମହାନଦୀ", "ସୁବର୍ଣ୍ଣରେଖା", "ଋଷିକୁଲ୍ୟା", "ଖରସ୍ରୋତା", "ବଂଶଧାରା", "ବୁଢ଼ାବଳଙ୍ଗ", "କାଠଯୋଡ଼ି", "କୁଆଖାଇ", "ତେଲ", "ଇବ୍" ଇତ୍ୟାଦି ବହୁ ନଦୀ, ଉପନଦୀ, ଶାଖାନଦୀ ଓଡ଼ିଶାରେ ପ୍ରବାହିତ । ଏହା ବ୍ୟତୀତ ବହୁ ପୋଖରୀ, ଜଳାଶୟ, କେନାଲ ମଧ୍ୟ ଓଡ଼ିଶାରେ ଅଛି । ଏହାସତ୍ତ୍ୱେ ଓଡ଼ିଶାର ମାଛ ଉତ୍ପାଦନର ପରିମାଣ ଯଥେଷ୍ଟ ନୁହେଁ । ମାଛ ପାଇଁ ଓଡ଼ିଶାର ଲୋକମାନେ ପଡ଼ୋଶୀ ରାଜ୍ୟମାନଙ୍କ ଉପରେ ନିର୍ଭର କରନ୍ତି । ଅଧିକ ମାଛ ଉତ୍ପାଦନ କରିବାରେ ଏବଂ ମାଛ ଚାଷକୁ ଲାଭଜନକ କରିବାରେ "ସମନ୍ୱିତ ମାଛ ଚାଷ"ର ଅବଦାନ ଉଲ୍ଲେଖନୀୟ ।

"ସମନ୍ୱିତ ଚାଷ"ର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ ହେଲା, ଅଳ୍ପ ଖର୍ଚ୍ଚରେ ସ୍ୱଳ୍ପ ସମୟରେ ଓ କମ୍ ଜମିରେ ଏକକାଳୀନ ଏକାଧିକ ଫସଲ ଉତ୍ପାଦନ କରିବା । "ସମନ୍ୱିତ ମାଛ ଚାଷ"ର ଉଦ୍ଦେଶ୍ୟ, ମାଛ ସହ ଅନ୍ୟାନ୍ୟ ଜୀବ ଯଥା:- ବତକ, କୁକୁଡ଼ା, ଘୁଷୁରୀ, ଗାଈ, ଧାନ, କଦଳୀ ଇତ୍ୟାଦି ଚାଷ କରିବା । ଏହା ଦ୍ୱାରା ଅନ୍ୟାନ୍ୟ ଚାଷରୁ ମିଳୁଥିବା ଉପଜାତକୁ ମାଛ ପୋଖରୀରେ ପ୍ରୟୋଗ କରି ମାଛ ଚାଷର ଖର୍ଚ୍ଚ କମାଯାଇ ପାରିବ ଓ ମାଛ ଉତ୍ପାଦନର ପରିମାଣ ବଢ଼ା ଯାଇପାରିବ ।

## ମାଛ ସହ ବତକ ଚାଷ :

"ମାଛ ସହିତ ବତକ ଚାଷ" ସବୁଠୁଁ ଅଧିକ ଲାଭଜନକ ହୋଇଥାଏ । ବତକକୁ ସାଧାରଣତଃ "ଜୀବନ୍ତ ଖତସାର ପ୍ରୟୋଗ ଯନ୍ତ୍ର" କୁହାଯାଏ । ବତକ ଦିନରେ ପ୍ରାୟ ଅଧିକ ସମୟ ପାଣିରେ ରହିଥାଏ । ତେଣୁ ଏହାର ମଳକୁ ପୋଖରୀରେ ପ୍ରୟୋଗ କରିବା ପାଇଁ ଅଧିକ ପରିଶ୍ରମ ପଡ଼େ ନାହିଁ । ବତକର ମଳରେ ୨୫ ପ୍ରତିଶତ ଜୈବିକ, ୭୦ ପ୍ରତିଶତ ଅଜୈବିକ ବସ୍ତୁ ଥାଏ । ଏହାଛଡ଼ା କାର୍ବନ, ଯବକ୍ଷାରଜାନ, ପଟାସ୍, ଫସଫରସ୍ ମଧ୍ୟ ଏଥିରେ ଥାଏ । ତେଣୁ ବତକ ମଳ ପ୍ରୟୋଗରେ ପୋଖରୀର ପ୍ରାକୃତିକ ମାଛ ଖାଦ୍ୟ ଯଥା–ପ୍ରାଣୀ ପ୍ଲବ ଓ ଉଦ୍ଭିଦ ପ୍ଲବର ଉତ୍ପାଦନ ବଢ଼ିଥାଏ । କେତେକ ମାଛ ମଧ୍ୟ ବତକ ମଳକୁ ସିଧାସଳଖ ଖାଦ୍ୟ ରୂପେ ବ୍ୟବହାର କରନ୍ତି ।

ବତକମାନେ ପୋଖରୀରୁ ଅନାବଶ୍ୟକ ପୋକ, ଯୋକ, ଦଳ ଖାଇ ପୋଖରୀ ପରିବେଶକୁ ସ୍ୱଚ୍ଛ ରଖନ୍ତି । ଏପରି ଚାଷରେ ଉଭୟ ମାଛ ଓ ବତକ ପାଇଁ ଖାଦ୍ୟ ଖର୍ଚ୍ଚ ନଥାଏ । ବତକ ପାଇଁ ଭାସମାନ ଘର ବା ଖିଲଘର ପାଣି ଉପରେ ଚାଷୀ ତିଆରି କରିଥାଏ । ଫଳରେ ଗୋଟିଏ ଯାଗାରେ ଉଭୟ ଚାଷ କରାଯାଇପାରେ । କିଛି ଦିନ ଅଭ୍ୟାସ ପରେ, ବତକମାନେ ଠିକ୍ ସମୟରେ ପାଣି ଭିତରକୁ ଯିବା ଓ ଠିକ୍ ସମୟରେ ପାଣିରୁ ଉଠି ନିଜ ଘରକୁ ଚାଲି ଆସିବାର ଦେଖାଯାଏ । ମାଛ ପୋଖରୀର ପ୍ରଧାନ ଚୋର ଶ୍ରେଣୀ, ବତକ ରଖିବା ଦ୍ୱାରା ଏହା କିଛି ପରିମାଣରେ କମା ଯାଇପାରେ । କୌଣସି ସମୟରେ କେହି ବ୍ୟକ୍ତି ପୋଖରୀକୁ ପ୍ରବେଶ କଲେ, ବତକମାନେ ଉଚ୍ଚ ସ୍ୱରରେ ରାବନ୍ତି ଓ ଚାଷୀକୁ ମାଛ ଚୋରୀର ବିପଦମୁକ୍ତ କରିବାରେ ସାହାଯ୍ୟ କରନ୍ତି ।

ଏକ ହେକ୍ଟର ପୋଖରୀ ପାଇଁ ପ୍ରାୟ ୧୦୦ରୁ ୩୦୦ ବତକ ରଖାଯାଏ । ବତକ ସହ ପୋଖରୀରେ ଭାକୁର, ରୋହୀ, ମିରିକାଲି, ବିଲାତି ରୋହୀ, ସିଲଭର କାର୍ପ ଇତ୍ୟାଦି ମାଛ ଚାଷ କରାଯାଏ । ଚାଷୀ ଏକକାଳୀନ ଅଣ୍ଡା, ମାଛ ଓ ମାଂସ ଉତ୍ପାଦନ କରିବାକୁ ସକ୍ଷମ ହୋଇଥାଏ । କିନ୍ତୁ ଚାଷର ଆରମ୍ଭରେ ଚାଷୀକୁ ମାଛର ଆକାର ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ । ଚାଷ ଆରମ୍ଭରେ ମାଛ ଯାଆଁଳର ଆକାର ୧୦୦ ସେ.ମି.ରୁ ଅଧିକ ହେବା ଆବଶ୍ୟକ । ନହେଲେ ବତକମାନେ ମାଛ ଯାଆଁଳକୁ ଖାଇଯିବାର ସମ୍ଭାବନା ବହୁତ ଅଧିକ ।

## ମାଛ ସହ କୁକୁଡ଼ା ଚାଷ :

ମାଛ ପୋଖରୀରେ କୁକୁଡ଼ା ମଳ ପ୍ରୟୋଗ ଦ୍ୱାରା ପୋଖରୀ ପାଣି ଉର୍ବର ହୋଇ ପ୍ରାକୃତିକ ମାଛ ଖାଦ୍ୟ ଉତ୍ପନ୍ନ ହୁଏ । ଏହା ମଧ୍ୟ କେତେ ମାଛଙ୍କର ସିଧାସଳଖ ଖାଦ୍ୟ ରୂପେ ବ୍ୟବହୃତ ହୁଏ । କୁକୁଡ଼ାର ମଳ ଯବକ୍ଷାରଜାନ ଓ ଫସ୍‌ଫରସ୍‌ଯୁକ୍ତ ହୋଇଥାଏ । ତେଣୁ ମାଛ ପୋଖରୀରେ ଏହାର ବ୍ୟବହାର ଦ୍ୱାରା ଅନ୍ୟାନ୍ୟ କୃତ୍ରିମ ଖତ, ସାର ବା ଖାଦ୍ୟର ଆବଶ୍ୟକତା ନଥାଏ । ଏକ ହେକ୍ଟର ପୋଖରୀ ପାଇଁ ପ୍ରାୟ ୨୫୦ଟି କୁକୁଡ଼ା ରଖାଯାଏ । କୁକୁଡ଼ା ପାଇଁ ବାଉଁଶର ଘର ପୋଖରୀ ହୁଡ଼ାରେ ତିଆରି କରାଯାଏ । ଏହା ଦ୍ୱାରା ସ୍ଥାନସଂରକ୍ଷଣ ସହ ଚାଷୀ ବହୁତ ଲାଭବାନ ହୁଏ । ଏକକାଳୀନ ସ୍ୱଳ୍ପ ଖର୍ଚ୍ଚରେ କୁକୁଡ଼ା ପକ୍ଷୀ,

ମାଂସ ଓ ମାଛ ଉତ୍ପାଦନ କରି ହୁଏ । ଏଥିରେ କେବଳ କୁକୁଡ଼ା ପାଇଁ ଖାଦ୍ୟ ଆବଶ୍ୟକ ଥାଏ । କିନ୍ତୁ ପୋଖରୀରେ ବଢୁଥିବା ମାଛ ପାଇଁ କୌଣସି ସାର ବା ଖାଦ୍ୟ ଆବଶ୍ୟକ ନଥାଏ । ମାଛ ଉତ୍ପାଦନର ପରିମାଣ ମଧ୍ୟ ଅଧିକ ହୁଏ । କୁକୁଡ଼ା ସହ ରୋହୀ, ଭାକୁର, ମିରିକାଳି, ବିଲାତି କଉ (ଟିଲାପିଆ), ବିଲାତି ରୋହୀ (କମନ କାର୍ପ), ଗଡ଼ିଶା, ଶେଉଳ, ଚିଙ୍ଗୁଡ଼ି ଇତ୍ୟାଦି ଚାଷ କରାଯାଏ ।

ଓଡ଼ିଶାବାସୀଙ୍କ ମଧ୍ୟରୁ ଅଧିକାଂଶ ଘୁଷୁରୀ ମାଂସ ଖାଆନ୍ତି ନାହିଁ । କିନ୍ତୁ ମାଛ ସହ ଘୁଷୁରୀ ଚାଷ କରାଗଲେ ଚାଷୀଙ୍କୁ ବହୁତ ଲାଭ ମିଳେ । ଓଡ଼ିଶାର କେତେକ ଅଞ୍ଚଳରେ ଘୁଷୁରୀ ପାଳିବା ଏକ ପ୍ରକାର ପେଶା । ସେହି ଅଞ୍ଚଳମାନଙ୍କରେ ଏପରି ଚାଷ କରାଗଲେ ଲୋକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଘଟିବ । ଆଜିକାଲି ଭାରତର ବିଭିନ୍ନ ସ୍ଥାନରେ ଏପରି ଚାଷ କରାଗଲାଣି । ଏହା ଦ୍ୱାରା ଉନ୍ନତମାନର ଘୁଷୁରୀ ଚାଷ କରାଯାଇ ମାଂସ ଆମଦାନୀ କରାଯାଇ ପାରୁଛି ।

ଘୁଷୁରୀ ପାଇଁ ଘରଗୁଡ଼ିକ ପୋଖରୀ ବନ୍ଧ ଉପରେ ତିଆରୀ କରାଯାଇଥାଏ । ଏହାର ମଳରୁ ପ୍ରଥମେ ମିଥେନ୍ ଗ୍ୟାସ୍ ଉତ୍ପନ୍ନ କରି ଘରର ଆବଶ୍ୟକତା ପୂରଣ କରାଯାଏ । ବ୍ୟବହୃତ ତରଳ ମଳକୁ ପୋଖରୀରେ ପ୍ରୟୋଗ କରାଯାଏ । ଉନ୍ନତ ଧରଣର ମାଛମାନେ ଘୁଷୁରୀ ମଳକୁ ସିଧାସଳଖ ଖାଦ୍ୟ ରୂପେ ବ୍ୟବହାର କରନ୍ତି । ଏହି ମଳରୁ ପ୍ରାୟ ୭୦ ପ୍ରତିଶତ ମାଛ ଖାଦ୍ୟ ମିଳିଥାଏ । ଏକ ହେକ୍ଟର ପୋଖରୀ ପାଇଁ ୭୦ରୁ ୧୦୦ଟି ଘୁଷୁରୀ ଯଥେଷ୍ଟ । ଏପରି ଚାଷରେ ମାଛ ପୋଖରୀରେ ଅଧିକ ଖତ, ସାର ବା ଖାଦ୍ୟର ଆବଶ୍ୟକତା ନଥାଏ । ବିଲାତି ରୋହୀ, ରୋହୀ, ଭାକୁର, ସିଲ୍ଭର କାର୍ପ, ଗ୍ରାସ କାର୍ପ ଇତ୍ୟାଦି ମାଛ ଘୁଷୁରୀ ସହ ଚାଷ କରାଯାଏ ।

## ଗାଈ ସହ ମାଛ ଚାଷ :

ଏପରି ଚାଷ ଓଡ଼ିଶାରେ ପ୍ରାୟ ସମ୍ଭବ । ପୋଖରୀ ନିକଟବର୍ତ୍ତୀ କୌଣସି ଏକ ସ୍ଥାନରେ ବା ପୋଖରୀ ବନ୍ଧ ଉପରେ ଗୁହାଳ କରି ସେଥିରେ ଗାଈ ରଖାଯାଏ । ଗୋବରରୁ ପ୍ରଥମେ ମିଥେନ୍ ଗ୍ୟାସ୍ ବାହାର କରି ଘରେ ବ୍ୟବହାର କରାଯାଏ । ଏହାପରେ ସେହି ବ୍ୟବହୃତ ଗୋବରକୁ ପୋଖରୀରେ ପ୍ରୟୋଗ କରାଯାଏ । ଏହା ପୋଖରୀକୁ ଉର୍ବର କରେ । ପୋଖରୀରେ ପ୍ଲବଜୀବର ପରିମାଣ ବଢ଼ିଥାଏ । ଏହା ଦ୍ୱାରା ମାଛମାନଙ୍କ ପାଇଁ ଅନ୍ୟାନ୍ୟ ଖାଦ୍ୟ ଆବଶ୍ୟକ ନଥାଏ । ଗାଈମାନଙ୍କଠାରୁ କ୍ଷୀର ଆମଦାନୀ କରାଯାଏ ।

## ଧାନ ସହ ମାଛ ଚାଷ :

ଧାନ ସହ ମାଛ ଚାଷ କରିବା ଏକ ପୁରୁଣା ପଦ୍ଧତି । ଅଳ୍ପ ସମୟରେ ଅଧିକ ବଢୁଥିବା ମାଛମାନଙ୍କୁ ଏହି ପଦ୍ଧତିରେ ଚାଷ କରାଯାଏ । ସାଧାରଣତଃ ଯେଉଁ ଧାନ ଅଧିକ ପାଣିରେ ବା ଖାଲୁଆ ଜମିରେ ବଢ଼ିପାରେ, ସେହି ଧାନକୁ ନେଇ ଏ ପ୍ରକାର ଚାଷ କରାଯାଏ । ଏକକାଳୀନ ମାଛ ବା ଧାନ ଗୋଟିଏ କିଆରୀରେ ବଢ଼େ । ଧାନ ଅମଳକ୍ଷମ ହେବାବେଳକୁ ପ୍ରଥମେ ପାଣି ନିଗାଡ଼ି ମାଛ ଅମଳ କରାଯାଏ । ତା'ପରେ ଧାନ ଅମଳ କରାଯାଏ । ଆଜିକାଲି ବିଭିନ୍ନ ଉପାୟରେ ଏହି ଚାଷ କରାଯାଉଛି । ଭାରତର ବହୁ ରାଜ୍ୟରେ ଏହି ଚାଷ କରାଯାଏ । ଏପରି ଚାଷରୁ ସାଧାରଣ ଚାଷ ଅପେକ୍ଷା ଅଧିକ ଧାନ ଅମଳ ହେବାର ସୂଚନା ଅଛି । ମାଛମାନେ ଧାନ ଜମିରୁ ପୋକଯୋକ ଇତ୍ୟାଦି ଖାଇ ଧାନ ଗଛ ପାଇଁ ସୁସ୍ଥ ପରିବେଶ ତିଆରି କରନ୍ତି । କିନ୍ତୁ ଚାଷୀଙ୍କୁ ଏଥିରେ କେତେକ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ । ଧାନ କିଆରୀରେ ଏପରି କୀଟନାଶକ ଔଷଧ ବ୍ୟବହାର କରିବା ଦରକାର ଯାହା ମାଛମାନଙ୍କ ପାଇଁ କ୍ଷତିକାରକ ହୋଇ ନଥିବ । ଭାକୁର, ରୋହୀ, ମିରିକାଳି, ବିଲାତି ରୋହୀ, ଟିଲାପିଆ, କଉ, ଶେଉଳ, ଗଡ଼ିଶା ଇତ୍ୟାଦି ମାଛ ଧାନ ଜମିରେ ଚାଷ କରାଯାଏ ।

## କଦଳୀ, ନଡ଼ିଆ ସହ ମାଛ ଚାଷ :

ବଡ଼ ବଡ଼ ମାଛପୋଖରୀ ହୁଡ଼ାରେ ବା ବନ୍ଧ ଉପରେ କଦଳୀ ଚାଷ କରାଯାଏ । ତେଣୁ ନଡ଼ିଆ ଗଛ ଓ କଦଳୀ ଗଛ ପାଇଁ ଆବଶ୍ୟକ ପାଣି ପୋଖରୀରୁ ମିଳିଥାଏ । ପୋଖରୀ ବନ୍ଧକୁ ମଧ୍ୟ ପରିଷ୍କାର ରଖିବା ଓ ଅତ୍ୟଧିକ ସୂର୍ଯ୍ୟ କିରଣରେ ଗରମ ନକରି ଥଣ୍ଡା ରଖିବାରେ ଏହି ଗଛଗୁଡ଼ିକ ସାହାଯ୍ୟ କରନ୍ତି । ଏହାଛଡ଼ା ଯେଉଁଠାରେ ବଡ଼ ବଡ଼ ଜମିମାନଙ୍କରେ କେବଳ ନଡ଼ିଆ ବା କଦଳୀ ଚାଷ କରାଯାଏ, ସେଥିରେ ପାଣି ମଡ଼ାଇବା ପାଇଁ ଦୁଇ ଧାଡ଼ି ଗଛ ମଧ୍ୟରେ ଗହୀରିଆ ନାଳ ତିଆରି କରାଯାଇଥାଏ । ସେସବୁ ନାଳମାନଙ୍କରେ ମଧ୍ୟ ଅଳ୍ପ ପାଣିରେ ବଢୁଥିବା ମାଛ ଯଥା–ଗଡ଼ିଶା, ଶେଉଳ, ସିଂଗି, ମାଗୁର, ଇତ୍ୟାଦି ଚାଷ କରାଯାଇ ପାରେ । ଏହା ଦ୍ୱାରା ଚାଷୀ ଏକକାଳୀନ ଏକାଧିକ ଫସଲ ଆମଦାନୀ କରିବାକୁ ସକ୍ଷମ ହୁଏ ।

ଆଜିକାଲି ଉନ୍ନତ ପ୍ରଣାଳୀରେ ମାଛ ସହ ବତକ, କୁକୁଡ଼ା, ଘୁଷୁରୀ, ଗାଈ, ଧାନ ଇତ୍ୟାଦି ଚାଷ କରାଯାଇ ଅଳ୍ପ ପରିଶ୍ରମ ଓ ଅଳ୍ପ ଖର୍ଚ୍ଚରେ ବହୁତ ଲାଭ ମିଳିପାରୁଛି । ଓଡ଼ିଶାର ଗରୀବ ଚାଷୀମାନଙ୍କ ପାଇଁ ଏହା ଏକ ସହଜ ସୁଲଭ ଉପାୟ । ସମନ୍ୱିତ ମାଛ ଚାଷ ଅର୍ଥନୈତିକ ଉନ୍ନତିରେ ପ୍ରକୃଷ୍ଟ ଉଦାହରଣ । ଏହା ଦ୍ୱାରା ଜନବହୁଳ ରାଜ୍ୟ ବା ଦେଶ ପାଇଁ ଉପଯୁକ୍ତ ପରିମାଣର ପୁଷ୍ଟିସାର ଯୁକ୍ତ ଖାଦ୍ୟ ଉତ୍ପାଦନ ସମ୍ଭବ ହୋଇଥାଏ ।

**ଜୁନିୟର ରିସର୍ଚ୍ଚ ଫେଲୋ,**
**ଆକ୍ୱାକଲଚର ମତ୍ସ୍ୟ ବିଜ୍ଞାନ,**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,**
**ଭୁବନେଶ୍ୱର–୩ ।**

# ବିପ୍ଳବୀ ରତ୍ନା ନାୟକ

ଦେବାଶିଷ ଚକ୍ରବର୍ତ୍ତୀ

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ସମଗ୍ର ଦେଶରେ ଅଭୂତପୂର୍ବ ଜନଜାଗରଣ ଦେଖା ଦେଇଥିଲା । ୧୮୫୭ ମସିହାର ସିପାହୀ ବିଦ୍ରୋହ ଏହି ଜାଗରଣର ଆଦ୍ୟ ସ୍ଫୁରଣ ହୋଇଥିଲେ ମଧ୍ୟ ଏହାପରେ ଭାରତର ଅଣେ କଣେ କୋଣେ ଯେଉଁ ଜାଗୃତିର ମହାମନ୍ତ୍ରର ଉଦ୍‌ଘୋଷଣ ହୋଇଥିଲା ନିରପେକ୍ଷ ଗବେଷଣା ଅଭାବରୁ ଆଜି ତାହା ଲୋକଲୋଚନକୁ ଆସିପାରି ନାହିଁ । ଫଳରେ ଆଜି ତାହା ପ୍ରାୟ ବିସ୍ମୃତ ହୋଇଯାଇଛି । ଘନ ଅରଣ୍ୟାନୀ ବେଷ୍ଟିତ ଏଇ କେନ୍ଦୁଝରର ବନବାସୀ ଆଦିବାସୀ ରତ୍ନା ନାୟକଙ୍କ ନେତୃତ୍ୱରେ ସଙ୍ଗଠିତ ଜନ ଆନ୍ଦୋଳନ କେନ୍ଦୁଝରର ସଂସ୍କୃତିର ସୁରକ୍ଷା ପାଇଁ ଇଂରେଜ ସରକାରଙ୍କ ସ୍ୱୈରାଚାରୀତା ବିରୁଦ୍ଧରେ ଥିଲା ଏକ ଦୃଢ଼ ଆହ୍ୱାନ ।

କେନ୍ଦୁଝରର ମହାରାଜା ତୀର୍ଥାଟନରେ କଲିକତା ନିକଟସ୍ଥ ତ୍ରିବେଣୀକୁ ଯାଉଥିବା ବେଳେ ୧୮୬୧ ମସିହା ମାର୍ଚ୍ଚ ୨୨ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ସେତେବେଳେ ତାଙ୍କ ପାଟରାଣୀ ବିଷ୍ଣୁପ୍ରିୟା ଦେବୀଙ୍କ ଗର୍ଭରୁ କୌଣସି ସନ୍ତାନ ନଥିଲେ । ମହାରାଣୀ ବିଷ୍ଣୁପ୍ରିୟା ପ୍ରକାଶକଲେ କି ମହାରାଜା ଗଦାଧର ନାରାୟଣ ଭଞ୍ଜ ତାଙ୍କ ମୃତ୍ୟୁ ପୂର୍ବରୁ ମୟୂରଭଞ୍ଜର ରାଜପୁତ୍ର ବୃନ୍ଦାବନ ଚନ୍ଦ୍ରଙ୍କୁ ତାଙ୍କ ପୋଷ୍ୟପୁତ୍ର କରିବାକୁ ମନସ୍ଥ କରି ତାଙ୍କ ଅନ୍ତେ ସେ କେନ୍ଦୁଝର ରାଜ୍ୟର ରାଜା ହେବେ ବୋଲି ସ୍ଥିର କରି ଯାଇଛନ୍ତି । ତେଣୁ ବିଷ୍ଣୁପ୍ରିୟା ରାଜକୁମାର ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ କେନ୍ଦୁଝରର ରାଜଗାଦିରେ ଅଧିଷ୍ଠିତ କରାଇବାକୁ ମନସ୍ଥ କଲେ । ମାତ୍ର ମୃତ ରାଜାଙ୍କ ଫୁଲବିବାହୀ ପୁତ୍ର ଧନୁର୍ଜ୍ଜୟ ରାଜଗାଦି ପାଇବେ ବୋଲି କେତେକ ତତ୍‌କାଳୀନ ଦେୱାନ ନନ୍ଦ ଧଳଙ୍କ ନେତୃତ୍ୱରେ ଦାବୀ କଲେ । ଦେୱାନ ନନ୍ଦ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୮୬୧ ମସିହା ଅପ୍ରେଲ ୩ ତାରିଖରେ ନାବାଳକ ଧନୁର୍ଜ୍ଜୟ ସିଂହାସନରେ ଅଧିଷ୍ଠିତ ହେଲେ । ଏହିଠାରୁ ବିବାଦର ସୂତ୍ରପାତ ହେଲା ।

ଏହାର ପ୍ରତିବାଦ କରି ବିଷ୍ଣୁପ୍ରିୟା ୧୮୬୧ ମସିହା ଅପ୍ରେଲ ୯ ତାରିଖ ଦିନ ଏକ ଦରଖାସ୍ତ ତତ୍‌କାଳୀନ କମିଶନର ଟମାସ୍ ଏଡ୍‌ୱାର୍ଡ ରେଭେନ୍‌ସାଙ୍କ ନିକଟରେ ଦାଖଲ କଲେ । ଧନୁର୍ଜ୍ଜୟଙ୍କ ସ୍ଥାନରେ ବୃନ୍ଦାବନ ଚନ୍ଦ୍ରଙ୍କୁ କେନ୍ଦୁଝରର ରାଜା ବୋଲି ଘୋଷଣା କରିବାକୁ ଦାବୀ ଉପସ୍ଥାପନ କଲେ । ମାତ୍ର କମିଶନର ବିଷ୍ଣୁପ୍ରିୟାଙ୍କ ଦାବୀକୁ ନାକଚ କରିଦେବାରୁ ସେ କଲିକତାସ୍ଥ ହାଇକୋର୍ଟରେ ଅପିଲ କରିଥିଲେ । ସେଠାରେ ତାଙ୍କ ଦାବୀ ନାକଚ ହୋଇଯିବାରୁ ସେ ଲଣ୍ଡନସ୍ଥିତ ପ୍ରିଭି କାଉନସିଲରେ ଆବେଦନ କଲେ । ତାହା ମଧ୍ୟ ଖାରଜ ହେଲା । ନିଷ୍ପତ୍ତି ଅନୁସାରେ ମହାରାଣୀ ବିଷ୍ଣୁପ୍ରିୟା ତୀର୍ଥାଟନରେ ପୁରୀ ଅଭିମୁଖେ ଯାତ୍ରୀରମ୍ଭ କଲେ । ମାତ୍ର ସେ ପୁରୀ ନଯାଇ କେନ୍ଦୁଝର ଗଡ଼ଠାରୁ ଅନତି ଦୂରରେ ବସନ୍ତପୁରଠାରେ ରହିଲେ ।

ଗଡ଼ଜାତ ରାଜ୍ୟର ଶାସନ ପ୍ରାୟ ୧୮୨୮ ମସିହାରେ ଇଂରେଜ ସରକାର ଏକ ନିୟମ ପ୍ରଣୟନ କରିଥିଲେ । ଏହାକୁ ପଚିଶ ସୱାଲ (Twentyfive Questions) କୁହାଯାଏ । ଏହାର ଦଶମ ଧାରା ଅନୁସାରେ ରାଜାଙ୍କ ଫୁଲ ବିବାହୀର ସନ୍ତାନ (ଦାସୀପୁତ୍ର) ରାଜ ସିଂହାସନ ଲାଭ କରି ପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ଅଛି । ୧୮୫୮ ମସିହାରେ ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆ ଭାରତୀୟ ରାଜାମାନେ ନିଃସନ୍ତାନ ହେଲେ ପୋଷ୍ୟପୁତ୍ର ଗ୍ରହଣ କରିପାରିବେ ବୋଲି ତାଙ୍କ ଘୋଷଣାନାମାରେ ଉଲ୍ଲେଖ କରିଥିଲେ । ମାତ୍ର ଇଂରେଜ ସରକାର ସେହି ନିୟମର ଉଲ୍ଲଙ୍ଘନ କରି ଧନୁର୍ଜ୍ଜୟ ନାରାୟଣ ଭଞ୍ଜଙ୍କୁ ଗାଦୀନାସୀନ କରାଇଥିବାରୁ ସାଧାରଣ ଜନତାଙ୍କ ଭିତରେ ବିଶେଷତଃ ଭୂୟାଁ ଜନଜାତି ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । କେନ୍ଦୁଝର ରାଜ୍ୟର ରାଜ ପରମ୍ପରା ଓ ରାଜଶାସନ ସହ ଭୂୟାଁମାନେ ବହୁ ପ୍ରାଚୀନ କାଳରୁ ଘନିଷ୍ଠଭାବେ ସମ୍ପୃକ୍ତ ଥିଲେ । ରାଜାଙ୍କର ଅଭିଷେକ ସମୟରେ ରାଜା ତାଙ୍କ ପିଠିରେ ବସି ପ୍ରଥମେ ଅଭିଷିକ୍ତ ହେଉଥିଲେ । ଏହି ପରମ୍ପରା କେନ୍ଦୁଝରର ପ୍ରଥମ ରାଜା ଜ୍ୟୋତି ଭଞ୍ଜଙ୍କ ସମୟରୁ ପ୍ରଚଳିତ ହୋଇ ଆସୁଥିଲା । ଏଥିରୁ ରାଜ ପରମ୍ପରା ସହ ସେମାନଙ୍କ ଘନିଷ୍ଠତା ସହଜେ ଅନୁମେୟ । କେନ୍ଦୁଝରର ପ୍ରଥମ ରାଜା ଜ୍ୟୋତି ଭଞ୍ଜଙ୍କ ସମୟରୁ ଭୂୟାଁମାନେ ପାଇ ଆସିଥିବା ସୁବିଧା ସୁଯୋଗ କ୍ରମେ ଅମଲାମାନଙ୍କ ଚକ୍ରାନ୍ତରେ ଏମାନେ ହରାଇ ଥିଲେ । ରାଜା ଜନାର୍ଦ୍ଦନ ଭଞ୍ଜଙ୍କ ସମୟରେ ଏହି ଉତ୍ପୀଡ଼ନ ଚରମ ସୀମାରେ ପହଞ୍ଚିଥିଲା । ତେଣୁ ଭୂୟାଁମାନେ ରାଜାଙ୍କ କୁଶାସନରେ ଅତିଷ୍ଠ ହୋଇ ରହିଥିଲେ । ବ୍ରିଟିଶ ସରକାରଙ୍କ ସ୍ୱୈରାଚାରୀ ନିଷ୍ପତ୍ତି ସେମାନଙ୍କୁ ଅଧିକ ଆଘାତ ଦେଇଥିଲା । ସେମାନେ ବସନ୍ତପୁରରେ ମହାରାଣୀଙ୍କୁ ସାକ୍ଷାତ କରି ତାଙ୍କ ପ୍ରତି ସମର୍ଥନ ଜ୍ଞାପନ କରିଥିଲେ ।

ପ୍ରାୟ ୧୮୨୦ ମସିହାରେ କେନ୍ଦୁଝର ଜିଲ୍ଲାର ବାସାପାଳଠାରେ ଏହି ଜନଆନ୍ଦୋଳନର ମହାନାୟକ ରତ୍ନା ନାୟକ ଏକ ଭୂୟାଁ

ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ବାଲ୍ୟରୁ ବିପ୍ଳବୀ । ସେ ରାଜାଙ୍କ କୁଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ୧୮୫୯ ମସିହାରେ ତିନିଦିନ ପାଇଁ କାରା ରୁଦ୍ଧ ହୋଇଥିଲେ । ତେଣୁ ଇଂରେଜ ସରକାରଙ୍କ ସ୍ୱେରାଚ୍ଛାରୀତା ତାଙ୍କ ପ୍ରାଣରେ ଅସନ୍ତୋଷର ଅଗ୍ନିକଣାକୁ ତେଜାଇ ଦେଲା । ସେ ଇଂରେଜ ସରକାରଙ୍କ ସ୍ୱେଚ୍ଛାଚାରୀତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ନିଷ୍ପତ୍ତି ନେଲେ ।

୧୮୬୭ ମସିହା ଡିସେମ୍ବର ୭ ତାରିଖରେ ଇଂରେଜ ସରକାର ସାବାଳକ ଧନୁର୍ଜୟଙ୍କର ପୁନରାଭିଷେକ କରାଇଲେ । ଏହି ଉତ୍ସବରେ ଭୂୟାଁମାନେ ଯୋଗଦେଇ ନଥିଲେ । ଏଥିରୁ ଧନୁର୍ଜୟଙ୍କ ପ୍ରତି ତାଙ୍କ (ଭୂୟାଁମାନଙ୍କ) ଅନାସ୍ଥାର ପରିଚୟ ମିଳେ । ଧନୁର୍ଜୟଙ୍କ ପୁନରାଭିଷେକର ଅଳ୍ପଦିନ ପରେ ୧୮୬୮ ମସିହା ଜାନୁଆରୀ ୧୬ ତାରିଖରେ ଭୂୟାଁ, ଜୁଆଙ୍ଗ ଓ କୋହ୍ଲ ସର୍ଦ୍ଦାରମାନେ ଏକତ୍ର ହୋଇ ଇଂରେଜ ସରକାରଙ୍କ ନୀତିର ଦୃଢ଼ ମୁକାବିଲା କରିବାକୁ ଶପଥ ନେଲେ । ଏହି ସଭାରେ ରତ୍ନାନାୟକଙ୍କ ଉପରେ ନେତୃତ୍ୱ ନ୍ୟସ୍ତ ହେଲା । ରେଭେନ୍‌ସାଙ୍କୁ ଏହା ଅଛପା ରହିଲା ନାହିଁ । ସେ ବିଦ୍ରୋହକୁ ଭଣ୍ଡୁର କରିବା ପାଇଁ ଯୋଜନା କଲେ । ମହାରାଣୀ ବିଷ୍ଣୁପ୍ରିୟା ଥିଲେ ଖରସୁଆଁକଳା ରାଜାଙ୍କ ନିକଟ ସମ୍ପର୍କୀୟ । ଖରସୁଆଁକଳା ରାଜାଙ୍କ ଦ୍ୱାରା ବିଷ୍ଣୁପ୍ରିୟାଙ୍କୁ ପ୍ରଭାବିତ କରିବାକୁ ଛୋଟନାଗ ପୁରର କମିଶନରଙ୍କୁ ରେଭେନ୍‌ସା ପରାମର୍ଶ ଦେଲେ । ଛୋଟନାଗପୁର କମିଶନରଙ୍କ ଖ୍ୱପରେ ଖରସୁଆଁକଳା ରାଜା ବିଷ୍ଣୁପ୍ରିୟାଙ୍କୁ ପ୍ରଭାବିତ କରିବାରେ ସଫଳ ହେଲେ । ଅର୍ଥ ଓ କ୍ଷମତାର ମୋହରେ ସମ୍ଭବତଃ ବିଷ୍ଣୁପ୍ରିୟା ପ୍ରଲୋଭିତା ହୋଇଥିଲେ । ୧୮୬୮ ମସିହା ଫେବ୍ରୁଆରୀ ୧୭ ତାରିଖରେ ପୁଣି ଥରେ ଧନୁର୍ଜୟଙ୍କ ଅଭିଷେକ ହେଲା । ବିଷ୍ଣୁପ୍ରିୟା ପୁରସ୍କାର ସ୍ୱରୂପ ମାସିକ ୫୫୦ ଟଙ୍କା ଭତ୍ତା ଓ ଗ୍ରାମଟିଏ ପାଇଲେ । ଗ୍ରାମରୁ କର ସ୍ୱରୂପ ମାସିକ ୫୦ ଟଙ୍କା ପାଇବା ବ୍ୟବସ୍ଥା ହେଲା ।

ରାଣୀଙ୍କ ବିଶ୍ୱାସ ଘାତକତା ରତ୍ନା ଓ ତାଙ୍କ ବିପ୍ଳବୀ ବନ୍ଧୁମାନଙ୍କୁ ଅଧିକ ଉତ୍‌କ୍ଷିପ୍ତ କରିଥିଲା । ପରିଣାମ ପ୍ରତି ଭ୍ରୂକ୍ଷେପ ନକରି ମହାରାଣୀଙ୍କ ବିଶ୍ୱାସଘାତକତା ଓ ଇଂରେଜ ସରକାରଙ୍କ ସ୍ୱେଚ୍ଛାଚାରୀତା ବିରୁଦ୍ଧରେ ସଂଗ୍ରାମ କରିବାକୁ ଶପଥ ନେଲେ । ରାଜାଙ୍କ ସହ ଯୋଗଦେଲେ ନନ୍ଦ ନାୟକ, ନନ୍ଦ ପ୍ରଧାନ, ବାବୁ ନାୟକ, ଦାଶରଥି କୁଅଁର, ଟୁନା ନାଏକ ଓ ପଦୁ ନାଏକ ପ୍ରମୁଖ ବହୁ ସ୍ୱାଧୀନ ନେତା ଭୂୟାଁ ସର୍ଦ୍ଦାର । ୧୮୬୮ ମସିହା ଅପ୍ରେଲ ୨୯ ତାରିଖରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଏମାନେ ଖୋଲାଖୋଲି ବିଦ୍ରୋହ କଲେ । ସେହି ବର୍ଷ ଅପ୍ରେଲ ୨୮ ତାରିଖରେ ବିଦ୍ରୋହୀମାନେ ଧନୁ, ତୀର, କୁରାଢ଼ୀ ଓ ବର୍ଚ୍ଛା ପ୍ରଭୃତି ତୀକ୍ଷ୍ଣ ଅସ୍ତ୍ର ଶସ୍ତ୍ର ନେଇ କେନ୍ଦୁଝର ଗଡ଼ରେ ପହଞ୍ଚିଲେ । ଭୂୟାଁଙ୍କ ସହ କୋହ୍ଲ, ଜୁଆଙ୍ଗ, ଭୂମିଜ ଆଦି ସମ୍ପ୍ରଦାୟର ଲୋକେ ଯୋଗ ଦେଇଥିଲେ । ବିଦ୍ରୋହୀଙ୍କ ସଂଖ୍ୟା ଥିଲା ପ୍ରାୟ ୨୦,୦୦୦ । ସେମାନେ ଦେୱାନ୍ ନନ୍ଦ ଧଳଙ୍କୁ ହତ୍ୟା କରି ବୃନ୍ଦାବନ ଚନ୍ଦ୍ରଙ୍କୁ ରାଜଗାଦିରେ ବସାଇଥିଲେ । ରାଜା ଧନୁର୍ଜୟଙ୍କୁ ବନ୍ଦୀ କରିଥିଲେ । ରାଜ ନଅରରୁ ପ୍ରାୟ ୧୦୦ ଜଣ ଅମଲାଙ୍କୁ ବନ୍ଦୀକରି ଜଙ୍ଗଲକୁ ନେଇଗଲେ ।

ବିଦ୍ରୋହୀଙ୍କ ସାହାସ ଓ ପରାକ୍ରମ ଦେଖି ସମ୍ଭବତଃ ରାଣୀ ବିଷ୍ଣୁପ୍ରିୟା ପ୍ରଲୋଭିତ ହୋଇ ବିଦ୍ରୋହୀଙ୍କ ପକ୍ଷ ସମର୍ଥନ କରିଥିଲେ । ବିଷ୍ଣୁପ୍ରିୟାଙ୍କ ସମର୍ଥନ ପାଇ ବିଦ୍ରୋହୀମାନେ ଅଧିକ ଉତ୍ସାହିତ ହୋଇ ପଡ଼ିଥିଲେ । ଏହି ବିଦ୍ରୋହରେ ମୟୂରଭଞ୍ଜର ମହାରାଜା ଓ ମହାରାଣୀ ବିଷ୍ଣୁପ୍ରିୟାଙ୍କ ପ୍ରଚ୍ଛନ୍ନ ହସ୍ତ ଥିବାର ସନ୍ଦେହ କରି ରେଭେନ୍‌ସା ସେମାନଙ୍କୁ ବିଦ୍ରୋହୀଙ୍କୁ ସାହାଯ୍ୟ ନକରିବାକୁ ନିର୍ଦ୍ଦେଶ ଦେଲେ । ବିଦ୍ରୋହ ଦମନ ପାଇଁ ସେ ମାସ ୭ ତାରିଖରେ ସିଂହଭୂମିର ଡେପୁଟି କମିଶନର ହେବ୍ କେନ୍ଦୁଝରକୁ ଆସି ବନ୍ଦୀ ମହାରାଜା ଧନୁର୍ଜୟ ଓ ଅମଲାଙ୍କୁ ମୁକ୍ତ କରିଥିଲେ । ତାପରେ ସେ ରତ୍ନାଙ୍କୁ ଗିରଫ କରିବାକୁ ତାଙ୍କ (ରହାର) ଗ୍ରାମକୁ ଯାଇଥିଲେ । ମାତ୍ର ସେଠାରେ ରତ୍ନାଙ୍କୁ ନପାଇ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା । ବିଦ୍ରୋହୀମାନେ ଆତ୍ମ ସମର୍ପଣ କଲେ ତାଙ୍କୁ ରାଜକ୍ଷମା ଦିଆଯିବାର ପ୍ରଲୋଭନ ହେବ୍‌ଙ୍କ ପକ୍ଷରୁ ପ୍ରଦର୍ଶିତ ହୋଇ ଥିଲେ ମଧ୍ୟ ବିଦ୍ରୋହୀମାନେ ତାଙ୍କ କଥାକୁ ଭ୍ରୂକ୍ଷେପ ନକରି ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ ଅବ୍ୟାହତ ରଖିଲେ । ସେମାନେ ବହୁ ବ୍ରିଟିଶ୍ ଫୌଜକୁ ବନ୍ଦୀ କରିବା ସହ କଟକରୁ ଗୁଇଁବସା ମଧ୍ୟରେ ଡାକସଂଯୋଗ ଛିନ୍ନ କରି ଦେଇଥିଲେ ।

ଅନ୍ୟ ଉପାୟ ନପାଇ ରେଭେନ୍‌ସା ବଙ୍ଗଳାର ଲେପ୍‌ଟନାଣ୍ଟ ଜେନେରାଲଙ୍କୁ ମୟୂରଭଞ୍ଜ ର ମହାରାଜାଙ୍କୁ ବିଦ୍ରୋହୀଙ୍କ ସାହାଯ୍ୟ ଦେବାରୁ ନିବୃତ୍ତ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କଲେ । ବଙ୍ଗଳାର ଲେପଟନାଣ୍ଟ ଜେନେରାଲଙ୍କ ବିରୁଦ୍ଧାଚରଣ କରିବାର ଦୁଃସାହସ ନକରି ମୟୂରଭଞ୍ଜ ମହାରାଜ ବିଦ୍ରୋହୀଙ୍କୁ ସହାୟତା କଲେ ନାହିଁ । ବରଂ ସେ ବିଦ୍ରୋହ ଦମନ ପାଇଁ ଇଂରେଜଙ୍କୁ ସହାୟତା କରିଥିଲେ । ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ ବାଲେଶ୍ୱରଠାରେ ନଜର ବନ୍ଦୀ କରି ରଖାଗଲା ।

ଏହାସତ୍ତ୍ୱେ ବିଦ୍ରୋହ ଅଗ୍ନି ପ୍ରଶମିତ ହୋଇ ନଥିଲା । ସିଂହଭୂମିର ପୋଲିସ୍ ତତ୍ତ୍ୱାବଧାରକ କିଡି କେତେକ ସୈନ୍ୟ ଧରି ଆସୁଥିବା ବେଳେ ଆନନ୍ଦପୁରଠାରେ ବିଦ୍ରୋହୀଙ୍କ ସମ୍ମୁଖୀନ ହୋଇ ନପାରି ଆଗକୁ ବଢ଼ିପାରି ନଥିଲେ । ମାତ୍ର ଗୁଇଁବସାରୁ ମେଜର ଶାରାହମ୍ ଓ ଛୋଟନାଗପୁରରୁ ଲେପ୍‌ଟନାଣ୍ଟ ହଣ୍ଟର କେତେକ ସୈନ୍ୟଧରି କେନ୍ଦୁଝରରେ ପହଞ୍ଚିଲେ । ଛୋଟନାଗପୁରର କମିଶନର କର୍ଣ୍ଣେଲ ଡାଲଟନ୍ ଓ ମାଡ୍ରାଜୀ ସୈନ୍ୟଧରି କମିଶନର ରେଭେନ୍‌ସା କେନ୍ଦୁଝରରେ ପହଞ୍ଚିଲେ । ଜୁନ, ଜୁଲାଇ ମାସ ବେଳକୁ କେନ୍ଦୁଝରଗଡ଼ ସେନାଛାଉଣୀରେ ପରିଣତ ହୋଇଥିଲା । ବିଦ୍ରୋହୀଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ସାହାଯ୍ୟ କଲେ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ସରକାର ୧୮୬୮ ମେ ୨୭ ତାରିଖରେ ବିଜ୍ଞପ୍ତି ଜାରି କରି ଲୋକଙ୍କୁ ସତର୍କ କରି ଦେଇଥିଲେ । ବ୍ରିଟିଶ୍ ସୈନ୍ୟମାନେ ବିଦ୍ରୋହୀଙ୍କ ଉପରେ ଅକଥ୍ୟ ଦମନଲୀଳା ଆରମ୍ଭ କରିଦେଲେ । ସେମାନଙ୍କ ଘରେ ନିଆଁ ଲଗାଇ ଦେଲେ । ଦୀର୍ଘଦିନ ଧରି ସଂଗ୍ରାମରତ କ୍ଳାନ୍ତ ଶ୍ରାନ୍ତ ବିଦ୍ରୋହୀମାନେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଇଂରେଜ ସୈନ୍ୟଙ୍କ ସମ୍ମୁଖୀନ ହୋଇ ନପାରି ଆତ୍ମ ସମର୍ପଣ କଲେ ।

ମାତ୍ର ରତ୍ନାନାୟକ ଓ ନନ୍ଦନାୟକ ଆତ୍ମ ସମର୍ପଣ ନକରି ଲୁଚିଛପି ଇଂରେଜ ବିରୁଦ୍ଧରେ ସଂଗ୍ରାମ ଜାରି ରଖିଲେ । କିନ୍ତୁ

୧୮୬୮ ମସିହା ଅଗଷ୍ଟ ୨୫ ତାରିଖରେ ପାଲହଡ଼ାର ଜମିଦାର ମୁନିପାଳ ରତ୍ନାଙ୍କୁ ଇଂରେଜ ସରକାରଙ୍କୁ ଧରାଇ ଦେଇଥିଲେ । ବଣାଇ ରାଜାଙ୍କ ଦେବାନଙ୍କ ଦ୍ୱାରା ନନ୍ଦନାୟକ ଧରାପଡ଼ିଲେ । ଅଗଷ୍ଟ ମାସ ଶେଷ ବେଳକୁ ସମସ୍ତ ବିଦ୍ରୋହୀ ଧରା ପଡ଼ି ସାରିଥିଲେ । ଉଡେନ୍‌ସା ବିଦ୍ରୋହୀଙ୍କ ବିଚାର କରି ରତ୍ନା ନାୟକ, ନନ୍ଦ ନାୟକ, ପଦୁ ନାୟକ, ଦାଶରଥି କୁଅଁର, ଟୁନି ପ୍ରଧାନ, ବୈରାଗୀ କୋନ୍ଧ, ବୈକୁଣ୍ଠ କୋନ୍ଧ ଓ ମାର୍ଗଶିର କୋନ୍ଧ ପ୍ରଭୃତିଙ୍କୁ ପ୍ରାଣ ଦଣ୍ଡରେ ଦଣ୍ଡିତ କରିଥିଲେ । ୨୭ ଜଣ ବିଦ୍ରୋହୀ ଯାବଜ୍ଜୀବନ ଦ୍ୱୀପାନ୍ତର ଓ ଅନ୍ୟମାନଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ୧୮୬୮ ମସିହା ନଭେମ୍ବର ୨୮ ତାରିଖ ସୋମବାର ଦିନ ରତ୍ନା ନାୟକଙ୍କୁ କଟକରେ ଥିବା କେନ୍ଦୁଝର କୋଠିରେ ଫାଶୀ ଦିଆଗଲା । ନିର୍ବାପିତ ହେଲା ଜଣେ ମହାନ ବିପ୍ଳବୀଙ୍କ ଜୀବନ ପ୍ରଦୀପ । ମାତ୍ର ତାଙ୍କ ସ୍ମୃତିର ଅନିର୍ବାଣ ଶିଖା ଜନତା ପ୍ରାଣରୁ କେବେହେଲେ ନିର୍ବାପିତ ହୋଇ ନାହିଁ ।

ଇଂରେଜ ସରକାର ଲେପ୍‌ଟନାଣ୍ଟ ଜନଷ୍ଟୋନଙ୍କୁ ଧନୁର୍ଜୟଙ୍କ ପକ୍ଷରୁ ରାଜ୍ୟ ଶାସନ କରିବାକୁ ନିଯୁକ୍ତି ଦିଆଗଲା । ବିଦ୍ରୋହ ଦମନ ପାଇଁ ଇଂରେଜ ସରକାରଙ୍କୁ ୧,୩୦,୩୬୭ ଟଙ୍କା ୨୦ ପଇସା କ୍ଷତିପୂରଣ ଦେବାକୁ ଧାର୍ଯ୍ୟ ହୋଇଥିଲା । ଧାର୍ଯ୍ୟ ଅର୍ଥର ଅର୍ଦ୍ଧେକ ମୟୂରଭଞ୍ଜ ମହାରାଜା, ଏକ ଚତୁର୍ଥାଂଶ କର୍ତ୍ତୃପକ୍ଷ ଓ ଅବଶିଷ୍ଟ ଏକ ଚତୁର୍ଥାଂଶ ସାଲିଆନା କର ବସାଇ କେନ୍ଦୁଝର ଜନସାଧାରଣଙ୍କଠାରୁ ଆଦାୟ କରାଯିବାର ସ୍ଥିରୀକୃତ ହୋଇଥିଲା ।

ଇଣ୍ଡିଆନ୍ ଡେଲି ନ୍ୟୁଜ୍ ଭଳି ପତ୍ରିକା ତତ୍‌କାଳୀନ ଇଂରେଜ ସରକାରଙ୍କ ଭୁଲ ନିଷ୍ପତ୍ତି ବିରୁଦ୍ଧରେ କେନ୍ଦୁଝରର ବର୍ତ୍ତମାନ ରାଜାଙ୍କୁ ହାଇକୋର୍ଟ୍ ଯଥାଯଥ ଉତ୍ତରାଧିକାରୀ ସ୍ଥିର କରିଥିଲେ ହେଁ ନ୍ୟାଯ୍ୟ ପୁତ୍ର ନୁହନ୍ତି । ରୟତମାନେ କୁହନ୍ତି ତାଙ୍କୁ ରାଜାବୋଲି ମାନିବେ ନାହିଁ ଏବଂ ପ୍ରଥମ ରାଜା ଅନ୍ୟ କାହାରିକୁ ରାଜା ନିଯୁକ୍ତି କରନ୍ତି ବୋଲି ପ୍ରକାଶ କରିବା ସହ ଅଯଥା ରକ୍ତ ପାତ ଧନହାନିରୁ ନିବୃତ୍ତ ହେବାକୁ ପରାମର୍ଶ ଦେଇଥିଲେ ।

ରତ୍ନା ନାୟକଙ୍କୁ ଧରାଇ ଦେଇ ପାଲହଡ଼ାର ଜମିଦାର ମନିପାଳ ରାଜବାହାଦୁର ଉପାଧି ଲାଭ କରିଥିଲେ । ଢେଙ୍କାନାଳର ମହାରାଜା ଭାଗୀରଥି ମହେନ୍ଦ୍ରବାହାଦୁର, ସୁକିନ୍ଦାର ରାଜା ଓ ଆସୋ (କେନ୍ଦୁଝରର ଏକ ଜମିଦାରୀ)ର ଜମିଦାର ଇଂରେଜ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ । ଢେଙ୍କାନାଳ ରାଜାଙ୍କ ଜମିଦାର ସୁଜାତଅଲ୍ଲୀ ଏକ ତରବାରୀ ଓ ପ୍ରଶଂସା ପତ୍ର ପାଇଥିଲେ । ଏହାଛଡ଼ା ଆଠମଲ୍ଲିକର ଜମିଦାର ଯୋଗେନ୍ଦ୍ର ସାମନ୍ତ, ହିନ୍ଦୋଳର ରାଜା ଇଶ୍ୱର ସିଂହ ମର୍ଦ୍ଦରାଜ ଦେବ, ଆଠଗଡ଼ର ରାଜା ଶ୍ରୀକରଜଗନ୍ନାଥ ବେବର୍ତ୍ତା ପଟ୍ଟନାୟକ, ନୀଳଗିରିର ରାଜା ରାମଚନ୍ଦ୍ର ଦେବ ମର୍ଦ୍ଦରାଜ . ହରିଚନ୍ଦନ, ତିଗିରିଆର ରାଜା ହରିହର କ୍ଷେତ୍ରବର ମହାପାତ୍ର, ମଧୁପୁର ରାଜା କୃଷ୍ଣଚନ୍ଦ୍ର ଧୀର ନରେନ୍ଦ୍ର, ପଟିଆର ରାଜା ଦିବ୍ୟସିଂହ ଦେବ ଓ କାଉପୁରର ମହାଶୟ (ଜମିଦାର) ବାବୁ ଯୋଗୀବଲ୍ଲଭ ରାୟ ପ୍ରମୁଖ ଇଂରେଜ ସରକାରଙ୍କୁ ହାତୀ ସାହାଯ୍ୟ କରି ପ୍ରଶଂସା ପାଇଥିଲେ ।

ଇଂରେଜ ସରକାରଙ୍କ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ରତ୍ନାନାୟକଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ତାହା ମୟୂରଭଞ୍ଜ ମହାରାଜାଙ୍କ ନୀରବତା ଓ ଅନ୍ୟାନ୍ୟ ପଦଲେହୀ ରାଜା ଓ ଜମିଦାରଙ୍କ ବିରୋଧିତାରେ ସାକାରହୋଇ ପାରିନଥିଲା । ମାତ୍ର ପରାଜିତ ହେଲେହେଁ ଅନ୍ୟାୟର ପ୍ରତିବାଦରେ ପ୍ରାଣପାତ କରି ଥିବା ବିପ୍ଳବୀ ରତ୍ନାଙ୍କୁ ମୁକ୍ତିକାମୀ ଜନତା ତାଙ୍କ ପ୍ରାଣରେ ଚିରକାଳ ପାଇଁ ଅମର କରି ରଖିଥିବେ ।


ସହାୟତା

(୧) ଏକ ଅଜ୍ଞା ଲୋକିତ ବିପ୍ଳବି- ରତ୍ନା ନାଏକ- ଡଃ ଜଗନ୍ନାଥ ପଟ୍ଟନାୟକ ।

(୨) ଉନବିଂଶ ଶତାବ୍ଦୀରେ କେନ୍ଦୁଝରର ଗଣ ଆନ୍ଦୋଳନ- ଅଧ୍ୟାପକ ଉପେନ୍ଦ୍ରନାଥ ସାହୁ ।

(୩) କେନ୍ଦୁଝର ଇତିହାସ-- କ୍ଷେତ୍ର ମୋହନ ମିଶ୍ର ।

(୪) ସମ୍ବାଦପତ୍ରରେ ଓଡ଼ିଶା- ସମ୍ପାଦନା ଡଃ ସୁଧାକର ପଟ୍ଟନାୟକ ।

(୫) Political Unrest in Orissa- Dr. P. K. Misra.



ଉପସଭାପତି, ଢାକଳି,
ମସୁଆ, କେନ୍ଦୁଝରଗଡ଼-୭୫୮୦୭୪ ।




ଭୋପାଳରେ ଅନୁଷ୍ଠିତ ଏକ ଉତ୍ସବରେ ନନ୍ଦକିଶୋର ଦାସଙ୍କ ଉପରେ ପ୍ରକାଶିତ ଏକ ପତ୍ରିକାକୁ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଉନ୍ମୋଚନ କରୁଛନ୍ତି (୧୭/୧୧) ।

# ଏ ଜାତିର ଆତ୍ମା ଗୋପବନ୍ଧୁ

ଅଧ୍ୟାପକ ବିକ୍ରମ କେଶରୀ ବର୍ମା

(୧)

ଅନ୍ଧାର କଳା ରାତିରେ
ନୀଳ ସାଗର ବକ୍ଷରେ
ଏ ଜାତି ବୋଇତ ଭାସୁଥିବା ବେଳେ
ଦିଗ୍ ହରା ହୋଇ
ସେ ଯେଉଁ ଉଜ୍ଜ୍ୱଳ ଆଲୋକଟି
ବାଟ ଦେଖାଉଥିଲା
ବହୁଦିନ ଲିଭିଯାଇ ଅଛି
ଆଉ କି ମିଳିବ ଭାଇ
ଯେତେ ବା ଖୋଜିଲେ ବାଉଳା ହୋଇ ।

(୨)

ସେହି ଦିନୁ ବୋଇତର ପ୍ରତ୍ୟେକ ନାବିକ
ଅନ୍ଧ ପାଲଟି ଯାଇଛନ୍ତି
ଏ ବୋଇତର ପ୍ରତ୍ୟେକ ଯାତ୍ରୀ
କରୁଛନ୍ତି ହାହାକାର ଆର୍ତ୍ତନାଦ
ଡାକୁଛନ୍ତି ପରାଣ ଆତଙ୍କେ
କାହିଁଗଲ ଗୋପବନ୍ଧୁ
ଏହି ଘୋର ଜଳାର୍ଣ୍ଣବେ ଦେଖାଅଟି ପଥ

(୩)

ସମସ୍ତେ ସ୍ୱାର୍ଥାନ୍ଧ ଏଠି
କପଟତାର ଆହୁଲା ଧରି
ମିଛେମିଛେ ବୋଇତ ଚଳାନ୍ତି
ଗତିହୀନ
ଏଜାତି ବୋଇତ ।
କେତେବେଳେ ବୁଡ଼ିଯିବ
ଅଚଳ ଗରଭେ ସଭିଙ୍କି ଅଜ୍ଞାତ

(୪)

ସରଗର ଥିଲ ତୁମେ ଦେବ ଦୂତ
ମାତ୍ର ବାବନଟି ବର୍ଷ
କରିଥିଲ ଏଠି ଆତଯାତ
କିନ୍ତୁ ରଖିଗଲ ଏ ଧରା ବକ୍ଷରେ
ଯେଉଁ ଅଭୁଲା ସ୍ମୃତି
ବାବନ ହଜାର ବରଷେ
ଲଭିବନି ସେ ଅଲିଭା କୀରତି ।

(୫)

ଏ ଜାତିର ଆତ୍ମା
ଥିଲ ତୁମେ ଗୋପବନ୍ଧୁ
ଆତ୍ମା ଯେ ଅମର ସତ୍ୟ
ତା'ର କେବେ ହୁଏ ନାହିଁ ମୃତ୍ୟୁ
ରହିଅଛ ତୁମେ ଏ ଜାତି ଆଗରେ
ହୋଇ ଧ୍ରୁବ ତାରା
ଆଦର୍ଶର ଆଲୋକରେ
ଆଲୋକିତ କରୁଥିବ
ଯୁଗେ ଯୁଗେ
ଏହି ବସୁନ୍ଧରା ।

---

ଅଧକ୍ଷ, ରାଜ୍ୟ ବିତ୍ତନ ନିଗମ,
ଭୁବନେଶ୍ୱର–୭୫୧୦୦୭ ।

# ବଙ୍ଗଳାର ସାହିତ୍ୟ ଓ ସଂସ୍କୃତିକୁ ଓଡ଼ିଶାର ଅବଦାନ

ଡକ୍ଟର କୃଷ୍ଣଚନ୍ଦ୍ର ଭୂୟାଁ

ଜାତିର ଗୌରବ କେବଳ ନିଜକୁ ସମୃଦ୍ଧ କରିବାରେ ସୀମିତ ରହେ ନାହିଁ । ସାହିତ୍ୟ ଓ ସଂସ୍କୃତିର ଧାରା ନିର୍ଦ୍ଦିଷ୍ଟ ସୀମାରେ ନିବଦ୍ଧ ରହେନାହିଁ । ଭାବଗତ ଆଦାନ, ପ୍ରଦାନ; ପରସ୍ପରର ଉତ୍କର୍ଷତା ସମ୍ପର୍କରେ ଧାରଣା ଜାତୀୟ ଐକ୍ୟକୁ ଦୃଢ଼ୀଭୂତ କରେ । ଏଇ ପରିପ୍ରେକ୍ଷୀରେ ବଙ୍ଗଳାର ସାହିତ୍ୟ, ସଂସ୍କୃତିକୁ ଓଡ଼ିଶାର ଅବଦାନ ସ୍ମରଣୀୟ ।

ଓଡ଼ିଆ ଅଧ୍ୟାପକ, ଗବେଷକ ଓ ଲେଖକମାନେ ଓଡ଼ିଶାର ସାହିତ୍ୟ, ସଂସ୍କୃତିକୁ ବଙ୍ଗଳା ସାହିତ୍ୟ, ସଂସ୍କୃତିର ଅବଦାନ ଥିବା କଥା ବରାବର କହି ଥାଆନ୍ତି । ଆଧୁନିକ ଓଡ଼ିଆ ସାହିତ୍ୟକୁ ବଙ୍ଗଳା ସାହିତ୍ୟ ପ୍ରଭାବିତ କରିଥିବା କଥା ଅବଶ୍ୟ କେତେକାଂଶରେ ସତ୍ୟ । କିନ୍ତୁ ପ୍ରାଚୀନ ଓ ମଧ୍ୟ ଯୁଗୀୟ ବଙ୍ଗଳା ସାହିତ୍ୟ, ସଂସ୍କୃତି ଜଗତକୁ ଓଡ଼ିଶାର ଅବଦାନ ଯେ ଐତିହାସିକ ସତ୍ୟ, ଏକଥା ସ୍ୱୀକାର ନକରି ବିପରୀତ ମନ୍ତବ୍ୟଟି ଦେବା ହେଉଛି ହୀନମନ୍ୟତାର ପରିଚାୟକ ।

ଓଡ଼ିଶାର କବି ଜୟଦେବ ବଙ୍ଗୀୟ ସାରସ୍ୱତ ଭଣ୍ଡାରକୁ କେଉଁ ପରିମାଣରେ ପୁଷ୍ଟ କରିଥିଲେ ତାହା ନୂଆ ଉଦ୍‌ଘାଟିତ ହେଉଛି । ଚୈତନ୍ୟ ଦେବଙ୍କ ଜନ୍ମସ୍ଥାନ ଯାଜପୁର ପରିତ୍ୟାଗ କରି ବଙ୍ଗ ଭୂମିରେ ଆଶ୍ରୟ ନେଇ ନଥିଲେ ଚୈତନ୍ୟ ଦ୍ୱୈତ ଜାତି ପ୍ରଥା ବିରୁଦ୍ଧରେ ଆନ୍ଦୋଳନ କରି ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରି ନଥାନ୍ତେ । ରାୟ ରାମାନନ୍ଦ ପଟ୍ଟନାୟକ ଥିଲେ ଷୋଡ଼ଶ ଶତାବ୍ଦୀରେ ଜଣେ ପ୍ରାତଃସ୍ମରଣୀୟ ପଣ୍ଡିତ । ବଙ୍ଗୀୟ ସାହିତ୍ୟ ଓ ଧର୍ମ ଜଗତକୁ ତାଙ୍କର ଅବଦାନ ଗବେଷଣାର ଅପେକ୍ଷା କରେ । ପଞ୍ଚଦଶ ଶତାବ୍ଦୀରେ ମହାକବି ସାରଳା ଦାସଙ୍କ ୧୮ ଖଣ୍ଡ ଓଡ଼ିଆ ମହାଭାରତ ରଚନା ତତ୍‌କାଳୀନ ଭାରତବର୍ଷରେ ଏକ ଚମକପ୍ରଦ ଘଟଣା । ତାହାର ପ୍ରାୟ ୨୫୦ ବର୍ଷ ପରେ ବଙ୍ଗଳାର ମହାଭାରତ ରଚନା କରିଥିଲେ କାଶୀରାମ ଦାସ । କଟକ ଅନ୍ତର୍ଗତ ମାଖନପୁରରେ ଜନ୍ମଲାଭ କରିଥିବା କାଶୀରାମ ଓଡ଼ିଆ ମହାଭାରତ ଦ୍ୱାରା କେତେ ପ୍ରଭାବିତ ହୋଇଥିଲେ ତାଙ୍କର ମହାଭାରତ ପାଠକଲେ ଜଣାପଡ଼େ ।

ପଞ୍ଚସଖା ଯୁଗର କବିମାନଙ୍କର ପ୍ରଭାବ ଓ ପ୍ରତିଭା ଓଡ଼ିଶାର ପରିସୀମା ଡେଇଁ ବଙ୍ଗଭୂମିକୁ ସ୍ପର୍ଶ କରିଥିଲା । ଓଡ଼ିଶୀ କବି କୃଷ୍ଣ ଦାସ, ଶିଶୁ ମହାନ୍ତିଙ୍କ ଭଉଣୀ ମାଧବୀ ଦେବୀ, ଗୋବିନ୍ଦ ଦାସ, ଲୋଚନ ଦାସ, କିଶୋର ଦାସ, କାହ୍ନାଇ ଖୁଣ୍ଟିଆ, ପଣ୍ଡିତ ଶ୍ରୀଚନ୍ଦନଙ୍କର ବଙ୍ଗଳାର ପଦାବଳୀ ସାହିତ୍ୟ, ଧର୍ମ ଓ ସଂସ୍କୃତିକୁ ଅଶେଷ ଅବଦାନ ରହିଛି । ବଙ୍ଗଳା ଧର୍ମ ସାହିତ୍ୟକୁ ପାଶ୍ଚାତ୍ୟ ସଭ୍ୟତା ପ୍ରଭାବିତ କରିବା ପୂର୍ବରୁ ଏହା ଉତ୍କଳୀୟ କାବ୍ୟ ସମ୍ଭାର ଦ୍ୱାରା ଅନେକାଂଶରେ ପୁଷ୍ଟ ହୋଇଥିଲା । ଷୋଡ଼ଶ ଶତାବ୍ଦୀର କବି ରାମାନନ୍ଦ, ଜଗନ୍ନାଥ ଦାସ ଓ ଅନନ୍ତ ଦାସଙ୍କଠାରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀର କବି କବିଚନ୍ଦ୍ର ଜଗନ୍ନାଥ, ନଟବର ଦାସ , ନାରାୟଣ ମର୍ଦ୍ଦରାଜ ପ୍ରମୁଖ ଅର୍ଦ୍ଧଶତାଧିକ କବି ଓଡ଼ିଆ ଲିପି ଓ ବଙ୍ଗଳା ଭାଷାରେ ବୈଷ୍ଣବ କାବ୍ୟ ସାହିତ୍ୟ ରଚନା କରିଥିଲେ । ଜଣେ ବଙ୍ଗୀୟ ଗବେଷକ ମତଦିଅନ୍ତି "ବଙ୍ଗଳା ଦେଶ ଅପେକ୍ଷା ଉତ୍କଳ ଦେଶର ଏକ ସମୟରେ ପ୍ରଭୁତ୍ୱ ଥିଲା" ତାଙ୍କର ମତ ହେଉଛି " ନିଃସନ୍ଦେହରେ ପ୍ରତୀତ ହୋଇଛି ଯେ ବଙ୍ଗଳା କବିତାର ଜନ୍ମର ଅନେକ ପୂର୍ବେ ଉତ୍କଳୀୟ ଭାଷାରେ କବିତା ସୃଷ୍ଟି ହୋଇଛି ଏବଂ ବଙ୍ଗଳା କାବ୍ୟକାରଙ୍କ ଅପେକ୍ଷା ଉତ୍କଳୀୟ କବିମାନେ ହୀନକକ୍ଷ ନୁହନ୍ତି, ବରଂ କୌଣସି କୌଣସି ବିଷୟରେ ସେମାନଙ୍କର ପ୍ରାଧାନ୍ୟ ଦେଖାଯାଏ ।"

୧୬୯୦ ଅଗଷ୍ଟ ୨୪ ତାରିଖରେ ଇଷ୍ଟଇଣ୍ଡିଆ କମ୍ପାନୀର ବାଣିଜ୍ୟ ପ୍ରତିନିଧି ଜବଚାର୍ଣ୍ଣକ କଲିକତାରେ ପଦାର୍ପଣ କରିଥିଲେ । ସେହି ସମୟକୁ କଲିକତା ସହରର ପ୍ରତିଷ୍ଠାକାଳ ବୋଲି ଧରାଯାଏ । ବୈଠକଖାନାରୁ ଗଙ୍ଗାକୂଳ ପର୍ଯ୍ୟନ୍ତ ଏକ ୭୦ ଫୁଟ ଉଚ୍ଚବିଶିଷ୍ଟ ଜଗନ୍ନାଥଙ୍କ ରଥ ରଥଯାତ୍ରାବେଳେ ଟଣା ହୋଇ ଯାଉଥିବା ଦୃଶ୍ୟ ସ୍ୱୟଂ ଦେଖିଥିଲେ । ଗଙ୍ଗବଂଶ ଓ ସୂର୍ଯ୍ୟବଂଶର ରାଜାମାନେ ଅତୀତରେ ବଙ୍ଗଭୂମିରେ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଭିତିଭୂମି ପ୍ରତିଷ୍ଠା କରିଯାଇଥିଲେ । ଊନବିଂଶ ଶତାବ୍ଦୀରେ ଇଂରେଜମାନଙ୍କ ଶାସନକାଳରେ ରାଜା ସୁଖମୟ ରାୟ, ନୀଳମଣି ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ, ରାଣୀ ରାସମଣି, ରାମକୃଷ୍ଣ ପରମହଂସ, ମାଆ ଶାରଦା ଦେବୀ, ବଳରାମ ବସୁ ପ୍ରମୁଖ କେବଳ ଜଗନ୍ନାଥଙ୍କ ଭକ୍ତ ନଥିଲେ ଜଗନ୍ନାଥ ମାହାତ୍ମ୍ୟ ପ୍ରଚାର କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଜଗନ୍ନାଥ ସଂସ୍କୃତି ବଙ୍ଗୀୟ ଜନଜୀବନକୁ କିଭଳି ଅନୁପ୍ରାଣିତ କରିଛି ତାହା ଶ୍ରୀରାମପୁରର ମହେଶ ରଥଯାତ୍ରା

ସମେତ ଅନ୍ୟାନ୍ୟ ସ୍ଥାନର ରଥଯାତ୍ରା ଓ କଲିକତାର ପଥ ଘାଟରେ ରଥଯାତ୍ରାର ଦୃଶ୍ୟ ଦେଖିଥିଲେ ବେଶ୍ ଅନୁମିତ ହୁଏ । ବହୁ ବଙ୍ଗୀୟ ପରିବାରରେ ଇଷ୍ଟଦେବତା ହେଉଛନ୍ତି ଜଗନ୍ନାଥ । ଜଗନ୍ନାଥଙ୍କ ଅବଢ଼ା ଭୋଗ ହିଁ ସେମାନଙ୍କର ପରମ, ମୂଲ୍ୟବାନ ବସ୍ତୁ ।

ଫୋର୍ଟ ଉଇଲିୟମ୍ କଲେଜ ୧୮୦୦ ଖ୍ରୀଷ୍ଟାବ୍ଦରେ କଲିକତାରେ ପ୍ରତିଷ୍ଠିତ ହୋଇଥିଲା । ଓଡ଼ିଶାର ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର ଥିଲେ ସେହି କଲେଜର ପ୍ରଧାନ ପଣ୍ଡିତ । ବହୁ ଶାସ୍ତ୍ରଦର୍ଶୀ ମୃତ୍ୟୁଞ୍ଜୟ ଥିଲେ ଭାରତର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ପଣ୍ଡିତ । ପ୍ରବୋଧ ଚନ୍ଦ୍ରିକା, ରାଜାବଳୀ, ବତିଶସିଂହାସନ ଓ ବେଦାନ୍ତ ଚନ୍ଦ୍ରିକା ପ୍ରଭୃତି ଗ୍ରନ୍ଥ ଲେଖି ସେ ବଙ୍ଗଳା ଗଦ୍ୟ ସାହିତ୍ୟର ଭିତ୍ତି ପକାଇଥିଲେ । ତାଙ୍କର ରାଜାବଳୀ ଥିଲା ବଙ୍ଗଳା ଭାଷାରେ ଲିଖିତ ଭାରତର ପ୍ରଥମ ଇତିହାସ ଗ୍ରନ୍ଥ । ଉଇଲିୟମ କେରୀଙ୍କର ବଙ୍ଗଳା ଓ ଓଡ଼ିଆ ଶିକ୍ଷକ ମୃତ୍ୟୁଞ୍ଜୟ ଥିଲେ ସୁପ୍ରିମ କୋର୍ଟର ପ୍ରଧାନ ପଣ୍ଡିତ । ରାଜା ରାମମୋହନଙ୍କ ପୂର୍ବରୁ ହିଁ ସେ ସତୀଦାହ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କ ପୁଅ ରାମଜୟ ତର୍କାଳଙ୍କାର, ପଣ୍ଡିତ ଗଦାଧର ବିଦ୍ୟାବାଗୀଶ ଓ ପୁରୁଷୋତ୍ତମ ପ୍ରମୁଖ ଫୋର୍ଟ ଉଇଲିୟମ କଲେଜରେ ବିଶିଷ୍ଟ ପଣ୍ଡିତ ଥିଲେ । ଗଦାଧର ୧୮୦୬ରେ ଲେଖି ଥିଲେ ବଙ୍ଗଳା ଓ ଓଡ଼ିଆ ବ୍ୟାକରଣ ।

ଊନବିଂଶ ଶତାବ୍ଦୀରେ ବଙ୍ଗଳାର ନାଟ୍ୟ ଜଗତରେ ଓଡ଼ିଆ ଶିଳ୍ପୀ ରୂପଚନ୍ଦ୍ର ଦାସମହାପାତ୍ର ଓ ଯାଜପୁରର ଗୋପାଳ ଦାସ ଥିଲେ ଦୁଇଜଣ ଉଜ୍ଜ୍ୱଳ ତାରକା । ଶତାଧିକ ରାଗ ରାଗିଣୀର ସ୍ରଷ୍ଟା, ଇଂରାଜୀ, ବଙ୍ଗଳା, ହିନ୍ଦୀ ମିଶ୍ରିତ କବିତା ରଚୟିତା ରୂପଚନ୍ଦ୍ରଙ୍କ ପକ୍ଷୀଦଳ ଯାତ୍ରାଭିନୟ କ୍ଷେତ୍ରରେ ଅସାମାନ୍ୟ କୃତିତ୍ୱ ଅର୍ଜନ କରିଥିଲା । କଲିକତା ସହରର ଗବେଷକମାନେ ରୂପଚନ୍ଦ୍ରଙ୍କ "କଲିକତା ବର୍ଣ୍ଣନ" ଓ ଅନ୍ୟାନ୍ୟ କବିତାକୁ ବାଦ୍ ଦେଇ କଲିକତା ସମ୍ପର୍କରେ ଗବେଷଣା କରି ପାରିବେ ନାହିଁ । ସେ ଥିଲେ ବଙ୍ଗଳାର ପ୍ରଥମ ସାମାଜିକ ନାଟକ "କୁଳୀନ କୁଳ ସର୍ବସ୍ୱ"ର ନିର୍ଦ୍ଦେଶକ ଓ ସଙ୍ଗୀତ ରଚୟିତା । ଗୋପାଳ ଦାସଙ୍କ "ବିଦ୍ୟା ସୁନ୍ଦର ଯାତ୍ରା" ଦେଖିବାକୁ ବଙ୍ଗଳାର ଗାଁ ଗଣ୍ଡାରୁ ଲୋକମାନେ ଧାଇଁ ଆସୁଥିଲେ । ଜଣେ କବି, ଅଭିନେତା ଓ ସଙ୍ଗୀତ ଶିଳ୍ପୀ ଭାବରେ ସେ ଥିଲେ ଅଦ୍ୱିତୀୟ । ବଙ୍ଗ ରଙ୍ଗମଞ୍ଚ ପ୍ରତିଷ୍ଠା କ୍ଷେତ୍ରରେ ସେ ଥିଲେ ପଥ ପ୍ରଦର୍ଶକ । ସେମାନଙ୍କ ପରେ ଯଜ୍ଞପୁରର ଅଞ୍ଚଳରେ ଗୋପାଳ ଦାସ, ବୈଷ୍ଣବ ପାଣି ଓ ଆଉ କେତେଜଣ ଶିଳ୍ପୀ ଯାତ୍ରା ଅଭିନୟ କରି କଲିକତା ଓ ଶିଳ୍ପାଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିଲେ । ଏବେ ମଧ୍ୟ ଓଡ଼ିଆ ଯାତ୍ରାର ବୈଶିଷ୍ଟ୍ୟ ବଙ୍ଗୀୟ ଦର୍ଶକଙ୍କ କଣ୍ଠରେ ପ୍ରତିପାଦିତ ହୁଏ ।

କବିବର ରାଧାନାଥ ରାୟ ପ୍ରଥମେ ବଙ୍ଗଳାର ଦୁଇଭାଗ କବିତାବଳୀ ଓ ଲେଖାବଳୀ ରଚନା କରିଥିଲେ । କବି ନବୀନ ସେନଙ୍କର ସେ ଥିଲେ ନମସ୍ୟ ଓ ଜ୍ୟେଷ୍ଠ ସହୋଦରୋପମ । ଫକୀରମୋହନ ମଧ୍ୟ "ସୋମ ପ୍ରକାଶ" ପତ୍ରିକାରେ ଲେଖୁ ଥିଲେ । ସେ ଓ ଭକ୍ତକବି ମଧୁସୂଦନ ରାଓ ଥିଲେ ବ୍ରାହ୍ମ ଧର୍ମାବଲମ୍ବୀ । ମଧୁସୂଦନଙ୍କ ଅନୂଦିତ "ଋଷି ଚିନ୍ତା" କବିତା ନବ୍ୟ ଭାରତ ପତ୍ରିକାରେ ପ୍ରକାଶିତ ହେବା ପରେ ତାହା 'ସାଧନା' ପତ୍ରିକାରେ ରବୀନ୍ଦ୍ରନାଥଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ବ୍ରାହ୍ମ ନେତା ଆନନ୍ଦମୋହନଙ୍କ ଦୃଷ୍ଟିରେ ସେ ଥିଲେ ବ୍ରାହ୍ମ ସମାଜର ଭିତ୍ତିସ୍ତମ୍ଭ । ବଙ୍ଗ ଦେଶରେ ବ୍ରାହ୍ମ ଧର୍ମ ପ୍ରଚାର କ୍ଷେତ୍ରରେ କାଳିନ୍ଦୀ କମିଲା ଓ ଭଗବାନଚନ୍ଦ୍ର ଦାସଙ୍କର ମଧ୍ୟ ବିଶେଷ ଭୂମିକା ଥିଲା । ଓଡ଼ିଶାର ରାଜା, ମହାରାଜାମାନଙ୍କର ମଧ୍ୟ ବଙ୍ଗୀୟ ସମାଜକୁ ଦାନ ଥିଲା । ରାଜାମାନଙ୍କ ମଧ୍ୟରେ ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଭଞ୍ଜଦେଓଙ୍କ ନାମ ବିଶେଷ ସ୍ମରଣୀୟ । ବଙ୍ଗୀୟ ସମାଜକୁ ତାଙ୍କର ଅବଦାନ ଥିଲା ଐତିହାସିକ । ବ୍ରାହ୍ମ ନେତା କେଶବ ଚନ୍ଦ୍ର ସେନଙ୍କ କନ୍ୟା ସୁଚାରୁ ଦେବୀ ଥିଲେ ତାଙ୍କର ପତ୍ନୀ ।

ବଙ୍ଗୀୟ ଶିକ୍ଷା ରାଜନୀତି, ସାମାଜିକ ଆନ୍ଦୋଳନ କ୍ଷେତ୍ରରେ ଜାତୀୟ ଗୌରବ ମଧୁସୂଦନ ଦାସଙ୍କ ଅବଦାନ ବିଶେଷ ପ୍ରଣିଧାନ ଯୋଗ୍ୟ । ସାର୍, ଆଶୁତୋଷ ମୁଖାର୍ଜୀଙ୍କର ଶିକ୍ଷକ ମଧୁସୂଦନଙ୍କୁ ବଙ୍ଗ ବ୍ୟବସ୍ଥା ସଭାରେ "କାଟୋ ଅଫ ବେଙ୍ଗଲ" ବୋଲି କୁହା ଯାଉଥିଲା । ତାଙ୍କ ଭଳି ପ୍ରତିଭା ସମ୍ପନ୍ନ ଓ ବାଗ୍ମୀ ବ୍ୟକ୍ତି ବଙ୍ଗଳାରେ କମ୍ ଥିଲେ । କଲିକତାରେ ବସି ଏଣ୍ଟ୍ରାନ୍ସ ପରୀକ୍ଷାର୍ଥୀମାନଙ୍କ ପାଇଁ ଯେଉଁ "ମଡେଲ୍ କ୍ୱେଶ୍ଚିନ୍ସ" ସେ ଲେଖି ଥିଲେ ତାକୁ ପଢ଼ି ବହୁତ ଛାତ୍ର ଇଂରାଜୀ ଶିଖି ଥିଲେ ଓ ଏଣ୍ଟ୍ରାନ୍ସ ପାସ୍ କରିଥିଲେ । ଶ୍ରମିକ ଆନ୍ଦୋଳନ କ୍ଷେତ୍ରରେ ଗୋପବନ୍ଧୁ ଦାସଙ୍କର ଐତିହାସିକ ଭୂମିକା ଥିଲା । ବଡ଼ ବଜାରର ଶ୍ରମିକମାନେ ବିଦେଶୀ ବସ୍ତ୍ର ବର୍ଜନ ଆନ୍ଦୋଳନକୁ ସଫଳ କରିବା କ୍ଷେତ୍ରରେ ଯେତେବେଳେ ଅସହଯୋଗ କଲେ ଓ ନେତାଜୀ ସୁଭାଷ, ଚିତ୍ତରଞ୍ଜନ, ମୌଲାନା ଆଜାଦଙ୍କ ନେତୃତ୍ୱକୁ ଉପେକ୍ଷା କଲେ ସେତେବେଳେ ଓଡ଼ିଶାରୁ ଗୋପବନ୍ଧୁ ଦାସଙ୍କୁ ଆହ୍ୱାନ କରାଯାଇଥିଲା । ତାଙ୍କର ନେତୃତ୍ୱ ହିଁ ବିଦେଶୀ ବସ୍ତ୍ର ବର୍ଜନ ଆନ୍ଦୋଳନକୁ ସଫଳ କରିଥିଲା ।

୧୮୨୭ ମସିହାରେ କଲିକତାରେ ୧୧,୦୦୦ ଓଡ଼ିଆ ପାଲିଙ୍କି ବାହକ ଯେଉଁ ଆନ୍ଦୋଳନ କରିଥିଲେ ତାହା ଇଂରେଜ ଶାସନକୁ ଦୋହଲାଇ ଦେଇଥିଲା । ଦୈନିକ ରୋଜଗାରର ଏକ ଚତୁର୍ଥାଂଶ ଇଂରେଜ ରାଜକୋଷରେ ଜମା ଦେବେ ନାହିଁ, ଚମଡ଼ା ବ୍ୟାଜ୍ ହାତରେ ବାନ୍ଧିବେ ନାହିଁ ଓ ଲାଇସେନ୍ସ କରିବେ ନାହିଁ ବୋଲି ଦାବୀ କରି ରାମ, ଗୋପାଳ, ପଣ୍ଡୁ ପ୍ରମୁଖ ନେତାମାନଙ୍କ ନେତୃତ୍ୱରେ ସେମାନେ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ । ସେହି ଆନ୍ଦୋଳନ ହେଉଛି ଭାରତର ଶ୍ରମିକ ଆନ୍ଦୋଳନର ଇତିହାସରେ ସର୍ବ ପ୍ରଥମ ଆନ୍ଦୋଳନ । ସେହି ଆନ୍ଦୋଳନ ପରବର୍ତ୍ତୀ ଶ୍ରମିକ ସଙ୍ଗଠନ ଓ ଆନ୍ଦୋଳନର ପଥ ପ୍ରଦର୍ଶକ ଥିଲା ।

ଆଧୁନିକ ଶିଳ୍ପକଳା ଓ ସାହିତ୍ୟ ମଧ୍ୟ ବଙ୍ଗଳାର ଶିଳ୍ପକଳା ଓ ସାହିତ୍ୟକୁ ପୁଷ୍ଟ କରିଥିଲା । ଠାକୁର ପରିବାର ସହିତ ପୁରୀର ବିଖ୍ୟାତ ଶିଳ୍ପୀ ଚିନ୍ତାମଣି ମହାପାତ୍ର, ତାଙ୍କ ପୁଅ ଗିରିଧାରୀ ମହାପାତ୍ର ଓ ତାଙ୍କ ପୁଅ ଶ୍ରୀଧର ମହାପାତ୍ରଙ୍କର ନିବିଡ଼ ସମ୍ପର୍କ ଥିଲା । ଅବନୀନ୍ଦ୍ର ନାଥ ଠାକୁର ଓ ଗଗନେନ୍ଦ୍ର ନାଥ ଠାକୁରଙ୍କ ପ୍ରତିଷ୍ଠିତ "ଇଣ୍ଡିଆନ୍ ସୋସାଇଟି ଅଫ ଓରିଏଣ୍ଟାଲ୍ ଆର୍ଟସ୍" ସହିତ ସେମାନଙ୍କର କ୍ଷୀର ନୀର ସମ୍ପର୍କ ଥିଲା । ଶ୍ରୀଧରଙ୍କ ତିଆରି ବହୁ ମୂର୍ତ୍ତି, କଲିକତା, ଭାରତର ବିଭିନ୍ନ ଆର୍ଟ ଗ୍ୟାଲେରୀ ଓ ପୃଥିବୀର


ବିଭିନ୍ନ ଦେଶରେ ପ୍ରଶଂସିତ ହୋଇଛି । ଏଇ ମହାପାତ୍ର ପରିବାରର ବଙ୍ଗଳାର ଭାସ୍କର୍ଯ୍ୟ ଜଗତରେ ଏକ ଅମଳିନ ଓ ସ୍ମରଣୀୟ ଭୂମିକା ରହିଛି । ସ୍ଥପତି ବିଦ୍ୟା ଓ ମନ୍ଦିର ନିର୍ମାଣ କାର୍ଯ୍ୟରେ ଓଡ଼ିଆମାନେ ହେଉଛନ୍ତି ଦାତା ଓ ଗୁରୁ ଏବଂ ବଙ୍ଗାଳୀମାନେ ହେଉଛନ୍ତି ଗ୍ରହୀତା ଓ ଶିଷ୍ୟ ସ୍ଥାନୀୟ । ନିର୍ମଳ କୁମାର ବସୁଙ୍କ ମତରେ ସହସ୍ର ବର୍ଷ ଧରି ଓଡ଼ିଆ ଶିଳ୍ପକୁ ଆଦର୍ଶ କରି ବଙ୍ଗଳାର ଶିଳ୍ପ ସୃଷ୍ଟି ହୋଇଛି । ଏବେ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ମନ୍ଦିର ଭାସ୍କର୍ଯ୍ୟ ଦେଖିଲେ ଏହା ପ୍ରମାଣିତ ହୁଏ ।

କବି ରଙ୍ଗଲାଲ ବନ୍ଦୋପାଧ୍ୟାୟଙ୍କର ଆଧୁନିକ ବଙ୍ଗଳା କବିତା କ୍ଷେତ୍ରରେ ବିଶେଷ ସୁନାମ ରହିଛି । ତାଙ୍କ ରଚିତ "କାଞ୍ଚି କାବେରୀ" କାବ୍ୟଟି ଓଡ଼ିଆ "କାଞ୍ଚି କାବେରୀ" କାବ୍ୟ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ । ଓଡ଼ିଶାର କବି ପୁରୁଷୋତ୍ତମ ଦାସଙ୍କ ଦ୍ୱାରା ଏହା ରଚିତ । ସୁକୁମାର ସେନ ଏଇ ଦୁଇ କାବ୍ୟକୁ ଏକତ୍ର ସଙ୍କଳନ କରି ପ୍ରକାଶ କରିଛନ୍ତି ଓ କେତେ ମାତ୍ରାରେ ରଙ୍ଗଲାଲ ପୁରୁଷୋତ୍ତମଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି, ତାହା ଦର୍ଶାଇଛନ୍ତି ।

ଏବେ କଟକୀ, ସମ୍ବଲପୁରୀ ଶାଢ଼ୀ ଏବଂ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପର୍ଯ୍ୟନ୍ତ ବଙ୍ଗୀୟ ଜନସମାଜକୁ ଆକୃଷ୍ଟ କରିଛନ୍ତି । ବଙ୍ଗଳାର ନିଜସ୍ୱ ନୃତ୍ୟ ନାହିଁ । ଶାସ୍ତ୍ରୀୟ ଓ ବୈଜ୍ଞାନିକ ଧାରାରେ ସମୃଦ୍ଧ ଓଡ଼ିଶୀ ନୃତ୍ୟ କେବଳ ବଙ୍ଗାଳୀ ସମାଜକୁ ନୁହେଁ ବିଭିନ୍ନ ଜାତି, ଗୋଷ୍ଠୀ ଏ ଦେଶୀ ଓ ବିଦେଶୀଙ୍କ ପ୍ରାଣକୁ ଛୁଇଁ ପାରିଛି । ଆଲୋଚ୍ୟ ବିଷୟଟି ଗୁରୁତ୍ୱପୂର୍ଣ୍ଣ ଓ ଗବେଷଣା ସାପେକ୍ଷ ।

---

୪-ପ୍ରିୟନାଥ ବାନାର୍ଜୀ ଷ୍ଟ୍ରିଟ୍,
କଲିକତା-୭୦୦୦୦୯ ।




କଳାହାଣ୍ଡି ଜିଲ୍ଲାର ରାମପୁର-ମଦନପୁର ସେତୁ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଭିଭାଷଣ (୧୫/୧୨) ।

# ସିଷ୍ଟର୍ ନିବେଦିତା

ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

ଚିନ୍ମୟ ଏଇ ଚେତନା ଭିତରୁ
ଆସାର ଏଇ ପବିତ୍ରତାକୁ
ବିକଶିତ କର, ବିମୋହିତ କର
ଅନନ୍ତ ଏଇ ଶକ୍ତି ରୂପିଣୀ
ଅନ୍ତଃସ୍ୱରକୁ ବିମୋଚିତ କର
ତାହାରି ନାମ ତ' ଧର୍ମ
ଦୁର୍ଜ୍ଜୟ ଏଇ ବାଣୀର ସାଧକ
ଭାରତ ଭୂଇଁର ମୁକ୍ତ ପାବକ
ବିବେକାନନ୍ଦ ଦେଇଥିଲେ ଯେଉଁ ବାଣୀ
ସେଇ ସୌରଭ ଆଖିରେ ଦିଶିଲା
ସେଇ ଦର୍ଶନ ଦେହରେ ମିଶିଲା
ସେଇ ସ୍ପନ୍ଦନ ସ୍ନାୟୁରେ ଛୁଟିଲା
ସେଇ ଗୌରବ ରକ୍ତେ ଫୁଟିଲା
ଓଜସ୍ୱିନୀ ସେ ନିର୍ଝରିଣୀରେ
ଅର୍ପଣ କଲ ନିଜର ଧର୍ମ
ସମର୍ପି ଦେଲ ନିଜର କର୍ମ
ଶ୍ୱେତ ବକ୍ଷରେ ଶ୍ୱେତାଙ୍ଗିନୀ ଗୋ !
"ମାର୍ଗାରେଟ୍"ରୁ ମାଟି ଛୁଇଁଦେଲ !
"ଏଲିଜାବେଥ୍"କୁ ଏଡ଼ାଇ ଆସିଲ
ଅର୍ପିତା ହେଲ ! ଅର୍ଚ୍ଚିତା ହେଲ
ଭାରତ ଆକାଶେ ଉଇଁଗଲ ହୋଇ
"ସିଷ୍ଟର ନିବେଦିତା" !!
ଆଲୋକିତ ଏକ ନୂତନ ଭାଷାରେ
ଛୁଇଁଦେଇ ଗଲ ଏ ମାଟିର ଯେତେ
କୋଣ–ଅନୁକୋଣ–ତପୋବନ–ତରୁଲତା
ଇଶାଇରୁ ହେଲ ହିନ୍ଦୁ ରମଣୀ !
ମନ୍ତ୍ର ଜପିଲ – ତନ୍ତ୍ର ଜପିଲ
ଶ୍ୱେତାଙ୍ଗନାର ରୂପକୁ ଭୁଲିଲ !
ସନ୍ନ୍ୟାସ ବରି ହୋଇଗଲ ତୁମେ
ମୁକ୍ତ, ମୁଗ୍ଧ, ବିକଶିତ ଏକ
ଶ୍ୟାମଳୀ ସନ୍ନ୍ୟାସିନୀ !!
ତନ୍ଦ୍ରା ତୁଟାଇ ଟଙ୍କାର ହେଲ
ତପତୀର ପରି ତପନ ଛୁଇଁଲ
ତପସ୍ୱୀ ସେଇ ବିବେକାନନ୍ଦ
ରଙ୍ଗା ଚରଣେ ସଂଜ୍ଞା ହରାଇ
ହୋଇଗଲ ତୁମେ ଭାରତ ତନୟା
ତନ୍ମୟୀ......ତପସ୍ୱିନୀ !!
ପରମ ସେନେହେ ଏ ମାଟି ଛୁଇଁଲ !
ହିମାଦ୍ରୀଠାରୁ କୁମାରୀକା ଯାଏ,
ଗୈରିକ ସେଇ ବ୍ରହ୍ମଚାରୀର
ଉଦାତ୍ତ ବାଣୀ, ପ୍ରଶ୍ନରିତ କଲ, ପ୍ରସାରିତ କଲ
ଭଗିନୀ ପରାୟେ – ଜନନୀ ପରାୟେ
ନିବେଦିତା ତୁମେ
ଦେଶ ସେବା କରିଗଲ !!
ଯେ ଯାଏଁ ଉଇଁବ ପୂର୍ବ ଦିଗରେ
ସୌମ୍ୟ – ଶୋଭନ – ସୂର୍ଯ୍ୟ
ଯେ ଯାଏଁ ଉଇଁବ ମୁକ୍ତ ଆକାଶେ
ପୂର୍ଣ୍ଣମୀ ରାତି ଚନ୍ଦ୍ର
ସେ ଯାଏଁ ଏ ଦେଶ ଭୁଲିଯିବ ନାହିଁ
ସେ ଯାଏଁ ଏ ଜାତି ପାଶୋରିବ ନାହିଁ
ପାଞ୍ଚଜନ୍ୟ ମୁଖର ହୋଇବ
ପଞ୍ଚ ଶିଖାରୁ ଅଗ୍ନି ଉଠିବ
ପ୍ରତିଟି ମଞ୍ଚେ, ପ୍ରତିଟି କୁଞ୍ଜେ
ଝଙ୍କୃତ ହେବ ନିବେଦିତା ତୁମ
ମହନୀୟତାର ତୂର୍ଯ୍ୟ ।

---

ଅଧ୍ୟାପିକା,
ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ ।

# ଭାଇ ଜୀଉଁତିଆ ଓଷା ଓ ଡାଲଖାଇ ନାଚ

ପ୍ରସନ୍ନ ନାୟକ

ଶୀତ ଗତୁର ଶୀତୁଆ ସନ୍ଧ୍ୟା । ଆକାଶରେ ଜହ୍ନ ଉଇଁଛି ଅଧା ହୋଇ, ଅଷ୍ଟମୀ ତିଥିର ଜହ୍ନ । ଛୋଟ ଗାଁଟିଏ, ଗାଁ ମୁଣ୍ଡରେ ଏକ ପ୍ରକାଣ୍ଡ ଖୁଲି (ପଡ଼ିଆ) । ସେଠି ମସାଲଟିଏ ଜଳୁଛି ଆଜି । ଖୁଲିରେ ରୁଣ୍ଡ ହୋଇଛନ୍ତି ସତରରୁ ସତୁରୀ ବୟସର ସ୍ତ୍ରୀଲୋକମାନେ । ବେଶଭୂଷା ସେମିତି କିଛି ଖାସ ନୁହେଁ — ସବୁ ପାରମ୍ପରିକ । ଦେହରେ ସମ୍ବଲପୁରୀ ଶାଢ଼ୀ, ନାକରେ ନଥ, ବେକରେ ରଙ୍ଗ ବେରଙ୍ଗୀ ଗୁଞ୍ଚାର ମାଳି, ହାତରେ ଖଡୁ, ପାଦରେ ପାଉଁଜୀ — ସବୁ ପାରମ୍ପରିକ । ସେମାନେ ବର୍ତ୍ତମାନ ଜୁଆଡ଼େ ନାଚିବା ଆରମ୍ଭ କରିବେ । ଢୋଲବାଲା ନିଶାଣବାଲା, ଝୁମକି, ତାସାବାଲା ସବୁ ସଜବାଜ ହେଲେଣି । ବାଜାବାଲାମାନଙ୍କୁ ବାଦ୍ ଦେଇ ଆଉ ଜଣେ ବି ପୁରୁଷ ଲୋକ କେହି ନାହାନ୍ତି ସେଠି । ଖୁଲିରେ ବାଜାବାଲାଙ୍କ ବ୍ୟତୀତ ଆଉ କେହି ପୁରୁଷ ଲୋକ ଆଖପାଖରେ ମଧ୍ୟ ନରହିବା ପାଇଁ ତେଣ୍ଡୁରା ଦିଆ ସରିଛି ।

ଅଜବ୍ ଏ ପରମ୍ପରା !

ନାଚିବା ଗାଇବାର ଶୈଳୀ ମଧ୍ୟ ଭିନ୍ନ । ଗୀତ ଗାଇଲାବେଳେ ସ୍ତ୍ରୀଲୋକମାନେ ନାଚନ୍ତି ନାହିଁ, ଢୋଲ ତାଳ ଦେଉଥାଏ କେବଳ । ଗୀତର ପଦଟିଏ ସରିଲେ ନାଚ ଆରମ୍ଭ ହୁଏ, ନିଶାଣବାଲା, ଝୁମୁକି, ତାସାବାଲା ତାଳ ଦିଅନ୍ତି । ଏହାତ ସେହି ସର୍ବ ପରିଚିତ ଡାଲଖାଇ ନାଚ ।

## ଡାଲଖାଇ ନାଚ ଏକ ପରମ୍ପରା :

ଅନେକଙ୍କର ଧାରଣା ଯେ ଡାଲଖାଇ ନାଚ ଓ ଗୀତ ପଶ୍ଚିମାଞ୍ଚଳର ସଂସ୍କୃତିଟିଏ କେବଳ, ଏହାକୁ ଯେ କୌଣସି ଦିନରେ ଯେ କୌଣସି ମୁହୂର୍ତ୍ତରେ ନାଚି ହେବ, ଗାଇ ହେବ । ମାତ୍ର ତାହା ନୁହେଁ । ଆଶ୍ୱିନ ଶୁକ୍ଳ ଅଷ୍ଟମୀ ଦିନ ସର୍ବତ୍ର ମହିଷମର୍ଦ୍ଦିନୀ ଜଗଜ୍ଜନନୀ ଦୁର୍ଗାଙ୍କ ପୂଜନୋତ୍ସବ ସମାରୋହରେ ପାଳିତ ହୋଇଥାଏ । ଏହି ଦିନ ପଶ୍ଚିମାଞ୍ଚଳର ଭଉଣୀମାନେ ନିଜ ନିଜ ଭାଇଙ୍କର ମଙ୍ଗଳ କାମନା କରି ନିର୍ଜଳା ଉପବାସ ରହି ଖୁବ୍ ନିଷ୍ଠାର ସହ ଭାଇ ଜୀଉଁତିଆ ନାମକ ଓଷା ପାଳନ କରିଥାନ୍ତି । ଏହି ଓଷା ବା ବ୍ରତର ଆରାଧ୍ୟ ଦେବୀ ମଧ୍ୟ ଦୁର୍ଗା । ଓଷାର ସମାପ୍ତି ପରେ ସେହିଦିନ ସନ୍ଧ୍ୟାରେ ଯୁବତୀମାନଙ୍କ ଦ୍ୱାରା ଡାଲଖାଇ ନାଚ ଗାଁ ମୁଣ୍ଡରେ ଅନୁଷ୍ଠିତ ହୁଏ । ଆଶ୍ୱିନ ଶୁକ୍ଳ ଅଷ୍ଟମୀ ଦିନକୁ ବାଦ୍ ଦେଇ ଅନ୍ୟ କେଉଁ ଦିନ ଏହି ନାଚ ନାଚିବାର ଜମାରୁ ଜଣାପଡ଼େ ନାହିଁ ।

## ଭାଇ ଜୀଉଁତିଆ : ଭଉଣୀର ସ୍ନେହ ଓ ଶ୍ରଦ୍ଧାର ପ୍ରତୀକ :

ଭାଇ ଜୀଉଁତିଆର ଆକ୍ଷରିକ ଅର୍ଥ ହୁଏତ ଏହା ହୋଇପାରେ "ଭାଇ, ଜୀଇଁଥାଆ" । ଭାଇର ମଙ୍ଗଳ ମନାସି ଏବଂ ତା'ର ଦୀର୍ଘ ଜୀବନ କାମନା କରି ଭଉଣୀ ଏ ବ୍ରତ ରଖେ । ଭଉଣୀମାନେ ଯେଉଁ ମଣ୍ଡପରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରନ୍ତି ତାକୁ ଭାଇ ଜୀଉଁତିଆ ମଣ୍ଡପ ବୋଲି କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ ଗୋଟିଏ ଗାଁର ସବୁତକ ଯୁବତୀ, ସ୍ତ୍ରୀଲୋକ ଗୋଟିଏ ମଣ୍ଡପରେ ଏକତ୍ରିତ ହୋଇ ସାମୂହିକ ଭାବରେ ବ୍ରତଟିକୁ ପାଳନ କରନ୍ତି । ସନ୍ଧ୍ୟାରେ ବ୍ରତର ପୂଜା ବିଧି ଥିଲେ ହେଁ ଭାଇ ଜୀଉଁତିଆ ପୂଜାର ଉପକ୍ରମ ହୋଇଥାଏ ଆଶ୍ୱିନ ଶୁକ୍ଳ ଅଷ୍ଟମୀର ପହାନ୍ତିରୁ । ଆଠ ବର୍ଣ୍ଣର ଫୁଲ ଫଳକୁ ଏକାଠି କରି, କାକୁଡ଼ି ଫଳକୁ ଚକା ଚକା କରି ସପ୍ତମୀ ଦିନ ରାତିରୁ ହିଁ ସେ ସବୁକୁ ସାଇତି ରଖାଯାଇଥାଏ । ଶହେ ଆଠ ବେଲ ପତ୍ର, ଶହେ ଆଠ ଅରୁଆ ଚାଉଳ, ଶହେ ଆଠ ଅଁଳା ଓ ବେଲ ପତ୍ର ସହ ହଳଦୀକୁ ନେଇ ଭଉଣୀମାନେ ପୋଖରୀକୁ ପାହାନ୍ତିଆରୁ ଗାଧୋଇବାକୁ ଯାଇଥାନ୍ତି । ନାଭି ପରିମାଣର ଜଳରେ ବେଗେ ଗାଧୋଇ ସାରି ଭଉଣୀମାନେ ପୋଖରୀ ଘାଟରେ "ଘାଟ ପୂଜା" ଶୀର୍ଷକ ପୂଜାର ଆୟୋଜନ ମଧ୍ୟ କରିଥାନ୍ତି । ଓଷାର ଆରାଧ୍ୟା ଦେବୀ ଦୁର୍ଗାଙ୍କୁ ଧ୍ୟାନ କରି ଘାଟରେ ବେଦୀ ସ୍ଥାପନା ପରେ ଚାରିଖଣ୍ଡ ଡାଳକୁ ବେଦୀ ଚାରିକୋଣରେ ପୋତି ଦେଇ ହଳଦୀ , ଅରୁଆ ଚାଉଳ, ଅଁଳା ଫୁଲପତ୍ର ସବୁକୁ ସେହି ମଣ୍ଡପରେ ସମର୍ପଣ କରିଥାନ୍ତି । ଏହା ହିଁ ଭାଇ ଜୀଉଁତିଆ ଓଷାର ପ୍ରଥମ ଭାଗ ବୋଲି କୁହାଯାଇପାରେ ।

ଦିନ ତମାମ୍ ଉପବାସରେ ରହିଲା ପରେ ସଞ୍ଜବେଳକୁ ଓଷାର ଦ୍ୱିତୀୟ ଭାଗ ଆରମ୍ଭ ହୋଇଥାଏ । ଶହେ ଆଠ ଅକ୍ଷତ ଦୁବକୁ ବ୍ରତ ଆକାରରେ ବାନ୍ଧି, ଫୁଲ, ବେଲପତ୍ର, ଅଁଳା, ସୀତା ଫଳ ଭାଇ ଜୀଉଁତିଆ ମଣ୍ଡପରେ ଦେବୀଙ୍କୁ ଅର୍ପଣ କରାଯାଇଥାଏ । ଆଖୁ ଡାଳରେ ତିଆରି ଦେବୀଙ୍କ ଆସ୍ଥାନ ଚାରିପଟେ ରୁଣ୍ଡ ହୋଇ ଓଷା ସମ୍ପର୍କିତ ଦୀର୍ଘ ଗୀତକୁ ଏକାଗ୍ର ଚିତ୍ତରେ ଶୁଣିବା ମଧ୍ୟ ଭାଇ ଜୀଉଁତିଆ ବ୍ରତର ଏକ ବିଧି ।

ଓଷା ପୂଜା ସରିଲା ପରେ ଆରମ୍ଭ ହୁଏ ଡାଲଖାଇ ନାଚର ପର୍ବ । ଗାଁ ମୁଣ୍ଡରେ ଭଉଣୀମାନେ ଠୁଳ ହୋଇ ଗୀତ ଗାଇ ଏବଂ ନାଚି, ଦେବୀ ଦୁର୍ଗାଙ୍କ ସ୍ତୁତି ଗାନ କରି ଭାଇର ମଙ୍ଗଳ ମନାସି

ଥାଆନ୍ତି । ତେବେ ଏତକରେ ଓଷାର ପରିସମାପ୍ତି ହୁଏ ନାହିଁ । ଅଷ୍ଟମୀ ଦିନ ରାତିରେ ମଧ୍ୟ ଉପବାସରେ ରହିଲା ପରେ ନବମୀ ଦିନ ବଡ଼ି ଭୋରରୁ ଭଉଣୀମାନେ ଗାଧୋଇବାକୁ ଯାଇ ପୂର୍ବ ଘାଟ ପୂଜାର୍ଚ୍ଚନା କରିଥାନ୍ତି । ଘରକୁ ଫେରି ଦହି ମହୁରେ ସାତପଣା କରି ତାକୁ ଭକ୍ଷଣ କରି ଉପବାସ ଭଙ୍ଗ କରିବାର ବିଧି ମଧ୍ୟ ବ୍ରତରେ ରହିଛି । ଓଷାକୁ ନିଷ୍ଠାର ସହ ପାଳନ କରି ନବମୀ ଦିନ ସକାଳୁ ଭାଇକୁ ନିଜ ହାତରେ ଭୋଗ ଖୁଆଇଦେଇ, ଦେବୀ ଦୁର୍ଗାଙ୍କ ପାଦରେ ଚଢ଼ା ହୋଇଥିବା ଅକ୍ଷତ ଦୁବକୁ ଭାଇ ମୁଣ୍ଡରେ ସାତ ଥର ଛୁଆଁଇଲା ପରେ ଭାଇ ଭଉଣୀର ସମ୍ପର୍କର ଡୋର ଜୀଉଁତିଆ ଭାଇ ହାତରେ ଭଉଣୀମାନେ ବାନ୍ଧି ଦେଇଥାନ୍ତି । ଜୀଉଁତିଆ କହିଲେ ରଙ୍ଗ ବେରଙ୍ଗର ରେଶମୀ ଡୋରଟିଏ ମାତ୍ର । ଅଥଚ ସେ ଡୋର ଭିତରେ ଥାଏ ତମାମ୍ ସଂସାରର ସ୍ନେହ, ମମତା, ଭଉଣୀର ଭାଇ ପ୍ରତି ଅନାବିଳ ଶ୍ରଦ୍ଧାର ପ୍ରତୀକ ଜୀଉଁତିଆ ।

## ଡାଲଖାଇ ଓ ଭାଇ ଜୀଉଁତିଆ ଓଷାର ସମ୍ପର୍କ :

ପୌରାଣିକ ମତବାଦ କୁହେ ଯେ ଆଖୁ ଡାଳକୁ ପୋତି ତାକୁ ସାକ୍ଷୀ ରଖି ଏବଂ ଦେବୀ ଦୁର୍ଗାଙ୍କୁ ଧ୍ୟାନ କରି ଭାଇ ଜୀଉଁତିଆ ଓଷା କରାଯାଉଥିବାରୁ ଏହି ଓଷାର ଅନ୍ୟ ନାମ ଡାଲଖାଇ ଓଷା । ସଞ୍ଜରେ ଦେବୀଙ୍କ ପୂଜା ଆରାଧନା ସରିଲା ପରେ ଗାଁ ମୁଣ୍ଡ ପଡ଼ିଆ ଯାହାକୁ ଡାଲଖାଇ ଖୁଲି ବୋଲି କୁହାଯାଏ ସେଠି ଝିଅମାନେ ଦେବୀ ଦୁର୍ଗାଙ୍କୁ ଆରାଧନା କରି ଗୀତ ବୋଲିଥାନ୍ତି, ନାଚିଥାନ୍ତି । ଡାଲଖାଇ ଖୁଲିରେ ବାଜାବାଲାମାନଙ୍କୁ ବାଦ୍ ଦେଇ ଅନ୍ୟ ପୁରୁଷଙ୍କ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ । ଡାଲଖାଇ ନାଚ ଓ ଗୀତ ଚାଲିଥିବାବେଳେ ବାହାର ପୁରୁଷଙ୍କ ଛାଇ ପଡ଼ିଲେ ଦେବୀ କୁଆଡ଼େ ଅପ୍ରସନ୍ନ ହୁଅନ୍ତି ଏବଂ ବ୍ରତର ଗାରିମା ତଥା ମହିମା ନଷ୍ଟ ହୁଏ ବୋଲି ପ୍ରବାଦ ରହିଛି ।

## ଓଷାର ପୌରାଣିକ ପୃଷ୍ଠଭୂମି :

ଦ୍ୱାପର ଯୁଗରେ ଜରାସନ୍ଧ ବାରମ୍ବାର ମଥୁରାପୁରୀକୁ ଆକ୍ରମଣ କରି ଭଗବାନ କୃଷ୍ଣ ଓ ବଳରାମଙ୍କୁ ହତ୍ୟା କରିବାର ଉଦ୍ୟମ କରୁଥିଲା ବୋଲି ଭାଗବତରେ ବର୍ଣ୍ଣିତ ରହିଛି । ଜରାସନ୍ଧର ଏ ଆକ୍ରମଣକୁ ଏଡ଼ାଇଯିବା ପାଇଁ କୃଷ୍ଣ ଓ ବଳରାମ ଦ୍ୱାରକାପୁରୀରେ ଦ୍ୱିତୀୟ ରାଜଧାନୀ ସ୍ଥାପନା କରିଥିଲେ । ତେବେ ଜରାସନ୍ଧର ଥରକୁ ଥର ବଳରାମ, ଶ୍ରୀକୃଷ୍ଣଙ୍କୁ ଆକ୍ରମଣରେ ଭୟଭୀତା ହୋଇ ସେମାନଙ୍କର ଅଲିଅଳି ଭଉଣୀ ସୁଭଦ୍ରା ଭାଇମାନଙ୍କ ମଙ୍ଗଳ ମନାସି ଭାଇ ଜୀଉଁତିଆ ଓଷା ପାଳନ କରୁଥିଲେ ବୋଲି ପୁରାଣରେ ବର୍ଣ୍ଣିତ ଅଛି ।

## ଓଷାର ପୌରାଣିକ ଭିତ୍ତିଭୂମି :

ତ୍ରେତୟା ଯୁଗର କଥା । ରାମ ରାବଣ ଯୁଦ୍ଧ ସେତେବେଳକୁ ଶେଷ ପର୍ଯ୍ୟାୟରେ । ରାବଣର ସଖା, ସହୋଦର, ଭାଇ, ବନ୍ଧୁମାନଙ୍କୁ ଭଗବାନ ରାମଚନ୍ଦ୍ର ଯୁଦ୍ଧରେ ହତ କଲାପରେ କେବଳ ରାବଣ ହିଁ ଏକାକୀ ଜୀବିତ ରହିଥାଏ । ରାମଚନ୍ଦ୍ର ବାରମ୍ବାର ଚେଷ୍ଟା କଲେ ମଧ୍ୟ ରାବଣର ନିଧନ ସମ୍ଭବ ହୋଇପାରୁ ନଥାଏ । ଯୁଦ୍ଧରେ ଯେତେଥର ପ୍ରଭୁ ରାମଚନ୍ଦ୍ର ଦୁଷ୍ଟ ରାବଣର ଶିରକୁ ତୀରରେ କାଟିପକାଉଥାନ୍ତି ପୁଣି ଏକ ନୂଆ ଶିର ସେଠି ଜନ୍ମ ନେଉଥାଏ । ଶେଷରେ ହତାଶ ହୋଇ ପ୍ରଭୁ ରାମଚନ୍ଦ୍ର ଜଗତ୍ ଜନନୀ ମା' ଦୁର୍ଗାଙ୍କର ଶରଣାପନ୍ନ ହେଲେ । ରାମଙ୍କ ଆଦେଶରେ ବୀର ହନୁମାନ ଲକ୍ଷେ ପଦ୍ମ ଫୁଲ ଆଣିଥାନ୍ତି । ମା'ଙ୍କର ପଦ୍ମ ଫୁଲରେ ଭାରି ଶ୍ରଦ୍ଧା । ଦଶଭୁଜା ପୂଜାର ବିଧିବିଧାନ ପରେ ଦୁର୍ବାକ୍ଷତ ବିଲ୍ୱ ପଲ୍ଲବ ସହ ଗୋଟିଏ ଗୋଟିଏ କରି ପଦ୍ମ ଫୁଲ ଦେବୀ ଚରଣରେ ଚଢ଼ାଇ ଯାଉଥିଲେ ଭଗବାନ ଶ୍ରୀରାମଚନ୍ଦ୍ର । କିନ୍ତୁ ଏ କ'ଣ ? ଲକ୍ଷେ ଫୁଲରୁ ଗୋଟିଏ ମାତ୍ର ଫୁଲ ଯେ କମ୍ ! ଲକ୍ଷେ ଫୁଲ ତ ହନୁମାନ ଗଣି ଗଣି ଆଣିଥିଲେ । ପୁରୁଷୋତ୍ତମ ଶ୍ରୀରାମ ଜାଣିଲେ ଏହା ଜଗତ୍ ଜନନୀଙ୍କ ମାୟା । ଚିନ୍ତାକଲେ ଏବେ ପଦ୍ମ ଫୁଲଟିଏ ପାଇବେ କେଉଁଠୁ ? ମନରେ ଆସିଲା ସାରା ଜଗତ ତ ତାଙ୍କୁ ପଦ୍ମଲୋଚନ କୁହେ । ଦୁଇ ପଦ୍ମରୁ ଗୋଟିଏ ପଦ୍ମକୁ ଦେବୀ ଚରଣରେ ସମର୍ପଣ କରିଦେବି ଏହି ଭାବନା ନେଇ ଶ୍ରୀରାମ ଶର ଯେନି ଚକ୍ଷୁ ଖୋଳିବା ପାଇଁ ଉଦ୍ୟତ ହେଲା ବେଳକୁ ମା' ଦୁର୍ଗା ଆବିର୍ଭାବ ହେଲେ । କହିଲେ, "ହେ ବତ୍ସ ! ମୁଁ ଆଜିଠୁ ଲଙ୍କା ତେଜିଲି, ତୋର ପୂଜାରେ ମୁଁ ସନ୍ତୁଷ୍ଟ । ଆଜିଠୁ ମହାଷ୍ଟମୀ ନାମରେ ଆଶ୍ୱିନ ଶୁକ୍ଳ ପକ୍ଷ ପ୍ରସିଦ୍ଧ ହେବ, ଏହି ଦିନରେ ଯିଏ ମୋତେ ଭକ୍ତି ଭାବରେ ପୂଜା କରିବ ତା'ର ଧନ, ଜନ, ଯଶ, ଆୟୁଷ ବୃଦ୍ଧି ହେବ । ଭାଇମାନଙ୍କ ମଙ୍ଗଳ କାମନା କରି ଏହି ଦିନ ମୋତେ ଧ୍ୟାନ କଲେ ଉପବାସ ରହି ଗଣ୍ଡେ ଆଠ ଅକ୍ଷତ ଦୁବ ମୋତେ ସମର୍ପଣ କରି ସେ ଦୁବକୁ ଭାଇ ମୁଣ୍ଡରେ ଭଉଣୀମାନେ ଛୁଆଁଇ ଦେଲେ ଭାଇର ଆୟୁଷ ଗଣ୍ଡେ ଆଠ ବର୍ଷକୁ ବୃଦ୍ଧି ହେବ । ଏବେ ମୁଁ ତୋତେ ରାବଣର ମୃତ୍ୟୁ ଭେଦ ରହସ୍ୟ କହୁଛି" । ଏହାପରେ ଦେବୀ ଶ୍ରୀରାମଙ୍କୁ ରାବଣର ମୃତ୍ୟୁ ଭେଦ ରହସ୍ୟ କହି ଅନ୍ତର୍ଦ୍ଧାନ ହୋଇଥିଲେ । ସେ ଦିନଠୁ ଭାଇ ଜୀଉଁତିଆ ଓଷାର ପ୍ରଚଳନ ବୋଲି ପୌରାଣିକ ମତ ରହିଛି । ପୁରାଣକାରମାନେ ମତ ଦିଅନ୍ତି ଯେ ରାମଙ୍କ ସେ ଦିନର ଦେବୀ ପୂଜା ପରେ ହିଁ ସୀତାଫଳ ମା' ଦୁର୍ଗାଙ୍କର ଅତି ପ୍ରିୟ ହେଲା ଏବଂ ଏଥିପାଇଁ ଭାଇ ଜୀଉଁତିଆରେ ଦେବୀଙ୍କୁ ସୀତାଫଳ ଅର୍ପଣ କରିବାର ବିଧି ରହିଛି ।

## ଭାଇ ଜୀଉଁତିଆ ବ୍ରତ କଥା :

ପ୍ରାଚୀନ କାଳରେ ଚମ୍ପାବତୀ ନାମକ ରାଜ୍ୟରେ ବିକ୍ରମସେନ ବୋଲି ଜଣେ ରାଜା ରାଜତ୍ୱ କରୁଥିଲେ । ତାଙ୍କର ରାଣୀଙ୍କ ନାମ ମଦନାବତୀ । ଏକମାତ୍ର ଅଲିଅଳ ଝିଅଟିର ନାଁ ହେଲା ଅରୁଣା । ଅରୁଣା ବିବାହ ଯୋଗ୍ୟା ବୟସରେ ପହଞ୍ଚି ଥିବାରୁ ଉଭୟେ ରାଜା ଓ ରାଣୀ ଏଥିପାଇଁ ଚିନ୍ତିତ ଥିଲେ ଓ ଆତୁର ଭାବରେ ଅରୁଣା ପାଇଁ ଯୋଗ୍ୟ ବରପାତ୍ରର ସନ୍ଧାନ ନେଉଥିଲେ ।

ଚମ୍ପାବତୀ ରାଜ୍ୟର ମହାମନ୍ତ୍ରୀ ଥିଲେ ବୀରସେନ । ତାଙ୍କ ପତ୍ନୀଙ୍କ ନାମ କମଳା । ସେମାନଙ୍କର ଦୁଇଟି ମାତ୍ର ସନ୍ତାନ । ମନ୍ତ୍ରୀ ଜ୍ୟେଷ୍ଠ ପୁତ୍ର ମଦନ ସୁନ୍ଦର ଓ କନିଷ୍ଠା କନ୍ୟା ମାଳତୀ । ମନ୍ତ୍ରୀ ପୁତ୍ର ମଦନ ସୁନ୍ଦର ରୂପରେ ଓ ଗୁଣରେ ସାକ୍ଷାତ ମଦନ କାମଦେବଙ୍କ ଦ୍ୱିତୀୟ ରୂପ ଥିଲେ ।

ଘଟଣା କ୍ରମରେ ଏକଦା ରାଜ ଉଦ୍ୟାନରେ ସୁନ୍ଦରୀ ରାଜକୁମାରୀ ଅରୁଣା ଓ କାମ୍ୟକାନ୍ତି ମନ୍ତ୍ରୀ ପୁତ୍ର ମଦନ ସୁନ୍ଦର ପରସ୍ପରକୁ ଭେଟନ୍ତି ଓ ପ୍ରଥମ ଦେଖାରେ ହିଁ ପରସ୍ପରକୁ ଭଲ ପାଇ ବସିଥାନ୍ତି । ଦୁଷ୍ଟ ବାଇଦ ସହସ୍ର କୋଶ । ଅରୁଣା ଓ ମଦନ ସୁନ୍ଦର ପରସ୍ପରକୁ ଭଲ ପାଇ ବସିଛନ୍ତି ଓ ବାହା ହେବାର ସଂକଳ୍ପ ମଧ୍ୟ ନେଇଛନ୍ତି ବୋଲି ରାଜା ଜାଣିବାକୁ ପାଇଲେ । ରାଗରେ ଅଗ୍ନିଶର୍ମା ହୋଇ ସେ ଆଦେଶ ଦେଲେ ଯେ କୌଣସି ଷଡ଼ଯନ୍ତ୍ର ମାଧ୍ୟମରେ ମଦନ ସୁନ୍ଦରକୁ ହତ୍ୟା କରାହେଉ ।

ଇତି ମଧ୍ୟରେ ନିଜ ମା'ଙ୍କ ପରାମର୍ଶରେ ମନ୍ତ୍ରୀ କନ୍ୟା ମାଳତୀ ଭାଇର ଶୁଭ ମନାସି ଭାଇ ଜୀଉଁତିଆ ଓଷା ନିଷ୍ଠାର ସହ ପାଳନ କରିଥାଏ ଓ ଦେବୀ ତା' ଉପରେ ପ୍ରସନ୍ନ ଥାନ୍ତି । ଦିନେ ରାଜା ବିକ୍ରମସେନ ମଦନ ସୁନ୍ଦରକୁ ଦରବାରକୁ ଡାକି କହିଲେ, "ବାବୁ ! ଆଜି ଅରୁଣାର ମୃଗ ମାଉଁସ ଖାଇବାରେ ମନ ବଳିଛି । ଏଣୁ ତୁମେ ବଣକୁ ଯାଇ ମୃଗ ଶିକାର କରି ଆଣ । ଏକା ଶିକାରକୁ ଯିବା ବିପଦଜନକ ହୋଇଥିବାରୁ ସାଙ୍ଗରେ ରାଜ୍ୟର ମୁଖ୍ୟ ଘାତକକୁ ମଧ୍ୟ ନେଇଯାଅ" । ପ୍ରକୃତରେ ରାଜାଙ୍କର ଏହା ଏକ ଗୋପନ ଷଡ଼ଯନ୍ତ୍ର ଥିଲା । ସେ ଘାତକକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ ଯେ ବଣ ଭିତରେ ଏକୁଟିଆ ଦେଖି ମଦନ ସୁନ୍ଦରକୁ ଯେମିତି ଯେ କୌଣସି ଉପାୟରେ ହତ୍ୟା କରାହୁଏ ।

ବଣ ଭିତରେ ଘାତକ ଓ ମଦନ ସୁନ୍ଦର ଶିକାର ଖୋଜିବାରେ ବ୍ୟସ୍ତ ଥାନ୍ତି । ଘାତକ ସୁଯୋଗ ଖୋଜୁଥାଏ କେମିତି ମନ୍ତ୍ରୀ ପୁତ୍ରକୁ ହତ୍ୟା କରିବ । ନିଛାଟିଆ ସ୍ଥାନ ଦେଖି ସେ ମଦନ ସୁନ୍ଦରକୁ ହତ୍ୟା କରିବାକୁ ଉଦ୍ୟମ କଲାବେଳକୁ ଦେବୀଙ୍କ ମାୟାରେ ସେଠି ଏକ ଶିଶୁ ଶାବକ ଓ ଏକ ହିଂସ୍ର ବ୍ୟାଘ୍ରର ଆବିର୍ଭାବ ହୁଏ । ମଦନ ଶାବକକୁ ଧରି ଏକ ବୁଦା ତଳେ ଲୁଚିଯାଏ । ହିଂସ୍ର ବ୍ୟାଘ୍ର ଘାତକକୁ ଆକ୍ରମଣ କରି ତା'ର ରକ୍ତ ଶୋଷି ସେଠୁ ଚାଲିଯାଏ । ବ୍ୟାଘ୍ର ସେଠୁ ଚାଲିଗଲା ପରେ ମଦନ ସୁନ୍ଦର ଶାବକକୁ କୋଳାଇ ଆପଣା ରାଜ୍ୟକୁ ଫେରିଆସି ରାଜାଙ୍କୁ ଶାବକଟିକୁ ଉପହାର ଦିଏ । ଏହି ଘଟଣାରେ ରାଜା ଆହୁରି ରାଗିଯା'ନ୍ତି ଓ କପଟରେ ମଦନକୁ ଦିବାହାରକୁ ଆମନ୍ତ୍ରଣ କରି ଖାଦ୍ୟରେ ବିଷ ମିଶାଇ ତାକୁ ହତ୍ୟା କରନ୍ତି । ମଦନ ସୁନ୍ଦରର ମୃତ୍ୟୁ ପରେ ତା'ର ଶବକୁ ନଦୀରେ ଭସାଇ ଦିଆହୁଏ ।

ଏଣେ ଠିକ୍ ଏହି ଦିନ ମାଳତୀ (ମନ୍ତ୍ରୀ କନ୍ୟା) ଭାଇ ଜୀଉଁତିଆ ଓଷା ପାଳନ କରିଥାଏ । ତା'ର ନିଷ୍ଠାରେ ଦେବୀ ଦୁର୍ଗା ପ୍ରସନ୍ନ ଲାଭ କରିଥାନ୍ତି । ଏଣୁ ରାତିରେ ସେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ ଯେ, ମାଳତୀ ଭାଇ ଜୀଉଁତିଆ ଓଷା କରିଥିବାରୁ ତା'ର ଭାଇର ମୃତ୍ୟୁ ହେବ ନାହିଁ । ତାଙ୍କୁ ସମର୍ପିତ ହୋଇଥିବା ଅକ୍ଷତ ଦୁବପତ୍ରକୁ ଯଦି ସାତଥର ମଦନର ମୁଣ୍ଡରେ ଛୁଆଁଇ ଦିଆଯାଏ ତେବେ ସେ ପୁନର୍ଜୀବନ ଲାଭ କରିବ । ମଦନକୁ ରାଜା ନଦୀରେ ଭସାଇ ଦେଇଥିଲେ ମଧ୍ୟ ଦେବୀ ମାୟାରେ ବର୍ତ୍ତମାନ ସେ ଅରୁଣାର କକ୍ଷରେ ରହିଛି । ମଦନ ଏବଂ ଅରୁଣାର ବିବାହ ନହେଲେ ଦେବୀ ଗଭୀର ଭାବେ ଅସନ୍ତୋଷ ହେବେ ବୋଲି ମଧ୍ୟ ରାଜାଙ୍କୁ ଦେବୀ ସୂଚନା ଦେଇ ସ୍ୱପ୍ନରୁ ଅନ୍ତର୍ଦ୍ଧାନ ହେଲେ ।


ତହିଁରେ ରାଜା ନିଦରୁ ଉଠି ମାଳତୀକୁ ଡକାଇ ଦେବୀଙ୍କ ନିର୍ଦ୍ଦେଶ କୁହନ୍ତି । ମାଳତୀ ଦୁବପତ୍ର ଆଣି ମଦନକୁ ଛୁଆଁଇବାରୁ ସେ ପୁନର୍ଜୀବନ ଲାଭ କରେ । ଯଥା ସମୟରେ ଅରୁଣା ଓ ମଦନ ସୁନ୍ଦରର ବିବାହ ହୁଏ ଏବଂ ସଭିଏଁ ସୁଖରେ ରୁହନ୍ତି ।

## ଭାଇ ଜୀଉଁତିଆ : ଏକ ସାମାଜିକ ପରମ୍ପରା :

ଯଦି ଗଭୀର ଭାବରେ ଭାଇ ଜୀଉଁତିଆ ଓଷାକୁ ଅନୁଧ୍ୟାନ କରାଯାଏ ତେବେ ନିଶ୍ଚିତ ଭାବରେ ଉପଲବ୍ଧି କରିହେବ ଯେ ଏହା କେବଳ ଏକ ପୌରାଣିକ ଓଷା/ବ୍ରତ ନୁହେଁ ଏକ ସାମାଜିକ ପରମ୍ପରାର ସ୍ପଷ୍ଟ ନିଦର୍ଶନ । ଭଉଣୀର ବିବାହ ପରେ ଭାଇ-ଭଉଣୀର ସମ୍ପର୍କ ପ୍ରାୟତଃ ଧିମାଇ ଯାଇଥାଏ । ପାରିବାରିକ ଜଞ୍ଜାଳ ମଧ୍ୟରେ ବ୍ୟସ୍ତ ରହି ଭାଇ ଭଉଣୀ କଥା ପାଶୋରି ଦେଉଥାଏ, ଭଉଣୀ ଭାଇର କଥା ପାଶୋରି ଦେଉଥାଏ । ଅଥଚ ଭାଇ ଜୀଉଁତିଆ ହିଁ ଏକମାତ୍ର ଏହି ପର୍ବ ଯେଉଁ ଦିନ ଭଉଣୀ ଭାଇ ଘରକୁ ଆସି ଓଷା କରି, ଭାଇର ମଙ୍ଗଳ କାମନା କରି ଭାଇ ଭଉଣୀର ଶ୍ରଦ୍ଧା ସମ୍ପର୍କକୁ ଆହୁରି ନିବିଡ଼ କରେ । ଭଉଣୀକୁ ସମସ୍ତ ଆପଦ ବିପଦରେ ସାହା ହେବା ପାଇଁ ସେହି ଦିନ ହିଁ ଭାଇ ନିଜକୁ ନିଜେ ପୁଣି ଥରେ ପ୍ରତିଶ୍ରୁତି ଦିଏ । ସାମାଜିକ ବ୍ୟବସ୍ଥା, ବନ୍ଧନୀକୁ ସୁଦୃଢ଼ କରିବା ପାଇଁ ଭାଇ ଜୀଉଁତିଆ ଓଷା ଯେ ଏକ ଗୁରୁ ଭାର ବହନ କରିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ ।

---

ସାମ୍ବାଦିକ,
ଘ- ୫୨/୩, ୟୁନିଟ୍-୯,
ଭୁବନେଶ୍ୱର ।




ବାଣୀବିହାରଠାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ କୁଳପତି ଶ୍ରୀ ସତ୍ୟାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉପସ୍ଥିତ ଅଛନ୍ତି ।



କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ କୁମାର ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏକ ପତ୍ରିକା ଉନ୍ମୋଚନ କରୁଛନ୍ତି ।



ମାନ୍ୟବର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀ ବରଗଡ଼ ଜିଲ୍ଲାର ସୋହେଲାଠାରେ ପ୍ରେମନଗର କୁଷ୍ଠ କଲୋନୀ ପରିଦର୍ଶନ କରୁଛନ୍ତି (୧୬/୧୨)।



ସୂଚନା ଭବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ରାଜ୍ୟସ୍ତରୀୟ ଭାରତ ଛାଡ଼ ଆୟୋଜନ କମିଟିର ସଦସ୍ୟମାନଙ୍କ ସହିତ ଆଲୋଚନା କରୁଛନ୍ତି (୯/୧୨)।



ସୁଚନା ଭବନଠାରେ ଆୟୋଜିତ ପୂର୍ବାଞ୍ଚଳ ସମବାୟ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି (୨୬/୧୧) ।



ନୂଆଦିଲ୍ଲୀ ପ୍ରଗତି ମୈଦାନଠାରେ ଆୟୋଜିତ ଭାରତ ଆନ୍ତର୍ଜାତିକ ମେଳାରେ ହୁଡ୍‌କୋ ଦ୍ୱାରା ଆୟୋଜିତ ଏକ ମଣ୍ଡପରେ କଳିଙ୍ଗ କୁଟୀର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପରିଦର୍ଶନ କରୁଛନ୍ତି (୨୨/୧୧) ।



ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ବାଲିରୁ ଆସିଥିବା ଏକ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି । ବାଲି ରାଜ୍ୟପାଳ ଡକ୍ଟର ଇଦା ବାଗୁସ୍ ଓକା, ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ।




ବିଧାନ ସଭା ପରିସର ମଧ୍ୟରେ ଆୟୋଜିତ ଏକ ଉନ୍ନତ ମାନର କୃଷି ଯନ୍ତ୍ରପାତି ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବୁଲି ଦେଖୁଛନ୍ତି (୪/୧୧) ।



ବାଲିର ରାଜ୍ୟପାଳ ଡକ୍ଟର ଇଦା ବାଗୁସ୍ ଓକାଙ୍କୁ ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀ ଏକ ଦଶାବତାର ପଟ୍ଟ ଚିତ୍ର ପ୍ରଦାନ କରୁଛନ୍ତି (୩/୧୨)।



ଅଷ୍ଟ୍ରେଲିଆ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ହେଣ୍ଟି କାଓ୍ୱାନ୍ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟି ଓଡ଼ିଶାରେ ଖଣିଜ ସମ୍ପଦର ଏରୋମାଗ୍ନେଟିକ୍ ସର୍ଭେ ଉପରେ ଆଲୋଚନା କରୁଛନ୍ତି (୧୭/୧୨)।



କଳାହାଣ୍ଡି ଜିଲ୍ଲାର ପ୍ରେଷୋଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏମ୍. ଆଇ. ପି. ଉଦ୍‌ଘାଟନ କରୁଛନ୍ତି (୧୫/୯)।




ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କୋରାପୁଟ ଜିଲ୍ଲାକୁ ଦିନିକିଆ ଗସ୍ତରେ ଯାଇ କୋଲାବ୍ ନଦୀ ଉପରେ ନିର୍ମିତ ସେତୁକୁ ଉଦ୍‌ଘାଟନ କରୁଛନ୍ତି (୨୫/୧୧)।




କାମାକ୍ଷାନଗରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏକ ଷ୍ଟାଡିୟମର ଶିଳାନ୍ୟାସ କରୁଛନ୍ତି (୨୪/୧୧)।




ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ତାମିଲନାଡୁର ଏକ ସାଂସ୍କୃତିକ ଦଳ 'କରଗମ୍' ନୃତ୍ୟ ପ୍ରଦର୍ଶନ କରୁଛନ୍ତି (୫/୧୨)।




ଭୁବନେଶ୍ୱର ଲଳିତ କଳା କେନ୍ଦ୍ରଠାରେ ଆୟୋଜିତ ସର୍ବ ଭାରତୀୟ ପଞ୍ଚମ କଳା ପ୍ରଦର୍ଶନୀକୁ ସୂଚନା ଓ ଲୋକ ସମ୍ପର୍କ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ଉଦ୍‌ଘାଟନ କରୁଛନ୍ତି।




ସୋନପୁରଠାରେ ଜିଲ୍ଲା ସାକ୍ଷରତା ଅଭିଯାନ ସମିତି ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ସମାବେଶରେ ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀଙ୍କ ଅଭିଭାଷଣ ।



ଭୁବନେଶ୍ୱର ଆଦିବାସୀ ପଡ଼ିଆଠାରେ ହରିଜନ କଲ୍ୟାଣ ମନ୍ତ୍ରୀ ଶ୍ରୀ ସାସିରାମ ମାଝୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି ।



ନୂଆଦିଲ୍ଲୀସ୍ଥ ୟୁନିସେଫ୍‌ର ଉପନିର୍ଦ୍ଦେଶକ ଶ୍ରୀ ଗାର୍ଡ଼ନ ଆଲେକ୍‌ଜାଣ୍ଡାର୍ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି ।

# ମୟୂରଭଞ୍ଜ ଜିଲ୍ଲାରେ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ

ଶ୍ରୀ ଜାନକୀ ବଲ୍ଲଭ ଦାସ

ଅନ୍ତ୍ୟୋଦୟ / . ଚେତନା ମଣ୍ଡଳ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଏହା ମହାତ୍ମା ଗାନ୍ଧୀ, ସନ୍ଥ ବିନୋବା ଭାବେ ଏବଂ ଲୋକ ନାୟକ ଜୟ ପ୍ରକାଶନାରାୟଣଙ୍କ ଚିନ୍ତାଧାରା ଓ ଆଦର୍ଶ ଉପରେ ପ୍ରତିଷ୍ଠିତ । ସମାଜରେ ବାସ କରୁଥିବା ସବୁଠାରୁ ଗରୀବ (ଅନ୍ତ୍ୟୋଦୟ) ଅବହେଳିତ, ଶୋଷିତ, ଦଳିତ ଓ ଅନ୍ତିମ ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ଏବଂ ସେମାନଙ୍କୁ ଦୁର୍ନୀତି ଓ ଶୋଷଣରୁ ମୁକ୍ତି କରି ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ପାରିବେ ସେଥିପାଇଁ ସେମାନଙ୍କ ମନ ମଧ୍ୟରେ ଉପଯୁକ୍ତ ଜ୍ଞାନ ବା ଚେତନା ଜାଗ୍ରତ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ ।

ଏହା ୧୯୮୨ ମସିହାରୁ ବିଭିନ୍ନ ଜିଲ୍ଲାରେ ଚେତନା ଓ ବିକାଶମୂଳକ କାର୍ଯ୍ୟ କରି ଲୋକମାନଙ୍କର ଅବସ୍ଥାକୁ ବହୁ ପରିମାଣରେ ଉନ୍ନତି କରି ପାରିଛି । ଏହାର ମୁଖ୍ୟ କାର୍ଯ୍ୟାଳୟ ବାରିପଦାରେ ଥିଲା କିନ୍ତୁ ବର୍ତ୍ତମାନ ଏହା ରଙ୍ଗାମାଟିଆ ଅନ୍ତ୍ୟୋଦୟ ଆଶ୍ରମରେ ପରିଚାଳିତ ହେଉଛି ।

ଅନ୍ତ୍ୟୋଦୟ କୌଣସି ରାଜନୈତିକ ଦଳ ସହ ସଂପୃକ୍ତ ନୁହେଁ କିମ୍ବା କୌଣସି ଧର୍ମକୁ ଭିତ୍ତିକରି କାର୍ଯ୍ୟ କରେନି । ଏହା ସଂପୂର୍ଣ୍ଣଭାବେ ଅଣରାଜନୈତିକ ଓ ଧର୍ମ ନିରପେକ୍ଷ ଭାବେ ସମାଜର ପୂର୍ଣ୍ଣ ପରିବର୍ତ୍ତନ ଆଶାକରେ । ଅନୁଷ୍ଠାନର ପରିଚାଳନା ନିମନ୍ତେ ଅନ୍ତ୍ୟୋଦୟ ସ୍ୱେଚ୍ଛାକୃତ ଅନୁଦାନ, ସରକାରୀ ଅନୁଦାନ ଓ ବ୍ୟକ୍ତି ବିଶେଷ ଅନୁଦାନ ସଂଗ୍ରହ କରିଥାଏ ଏବଂ ଏହାର ହିସାବ ପ୍ରତିବର୍ଷ ସରକାରଙ୍କୁ ଓ ଦାତା ଅନୁଷ୍ଠାନମାନଙ୍କୁ ଦିଆଯାଏ ।

ଏହାର କାର୍ଯ୍ୟକ୍ରମ ସାଧାରଣତଃ ଦୁଇ ପ୍ରକାର :

(କ) ବିକାଶ ମୂଳକ -(ଖ) ଚେତନା ବା ପରିବର୍ତ୍ତନ ମୂଳକ ।

## (କ) ବିକାଶ ମୂଳକ :

ଲୋକମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଏବଂ ସେମାନେ କିପରି ଆଉ ନିର୍ଭରଶୀଳ ଅର୍ଥାତ୍ କାହାରି ଉପରେ ନିର୍ଭର ନକରି ସ୍ୱାଧୀନ ଭାବରେ ନିଜର ଜୀବିକା ନିର୍ବାହ କରି ନିଜେ ରୋଜଗାରକ୍ଷମ ହୋଇ ପାରିବେ ସେଥିପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମ ମାନ ଚାଲିଅଛି ।

### (୧) କୃଷି ସହଯୋଗ :

ଗରୀବ ଏବଂ ଆଦୀବାସୀ ଲୋକମାନଙ୍କୁ ଚାଷ ନିମିତ୍ତ ବିହନ ଆଦି ଆବଶ୍ୟକୀୟ ଜିନିଷମାନ ସହଯୋଗ କରାଯାଇ ସେମାନଙ୍କୁ କୃଷି କାର୍ଯ୍ୟରେ ରୋଜଗାରକ୍ଷମ କରାଯାଇଛି । ସ୍ଥାନେ ସ୍ଥାନେ ଲୋକମାନଙ୍କର ମିଳିତ ଉଦ୍ୟମ ଫଳେ ଆଡ଼ିବନ୍ଧ ମାନ ନିର୍ମାଣ କରି ଲୋକଙ୍କ ଜମିରେ ଜଳସେଚନର ସୁବିଧା ମଧ୍ୟ କରାଯାଉଛି । କୃଷି କାର୍ଯ୍ୟର ସୁସ୍ଥରୂ ସମ୍ପାଦନ ନିମିତ୍ତ ଆବଶ୍ୟକୀୟ କୃଷି ଉପକରଣ ମାନ ଯୋଗାଇ ଦିଆଯାଉଛି । ଏହା ଫଳରେ ବହୁଳ ପରିମାଣରେ ଲୋକମାନେ କୃଷି ମାଧ୍ୟମରେ ରୋଜଗାର କ୍ଷମ ହୋଇ ସ୍ୱାଧୀନ ଭାବରେ ସେମାନେ ନିଜର ଗୁଜରାଣ ମେଣ୍ଟାଇ ପାରୁଛନ୍ତି ।

### (୨) ସବାଇ ସହଯୋଗ ଏବଂ ରୋପଣ :

ଲୋକମାନଙ୍କୁ ସବାଇ ଘାସ ବଳିବା ପାଇଁ ଯୋଗାଇ ଦିଆଯାଇ ସେମାନଙ୍କର ଆର୍ଥିକ ଅଭାବକୁ ବହୁ ପରିମାଣରେ ଦୂର କରାଯାଇଛି । ତଥା– ତାହି ଜମିମାନଙ୍କରେ ସବାଇ ଲଗାଇବା ପାଇଁ ଖର୍ଚ୍ଚା ମଧ୍ୟ ସହଯୋଗ କରାଯାଉଛି । ଫଳରେ ସେମାନେ ୨ ବର୍ଷ ପରେ ସେଥିରୁ କିଛି ଉପାର୍ଜନ କରି ପାରୁଛନ୍ତି ଏତଦ୍ ବ୍ୟତୀତ ଏହା ମାଧ୍ୟମରେ ଲୋକେ କିଂଚିତ୍ ପରିମାଣରେ ଶୋଷଣରୁ ମୁକ୍ତି ପାଇ ପାରୁଛନ୍ତି ।

### (୩) କୁଟୀର ଶିଳ୍ପ ପାଇଁ ସହଯୋଗ :

ତନ୍ତୀ, କମାର ଆଦି ଗରୀବ ଲୋକମାନଙ୍କୁ ଆବଶ୍ୟକୀୟ ଯନ୍ତ୍ରପାତି ଏବଂ ପୁଞ୍ଜି ଯୋଗାଇ ଦେଇ ସେମାନେ କିପରି କୁଟୀର ଶିଳ୍ପ ମାଧ୍ୟମରେ ନିଜେ ରୋଜଗାର କ୍ଷମ ହେବେ ସେଥିପାଇଁ ତାଲିମର ବ୍ୟବସ୍ଥା କରାଯାଇଛି ।

### (୪) ସିଲାଇ ତାଲିମ :

ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ସିଲାଇ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି ଏବଂ ସେମାନଙ୍କୁ ଆବଶ୍ୟକୀୟ ଯନ୍ତ୍ରପାତିମାନ ଯୋଗାଇ ଦିଆଯାଉଛି । ଫଳରେ ସେମାନେ ରୋଜଗାରକ୍ଷମ ହୋଇ ପାରୁଛନ୍ତି ।

### (୫) ଜମି ସମତଳି କରଣ :

ଏ ଅଞ୍ଚଳର ଉଚ୍ଚା ତାଡ଼ି ଜମିକୁ ସମତଳ କରି କୃଷି ଉପଯୋଗ କରାଯାଉଛି । ଫଳରେ ଲୋକମାନେ ଚାଷକରି ପାରୁଛନ୍ତି ।

ଏହିପରି ଅନେକ କାର୍ଯ୍ୟକ୍ରମ ଦ୍ୱାରା ଏ ଅଞ୍ଚଳର ଗରୀବ ଲୋକମାନଙ୍କର ଆର୍ଥିକ ବିକାଶ କରାଯାଇ ପାରୁଛି ।

## (ଖ) ପରିବର୍ତ୍ତନ ବା ଚେତନାମୂଳକ :

ଲୋକମାନଙ୍କର ଚିନ୍ତାଧାରର ଉନ୍ନତି ଏବଂ ମୌଳିକ ଏବଂ ବୈଷୟିକ ଜ୍ଞାନର ବିକାଶ ପାଇଁ କେତେକ କାର୍ଯ୍ୟକ୍ରମ ମାନ ନିଆଯାଇଛି ।

### (୧) ଶିକ୍ଷା କାର୍ଯ୍ୟକ୍ରମ :

ସାଧାରଣତଃ ଏ ଅଞ୍ଚଳର ଆଦିବାସୀ ପିଲାମାନେ ପାଠ ପଢ଼ନ୍ତି ନାହିଁ । ଫଳରେ ଅଶିକ୍ଷିତ ଯୋଗୁଁ ବିଭିନ୍ନ ପ୍ରକାର ଶୋଷଣର ଶିକାର ହୁଅନ୍ତି । ତା'ର ପ୍ରତିକାର ପାଇଁ ପ୍ରାଥମିକ ବିଦ୍ୟାଳୟ ମାନ ଖୋଲି ଆଦିବାସୀ ପିଲାମାନଙ୍କୁ ପଢ଼ିବାର ବ୍ୟବସ୍ଥା କରାଯାଉଛି ।

### (୨) ପ୍ରୌଢ଼ ଶିକ୍ଷା :

ଗାଁରେ ନିରକ୍ଷର ଲୋକମାନଙ୍କୁ ସାକ୍ଷର କରିବା ସଙ୍ଗେ ସଙ୍ଗେ ସେମାନେ କିପରି ନିଜର ଦୈନନ୍ଦିନ ଜୀବନରେ ଆସୁଥିବା ସାଧାରଣଜ୍ଞାନ ବିଷୟରେ ସଚେତନ ହୋଇ ପାରିବେ । ସେଥିପାଇଁ ଶିକ୍ଷାର ପ୍ରସାର କରାଯାଇଛି ।

### (୩) ଗ୍ରାମ ସଭା :

ଗାଁରେ ଗ୍ରାମ ବୈଠକ କରି ଗାଁରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରୁଛି ତଥା ଗାଁର ଲୋକଙ୍କୁ ଏକଜୁଟ ଏବଂ ଲୋକ ଚରିତ୍ରର ବିକାଶ ପାଇଁ ଯତ୍ନ କରାଯାଉଛି ।

### (୪) ସାଂସ୍କୃତିକ କାର୍ଯ୍ୟକ୍ରମ :

ଗ୍ରାମ ଉପଯୋଗୀ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କଣ୍ଢେଇନାଚ ତଥା ନାଟକ ମାଧ୍ୟମରେ ଲୋକମାନଙ୍କର ଆବଶ୍ୟକୀୟ ଜ୍ଞାନର ପରିବୃଦ୍ଧି କରି ଲୋକ ଚରିତ୍ରର ବିକାଶ ଏବଂ ଜନ ଚେତନା ଜାଗ୍ରତ କରିବାରେ ସହାୟକ ହୋଇ ପାରୁଛି ।

ଏହା ଛଡ଼ା ପତ୍ର ପତ୍ରିକା ମାଧ୍ୟମରେ ସ୍ୱାସ୍ଥ୍ୟ ସୁରକ୍ଷା, ପରିବେଶ ସୁରକ୍ଷା, କୃଷି ବିକାଶ ଏବଂ ଦେଶର ସମସ୍ୟାକୁ ସରଳ ଭାଷାରେ ଲୋକମାନଙ୍କ ପାଖରେ ପହଞ୍ଚାଇ ଏହାର ପ୍ରତିକାର ଦିଗରେ ପ୍ରବର୍ତ୍ତାଇ ପାରୁଛି ।

ଅନ୍ତ୍ୟୋଦୟ ଅନୁଷ୍ଠାନର ବିଶେଷତ୍ୱ ଯେ ଯୁବକମାନେ ହିଁ ଏହାର ମୂଳଦୁଆ ତିଆରି କରିଛନ୍ତି ଏବଂ ଆଗାମୀ ବର୍ଷମାନଙ୍କରେ ଗ୍ରାମମାନଙ୍କୁ ଆତ୍ମନିର୍ଭରଶୀଳ ଓ ସଚେତନଶୀଳ କରାଇ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏମାନେ ପ୍ରତିବଦ୍ଧ ।

ଉଠରେ କୃଷୀ ଉଠ ମୂଲିଆ ଉଠରେ ଶ୍ରମିକ ଭାଇ
ଡାକୁଛି ଦେଶ ଦୁଆରେ ତୋର ଆଉ ନ ରହ ଶୋଇ
ଲାଙ୍ଗଳ ମୁନେ ଚିରରେ ଭାଗ୍ୟ
ମର୍ତ୍ତ୍ୟେ ମିଳିବ ସ୍ୱର୍ଗର ଭୋଗ

ନାଚିବୁ ତୁରେ ସୁଖ ଶାନ୍ତିରେ ପ୍ରେମେ ବିଭୋର ହୋଇ
କଳ କାରଖାନା ମୋହରେ ପଡ଼ି
ଗୃହ ଶିଳ୍ପ ତୋର ଯାଅନା ଭୁଲି

ଦେଶ ମଙ୍ଗଳ କାମରେ ଲାଗ ତୋଧନ ଜୀବନ ଦେଇ
ଗାଁର କଳି ଗାଁରେ ଭାଙ୍ଗୁ
ଭାଇ ଭାଇରେ ଏକତା ଜାଗୁ

ଗଢ଼ରେ ତୁରେ ନିଜକୁ ନିଜେ ପୁରୁବ କାଳକୁ ଚାହିଁ
ଚକ ଚକିଆକୁ ଦିଅରେ ଛାଡ଼ି
ମଳି ମୁଣ୍ଡିଆକୁ ନିଅରେ ଲୋଡ଼ି

ଖାଇ ବଗଡ଼ା ପିନ୍ଧିବା ମୋଟା ଶାନ୍ତି ଆମର ସେହି
ଡାଲ୍ ହୁଆସ୍ରେର ଫିସାଦ ନୀତି
ପୋଡ଼ି ପକାଅରେ ନରଖି ଭିତ୍ତି
ଗଢ଼ିବା ଆମେ ସତ୍ୟ ସଂସାର ସ୍ୱାଧୀନ ଭାରତ ଭୂଇଁ ।

ସାପ୍ତାହିକ–ଉତ୍ତିଆନ ଏକ୍ସପ୍ରେସ୍,
ଶ୍ରୀରାମଜୀ ଭବନ,
ଦେଉଳସାହି, ବାରିପଦା–୭୫୭୦୦୧ ।




ଭୁବନେଶ୍ୱରଠାରେ ନଗରପାଳିକା ଦ୍ୱାରା ନିର୍ମିତ ପୁରୁଣା ଭୁବନେଶ୍ୱରସ୍ଥିତ ହୁଡ଼ା ଭୋଇସାହି ଗୃହ ନିର୍ମାଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି (୭/୧୨) ।

# ଆବାହନୀ

ପ୍ରତିଭା ମହାରଥୀ

ଆସ ମା ଦୁର୍ଗା ମହାଶକ୍ତିମୟୀ
ମାଟି ମା ରହିଛି ଅନାଇ
ବରଷା ଦେଇଛି ଧୋଇ ସବୁ ଧୂଳିମଳି
ବକ୍ଷ ତା'ର ଲାଗେ ତେଣୁ ଅତି ନିରିମଳ
ଫଳ ପୁଷ୍ପେ ହସିଉଠେ ବନଲତା, ସବୁଜ କିଆରୀ ।
ଶରତର ନିର୍ମେଘ ଆକାଶ ଟପି
ଆସ ମା ଓହ୍ଲାଇ
ପୂଜାରୀଣିଟିଏ ଯେହ୍ନେ ଭକ୍ତି ଅର୍ଘ୍ୟଧରି
ମାଟି ମା ରହିଛି ଅନାଇ ।
କେତେ ରଙ୍ଗ କେତେ ଯେ ସୁରଭି
ପୂଜାଥାଳେ ରଖିଛି ସାଇତି
ପଦ୍ମଫୁଲ ଚମ୍ପକ, ମନ୍ଦାର
ହରଗୌରୀ ଟଗର ମାଳତୀ ।
ସବୁ ପ୍ରାଣ ମନ ଆଜି ଭାସିଯାଏ
ଭକତି ସୁଅରେ
ତୁମରି ସ୍ୱାଗତ ପାଇଁ ଆୟୋଜନ
ପୁରପଲ୍ଲୀ ପ୍ରତିଟି ମନ୍ଦିରେ ।
ଚତୁର୍ଦ୍ଦିଗ ନିନାଦିତ ତୁମ ସ୍ତବ ମନ୍ତ୍ରପାଠେ,
ଶଙ୍ଖ ଘଣ୍ଟା ହୁଳହୁଳି ଶବ୍ଦେ
ଜାତି ଧର୍ମ ବର୍ଣ୍ଣ ଭୁଲି
ସାଧୁ ସନ୍ଥ ସର୍ବେ ମିଳି
ଡାକୁଛନ୍ତି ଭକ୍ତି ଅର୍ଘ୍ୟତୋଳି,
ଆସ ମା ଦୁର୍ଗତୀନାଶିନୀ ଦୁର୍ଗା
ଅଜ୍ଞାନ, ଅଧର୍ମ, ପାପ, ଅନ୍ୟାୟ, ଅସତ୍ୟେ
ନିର୍ଯ୍ୟାତିତା ଏ ଧରାର ପ୍ରତିଟି ତନ୍ତ୍ରୀରୁ
ଅପସରି ଯାଉ ଦୁଃଖ, କଷଣ, କଳାପ
ଶାନ୍ତି ବାର୍ତ୍ତା ବହିଆସ ମହାମାୟୀ ପରିତ୍ରାଣ ଦାତ୍ରୀ
'ସତ୍ୟମେବ' ଜୟତେର ସିଦ୍ଧାର୍ଥ ଭିତରେ ।

---

ଅଧ୍ୟାପିକା, ମନସ୍ତତ୍ତ୍ୱ ବିଭାଗ,
ପିପିଲି ମହାବିଦ୍ୟାଳୟ ।

# ମାଛଚାଷ

କ୍ଷେତ୍ରବାସୀ ବେହେରା

ପ୍ରାୟତଃ ସମସ୍ତ ସରକାରୀ କର୍ମଚାରୀମାନଙ୍କର କର୍ମମୟ ଜୀବନ ସରି ଆସିଲା ବେଳକୁ ମୁଣ୍ଡ ଉପରେ ଅନେକ ଦାୟିତ୍ୱର ଭାର ଲଦିହୋଇ ଯାଇଥାଏ, ଯଥା ପିଲାମାନଙ୍କର ଉଚ୍ଚଶିକ୍ଷା, ବାହାଘର, ସର୍ବୋପରି ନିଜ ପାଇଁ ଘର ଖଣ୍ଡିଏ ନିତ୍ୟାନ୍ତ ଆବଶ୍ୟକ । ଏହିପରି ଅନେକ ବ୍ୟୟ ବହୁଳ କାର୍ଯ୍ୟ ମଧ୍ୟରେ ସ୍ୱଳ୍ପ ଆୟ ଓ ପରିବାରର ଦୈନିକ ଖର୍ଚ୍ଚ ଠିକ୍ ବୋଝ ଉପରେ ନଳିତା ବିଡ଼ାପରି । ଅବସର ଗ୍ରହଣ ପରେ ଆୟ ସାଧାରଣତଃ ୪୦ ରୁ ୬୦ ଶତାଂଶ କମି ଯିବାରୁ ଘର ଖର୍ଚ୍ଚ ଏକ ଦୁର୍ବିସହ ବ୍ୟାପାର ହୋଇପଡ଼େ । ସାରା କର୍ମମୟ ଜୀବନ ମଧ୍ୟରେ ସଞ୍ଚିତ ଅର୍ଥ ବର୍ତ୍ତମାନ ଯାହା ପାଇବେ ଉପରୋକ୍ତ ବ୍ୟୟ ବହୁଳ କାର୍ଯ୍ୟକୁ ନିଅଣ୍ଟ । ଏପରି ଏକ ମୁହୂର୍ତ୍ତରେ ମନ ନିଶ୍ଚିତ ଏକ ଆୟର ପନ୍ଥା ଖୋଜି ବୁଲୁଥାଏ । ଜୀବନର ଏ ସାୟାହ୍ନ ସମୟରେ କର୍ମ ଯୋଗାଣ ଏକ ଜଟିଳ ସମସ୍ୟା ସୃଷ୍ଟି କରେ ସତ, ହେଲେ ହତୋତ୍ସାହ ହେବାର କୌଣସି କାରଣ ନାହିଁ । ଆପଣଙ୍କର ପ୍ରାପ୍ତ ଅର୍ଥର ସଦୁପଯୋଗକରି ଅସମ୍ଭବ ପ୍ରକାର ଆୟ କରିପାରିବେ; ଯାହାକି କର୍ମମୟ ଜୀବନ ମଧ୍ୟରେ ପାଇପାରି ନଥିବେ । ଯେଉଥିରେ ଆପଣଙ୍କର ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ । ଟଙ୍କା ହିଁ ଟଙ୍କା ଆୟର ମୁଖ୍ୟ ଅଙ୍ଗ; ମଣିଷ ଏକ ନାମ ମାତ୍ର । ଅର୍ଥାତ୍ ଏହି ପ୍ରବନ୍ଧ ମାଧ୍ୟମରେ ଏପରି ଏକ କର୍ମ ଯୋଗାଣର ପ୍ରାକଳନ ଉପସ୍ଥାପନ କରାଯାଇଛି ଯାହାକି ଅବସର କାଳୀନ କର୍ମ ଯୋଗାଣର ସୁଯୋଗ ସୃଷ୍ଟି କରିବା ସହିତ ଆପଣଙ୍କର ବିନିଯୋଗ ଅର୍ଥର ବାର୍ଷିକ ଶତକଡ଼ା ୭୦ରୁ ୧୦୦ ଭାଗ ଲାଭ ଦେଇ ପାରିବ ତାହା ହେଲା **"ସମନ୍ୱିତ ମାଛଚାଷ"** ।

ସମନ୍ୱିତ ମାଛଚାଷ ଏକ ସହଜ କର୍ମ ଯୋଗାଣ ମାଧ୍ୟମ ଯାହାକି ଅଳ୍ପ ଖର୍ଚ୍ଚ ଓ ପରିଶ୍ରମରେ ଶତକଡ଼ା ହାରରେ ଅଧିକ ଆୟ ଦେଇପାରିବ । ଏହା ଅନ୍ୟ ଯେଉଁ କୌଣସି ଆୟପନ୍ଥା ଅପେକ୍ଷା ନିଶ୍ଚିତ ସହଜ, ସରଳ ଓ ଦାୟିତ୍ୱ ଶୂନ୍ୟ । ସମାଜର ପ୍ରତ୍ୟେକ ଜାତି ଓ ବୟସର ଲୋକେ ଏହା କରିପାରିବେ । ଏହା ଆପଣଙ୍କୁ ସୁସ୍ଥ, ପ୍ରଦୂଷଣ ମୁକ୍ତ ଜଳବାୟୁ ଯୋଗାଇ ଦେବା ସହିତ ଅବସର ବିନୋଦନରେ ସାହାଯ୍ୟ କରିପାରେ । ମାଛଚାଷ, ଚିଙ୍ଗୁଡ଼ିଚାଷ ତଥା ଜାଆଁଳ ଚାଷ କରି ଅଧିକ ଆୟ ପାଇବା ସହିତ ବର୍ଷସାରା ଘୁଷୁରିଙ୍କର ଖାଦ୍ୟ ପାଇ ପାରିବେ । ପୋଖରୀ ହୁଡ଼ାରେ ନଡ଼ିଆ, କଦଳୀ ଭଳି ଅର୍ଥକାରୀ ଫଳଚାଷ କରି ଅଧିକ ଲାଭବାନ ହେବେ । ପୋଖରୀ ହୁଡ଼ାର ପରିବା ଏବଂ ଡାଲିଜାତୀୟ ଫସଲକରି ବଜାର ଉପରେ ନିର୍ଭର କରିବେ ନାହିଁ । ଏଥି ସହିତ ଜର୍ସି ଗାଈ ପାଳନକରି ଭଲ କ୍ଷୀର ଟିକିଏ ପାଇବା ସହିତ ଅଧିକ ଆୟ ପାଇବେ, ଗାଈ ପାଇଁ ଖାଦ୍ୟ (ଘାସ) ସହଜରେ ମିଳିବା ସହିତ ଗାଈ ଗୋବର ମାଛଚାଷରେ ଅଧିକ ଦରକାରୀ ବସ୍ତୁ । ବତକ ଓ କୁକୁଡ଼ା ପାଳନ ମଧ୍ୟ ଆୟକୁ ତ୍ୱରାନ୍ୱିତ କରିବା ସହିତ ମାଛଚାଷର ଖର୍ଚ୍ଚକୁ କମାଇବାରେ ସାହାଯ୍ୟ କରିପାରେ । ସର୍ବୋପରି ପୋଖରୀ ହୁଡ଼ାରେ ଘରକରି ସପରିବାରେ ଶାନ୍ତିରେ ରହିପାରିବେ ।

ଯେବେ ଆପଣଙ୍କର ଏକଟ ଅନ୍ୟୂନ ୨ ଏକର ଜମି ଅଛି, ତାହା ଉପରେ ଆପଣ ଏହି ପ୍ରକଳ୍ପ କରି ପାରିବେ, ୨ ଏକରରୁ ଉର୍ଦ୍ଧ୍ୱ ଜମି ହେଲେ ଭଲ, ଜମିର ଅବସ୍ଥିତି ସାଧାରଣତଃ ଖାଲୁଆ, ପଣ୍ଡସଣ୍ଡିଆ ପତିତ ଭୂମି ହେଲେ କମ୍ ଖର୍ଚ୍ଚ ଲାଗିବ । ଏହିଭଳି ଜମି ସେତେ ଉତ୍କୃଷ୍ଟ ଚାଷ ଜମି ନୁହେଁ ଫଳରେ ଏହାର ଦର ଅନ୍ୟ ଜମି ତୁଳନାରେ ଯଥେଷ୍ଟ କମ୍ । ଯେବେ ଏଭଳି ଜମି ନାହିଁ ତେବେ ସ୍ୱଳ୍ପ ମୂଲ୍ୟରେ ୨ ଏକର ଜମି କିଣି ସହଜରେ ଏହି ପ୍ରକଳ୍ପ କରାଯାଇ ପାରେ । ଉଚ୍ଚ, ପାହାଡ଼ିଆ, ଜମି ଅନାବଶ୍ୟକ । ମାଟି ସାଧାରଣତଃ କାଦୁଅ ଦୋରସା ହେଲେ ଉତ୍ତମ ।

ପ୍ରଥମେ ୨ ଏକର ଜମିରୁ ଏକ ଏକର ଜମି ବ୍ୟବହାର କରି ପ୍ରାୟ ୬୫ ଡିସିମିଲ୍ ଆୟତନ ବିଶିଷ୍ଟ ପୋଖରୀଟି ଖୋଳାନ୍ତୁ ଏବଂ ଅବଶିଷ୍ଟ ଏକ ଏକର ଜମି ବ୍ୟବହାର କରି ୬ ଗୋଟି ୧୦-୧୨ ଡିସିମିଲ ଆୟତନ ବିଶିଷ୍ଟ ଜାଆଁଳ ଉତ୍ପାଦନ ପୋଖରୀ ଖୋଳାନ୍ତୁ । ଉକ୍ତ ପୋଖରୀ ଗୁଡ଼ିକର ପ୍ରାକଳନ (Estimate) ତଥା ବୈଷୟିକ ଜ୍ଞାନ କୌଶଳ ପ୍ରତ୍ୟେକ ଜିଲ୍ଲାରେ ଅବସ୍ଥାପିତ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ପାଇ ପାରିବେ, ପ୍ରାକଳନ ଅନୁସାରେ ପୋଖରୀ ହୁଡ଼ା ଓ ଗଭୀରତା ହେବା ଆବଶ୍ୟକ । ପୋଖରୀ ହୁଡ଼ାର ବାହାର ପାଖ ତଳଧାରରେ ୮୦ରୁ ୯୦ ଗୋଟି ନଡ଼ିଆ ଗଛ ଲଗାନ୍ତୁ । ଜାଆଁଳ ପୋଖରୀର ହୁଡ଼ାମଝିରେ ମଧ୍ୟ ଲଗାଯାଇ ପାରେ, ନଡ଼ିଆ ଗଛ ମଝିରେ ୧୦୦ଟି କଦଳୀ ଗଛ ଏବଂ ଆବଶ୍ୟକ ମୁତାବକ ଅମୃତ ଭଣ୍ଡା, ଲେମ୍ବୁ, ସଜନା ଗଛ, ଆମ୍ବ ଗଛ ଲଗାନ୍ତୁ । ସାଧାରଣତଃ ନଡ଼ିଆ ଗଛ ୩ ବର୍ଷରୁ ୫ ବର୍ଷରେ ଫଳ ଧରିଥାଏ । ଏହି ସମୟ ମଧ୍ୟରେ ଅନ୍ୟ ଅର୍ଥକାରୀ ଫସଲ କରି ଅଧିକ ଲାଭ ପାଇ ପାରିବେ । ଛକ ଜାଗା କିମ୍ବା ମଝି ସ୍ଥାନ ଦେଖି ଛୋଟ ଘରଟିଏ କରନ୍ତୁ ଯାହାକି ପ୍ରାଥମିକ ପର୍ଯ୍ୟାୟରେ ଅଳ୍ପ ଖର୍ଚ୍ଚରେ ହେବା ଆବଶ୍ୟକ । ପ୍ରାକଳନ ଅନୁସାରେ ଗାଈ ଦୁଇଗୋଟି ପାଇଁ ମଧ୍ୟ ୧୨'×୮'ର ଆଜବେଷ୍ଟର ଘରଟିଏ କରନ୍ତୁ,

ମାଛଚାଷ, ଚିଙ୍ଗୁଡ଼ି ଚାଷ, ଝାଇଁଳ ଚାଷ ଏବଂ ଗାଇ ପାଇଁ ଆବଶ୍ୟକ ଦରକାରୀ ଜିନିଷ କିଣନ୍ତୁ, ପ୍ରଦତ୍ତ ବୈଷୟିକ ଜ୍ଞାନ କୌଶଳ ବିନିଯୋଗ କରି ଆପଣ ମାଛଚାଷ, ଚିଙ୍ଗୁଡ଼ି ଚାଷ, ଝାଇଁଳ ଚାଷ, ପୋଖରୀ ହୁଡ଼ାରେ ଫଳ ଓ ପନିପରିବା ଚାଷ, ତଥା ଗୋପାଳନ ମାଧ୍ୟମରେ କେତେ ଆୟ କରୁଛନ୍ତି ଦେଖନ୍ତୁ । ଆୟ ନିଶ୍ଚିତ ପ୍ରଥମ ୪ ବର୍ଷ ସମାନ ହାରରେ ଆସିବ । ନଡ଼ିଆଗଛ ଫଳଧରିଗଲେ ଆୟ ବଢ଼ିଯିବ । ନିମ୍ନରେ ପ୍ରକଳ୍ପର ଏକ ସାଧାରଣ ଆୟ ଓ ବ୍ୟୟର ହିସାବ ପ୍ରଦତ୍ତ ହେଲା ।

(ମତ୍ସ୍ୟଚାଷ ଉନ୍ନୟନ ସଂସ୍ଥାଙ୍କଠାରୁ ପ୍ରକଳ୍ପର ପୂର୍ଣ୍ଣ ପ୍ରାକଳନ ଓ ବୈଷୟିକ ଜ୍ଞାନ କୌଶଳ ଆହରଣ କରି ଅଗ୍ରସର ହୁଅନ୍ତୁ) ।

## ପ୍ରକଳ୍ପ ସକାଶେ ଖର୍ଚ୍ଚ

### (କ) ସ୍ଥାୟୀ ଖର୍ଚ୍ଚ

(୧) ୬୫ ଡ଼ିସିମିଲ ପୋଖରୀ ଖୋଳାଇବା ପାଇଁ ଏକର ପ୍ରତି ୫୧,୭୩୫ ଟଙ୍କା ହିସାବରେ ସର୍ବମୋଟ ଆବଶ୍ୟକ ଖର୍ଚ୍ଚ ହେବ ୩୪,୦୦୦ ଟଙ୍କା ।

(୨) ଏକର ପ୍ରତି ୩୭,୭୭୦ ଟଙ୍କା ହିସାବରେ ୬୫ ଡ଼ିସିମିଲିର ୬ ଗୋଟି ଝାଇଁଳ ଉତ୍ପାଦନ ପୋଖରୀ ଖୋଳାଇବା ପାଇଁ ଖର୍ଚ୍ଚ ହେବ ୨୫,୦୦୦ ଟଙ୍କା

(୩) ଗୋଟିକୁ ୨୦ ଟଙ୍କା ହିସାବରେ ୮୦ଟି ନଡ଼ିଆ ଗଛକୁ ୧,୬୦୦ ଟଙ୍କା ।

(୪) ୧୦'×୮' ବିଶିଷ୍ଟ ଗାଈଗୁହାଳ ସକାଶେ ଖର୍ଚ୍ଚ ୨୦,୦୦୦ ଟଙ୍କା (୨୫୦ ଟଙ୍କା ପ୍ରତି ବର୍ଗ ଫୁଟ ପ୍ରତି) ।

(୫) ଦୁଇ ଗୋଟି ଜର୍ସି ଗାଈର ମୂଲ୍ୟ ଗୋଟିକୁ ୬,୦୦୦ ଟଙ୍କା ହିସାବରେ ୧୨,୦୦୦ ଟଙ୍କା ।

(୬) ନିଜର ବ୍ୟବହାର ପାଇଁ ସ୍ୱଳ୍ପ ମୂଲ୍ୟରେ ଘର ସକାଶେ ଖର୍ଚ୍ଚ ୫,୯୦୦ ଟଙ୍କା ।

(୭) ଅନ୍ୟାନ୍ୟ ସ୍ଥାୟୀ (୪୦ ମିଟର ଜାଲ, ଅମ୍ଳଜାନ ସିଲିଣ୍ଡର, ହାପା, ଡେକ୍‌ଚି, ମଗ୍, ବାଲ୍‌ଟି ସିନ୍ଥେଟିକ୍ ଜାଲ, ଘାସ କଟୁରି, କୁଣ୍ଡ ଦଉଡ଼ି ଇତ୍ୟାଦି) ।

ସର୍ବମୋଟ ଖର୍ଚ୍ଚ ୯୫,୫୦୦ ଟଙ୍କା

### (ଖ) ବାର୍ଷିକ ବ୍ୟୟ :

(୧) ମାଛ ଓ ଚିଙ୍ଗୁଡ଼ି ଚାଷ ସକାଶେ ଖର୍ଚ୍ଚ ୪,୫୦୦ ଟଙ୍କା ।

(୨) ଝାଇଁଳ ଚାଷ (ଗୁଣ୍ଡ ଝାଇଁଳ କିଣି) ସକାଶେ ଖର୍ଚ୍ଚ ୧୨,୦୦୦ ଟଙ୍କା ।

(୩) ନଡ଼ିଆ ଗଛ ତଥା ଅନ୍ୟ ପରିବା ଚାଷ ପାଇଁ ୩,୫୦୦ ଟଙ୍କା ।

(୪) ମାଛଧରା ଓ ମୂଲିଆ ଖର୍ଚ୍ଚ ୨,୦୦୦ ଟଙ୍କା ।

(୫) ଦୈନିକ ଦୁଇଗୋଟି ଗାଈ ପିଛା ହାରାହାରି ୫୦ ଟଙ୍କା ହିସାବରେ ବର୍ଷକୁ ଖର୍ଚ୍ଚ ହେବ ୧୮,୦୦୦ ଟଙ୍କା ।

ସର୍ବମୋଟ ବାର୍ଷିକ ବ୍ୟୟ ୪୦,୦୦୦ ଟଙ୍କା

ପ୍ରକଳ୍ପର ସର୍ବମୋଟ ବ୍ୟୟ ୯୫,୫୦୦ ଟଙ୍କା

୪୦,୦୦୦ ଟଙ୍କା

---

୧,୩୫,୫୦୦ ଟଙ୍କା

### ପ୍ରଥମ ବର୍ଷର ଆୟ :

(୧) କି.ଗ୍ରା: ପ୍ରତି ୪୫ ଟଙ୍କା ହିସାବରେ ୨୬୦ କି.ଗ୍ରା: ମାଛକୁ ୧୧,୭୦୦ ଟଙ୍କା ।

(୨) କି.ଗ୍ରା: ପ୍ରତି ୮୦ ଟଙ୍କା ହିସାବରେ ୯୫ କି.ଗ୍ରା: ଚିଙ୍ଗୁଡ଼ିକୁ ୭,୬୦୦ ଟଙ୍କା ।

(୩) ଏକ ଲକ୍ଷ ଝାଇଁଳ ପ୍ରତି ୨୨,୫୦୦ ଟଙ୍କା ହିସାବରେ ୨ ଲକ୍ଷ ଝାଇଁଳକୁ ୪୫,୦୦୦ ଟଙ୍କା ।

(୪) ପରିବା, ଅନ୍ୟ ଡାଲି ଜାତୀୟ ଫସଲରୁ ଆୟ ୧,୨୦୦ ଟଙ୍କା ।

(୫) ଗୋଟିଏ ଗାଈ ଦୈନିକ ୮ ଲିଟର ଏବଂ ଲିଟର ପ୍ରତି ୮.୦୦ ଟଙ୍କା ହିସାବରେ ୨ ଗୋଟି ଗାଈର କ୍ଷୀରରୁ ଆୟ ୪୬,୭୨୦ ଟଙ୍କା ।

ମୋଟ ୧,୧୨,୨୨୦ ଟଙ୍କା

ଅତଏବ ପ୍ରଥମ ବର୍ଷରେ ସମସ୍ତ ଖର୍ଚ୍ଚ (ସ୍ଥାୟୀ ଖର୍ଚ୍ଚ ଓ ବାର୍ଷିକ ଖର୍ଚ୍ଚ) ମିଶାଇ ହିସାବକୁ ନେଲେ ଖର୍ଚ୍ଚ ହେଉଛି ୧,୩୫,୫୦୦ ଟଙ୍କା ଏବଂ ପ୍ରଥମ ବର୍ଷରେ ଆପଣଙ୍କର ଆୟ ୧,୧୨,୨୨୦ ଟଙ୍କା ହେଉଛି । ଏତଦ୍‌ଭିନ୍ନ ଆପଣ ମଧ୍ୟ ୧୦,୦୦୦ ଟଙ୍କା ଗିହାଡି ପାଇ ପାରିବେ । ପ୍ରଥମ ବର୍ଷର ଆୟରୁ ଦ୍ୱିତୀୟ ବର୍ଷର ଖର୍ଚ୍ଚକୁ ୫୦,୦୦୦ ଟଙ୍କା ରଖିଲେ ଆପଣଙ୍କର ନେଟ୍ ଆୟ ବାର୍ଷିକ ୬୨,୦୦୦ ଟଙ୍କା ହେଉଛି ପ୍ରଥମ ବର୍ଷର ଆୟରେ ଗିହାଡି ୧୦,୦୦୦ ଟଙ୍କା ମିଶିଲେ ୧,୨୨,୨୨୦ ଟଙ୍କା । କିନ୍ତୁ ଦ୍ୱିତୀୟ ବର୍ଷରେ ଫଳ (କଦଳୀଗଛରୁ) ହାରାହାରି ୧୦,୦୦୦ ଟଙ୍କା ପାଇଲେ ପ୍ରଥମରୁ ଚତୁର୍ଥ ବର୍ଷ ପର୍ଯ୍ୟନ୍ତ ଆୟ ୧,୨୨,୨୨୦ ଟଙ୍କାରେ ସିମୀତ ରହିବ ।

କିନ୍ତୁ ଚତୁର୍ଥ ବର୍ଷରେ ନଡ଼ିଆ ବୃକ୍ଷରୁ ଗୋଟିଏ ଗଛରୁ ୨୦୦ଟି ନଡ଼ିଆ ବର୍ଷକ ଅମଳ ହେଲେ ଏବଂ ଗୋଟିକୁ ୩ ଟଙ୍କା ହିସାବରେ ବିକିଲେ ୮୦ଟି ନଡ଼ିଆ ଗଛରୁ ଆୟ ପାଇବେ ୪୮,୦୦୦ ଟଙ୍କା ତେଣୁ ପଞ୍ଚମ ବର୍ଷର ଆୟ (୧,୧୨,୨୨୦ + ୪୮,୦୦୦ ଟଙ୍କା =୧,୬୦,୨୨୦ ଟଙ୍କା । ଏହି ପଞ୍ଚମ ବର୍ଷଠାରୁ ହିଁ ପ୍ରକଳ୍ପର ପ୍ରତ୍ୟେକ ଭାଗରୁ ଉତ୍ପାଦନ ଆରମ୍ଭ ହେବ । ଉପରୋକ୍ତ ହାରରେ ଆପଣଙ୍କର ଆୟ ଅନ୍ୟ କୃଷି ଭିତ୍ତିକ ଯେକୌଣସି ପ୍ରକଳ୍ପରୁ ଏତେ ପରିମାଣ ଆୟ ପାରିବେ ନାହିଁ ।

ଦର୍ଶାଯାଇଥିବା ପ୍ରକଳ୍ପ ମାଧ୍ୟମରେ ଆୟ ଏତିକିରେ ସୀମିତ ରହିବ ତାହା ଠିକ୍ ନୁହେଁ, କୁକୁଡ଼ା, ବତକ, ଘୁଷୁରୀ ପାଳନ କରି

ସହ ପ୍ରକଳ୍ପ ଏଥି ସହିତ କଲେ ଖୁବ୍ କମ୍ ଖର୍ଚ୍ଚରେ ଅଧିକ ଲାଭ ହେବ । କିନ୍ତୁ ଉପରୋକ୍ତ ଭାବରେ ପ୍ରଥମେ କିପରି ସୀମିତ ମୂଳଧନରେ ଅଧିକଲାଭ ପାଇ ପାରିବେ ତାହା ଦର୍ଶାଇବାର ମୂଳଲକ୍ଷ୍ୟ ଥିଲା, କାରଣ ଯେ କୌଣସି ପ୍ରକଳ୍ପ କରିବାକୁ ଗଲେ ମୂଳଧନ ବିରାଟ ପ୍ରତିବନ୍ଧକ, ବର୍ତ୍ତମାନ ଯଦିଓ ସରକାର ଏସବୁ ପାଇଁ ଋଣ ଯୋଗାଇ ଦେଉଛନ୍ତି ତଥାପି ଋଣ ଲଗାଣକାରୀ ସଂସ୍ଥାରୁ ଋଣଟିଏ ପାଇବା ଯେ କି କଷ୍ଟକର ବ୍ୟାପାର ତାହା ଅନୁଭବି ହିଁ କହିବେ, ଦ୍ୱିତୀୟତଃ ଋଣ କଲେ ତହିଁରେ ଅଧିକ ସୁଧ ଦେବାକୁ ପଡ଼ିବ, ତେଣୁ ଋଣ ନ କରି ନିଜସ୍ୱ ପାଣ୍ଠିର ସଦୁପଯୋଗ କରି ଅଧିକ ଆୟ କରିବାରେ କ୍ଷତି କ'ଣ ?

ସାଧାରଣତଃ ଆଜିକାଲି ତୃତୀୟ ଶ୍ରେଣୀ କର୍ମଚାରୀ ଟିଏ ଅବସର ଗ୍ରହଣ କଲାବେଳକୁ ଅନ୍ୟୁନ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପାଇ ପାରୁଛି । ସେହିଭଳି ଏକ ସୀମିତ ମୂଳଧନକୁ ଆଖି ଆଗରେ ରଖି ଏହିପରି ଏକ ପ୍ରକଳ୍ପର ପ୍ରାକଳନ ଅବତାରଣା କରାଯାଇଛି । ଯେଉଁମାନେ ଅଧିକ ମୂଳଧନ ବ୍ୟୟ କରିବାକୁ ଇଚ୍ଛୁକ ସେମାନେ ମାଛଚାଷ ସହିତ, ବତକ, କୁକୁଡ଼ା ଓ ଘୁଷୁରି ପାଳନ ପ୍ରଭୃତି କରି ଅଧିକ ଲାଭ ପାଇ ପାରିବେ କିମ୍ବା ଯେଉଁମାନଙ୍କର ୨ ଏକରରୁ ଊର୍ଦ୍ଧ୍ୱ ଜମି ଅଛି ସେମାନେ ବଳକା ଜମିରେ ପରିବା ତଥା ଧାନଚାଷ କରି ଲାଭବାନ ହେବେ । କାରଣ ପ୍ରତ୍ୟେକ କୃଷି ଭିତ୍ତିକ ପ୍ରକଳ୍ପ ସକାଶେ ଜଳ ସମ୍ପଦ ହିଁ ମୂଳପିଣ୍ଡ । ଯାହାକି ମାଛଚାଷ ପ୍ରକଳ୍ପରେ ହୋଇ ପାରୁଛି । ଫଳରେ ମାଛଚାଷ ପ୍ରକଳ୍ପ ସହିତ ଅନ୍ୟ ପ୍ରକଳ୍ପଗୁଡ଼ିକ କମ୍ ଖର୍ଚ୍ଚରେ ହୋଇ ଅଧିକ ଆୟ ହେବା ସହିତ ମାଛଚାଷ ପ୍ରକଳ୍ପର ଖର୍ଚ୍ଚ ମଧ୍ୟ କମିଯିବ, ଯଥା ଗାଈ, ବତକ, କୁକୁଡ଼ା ମଳ ମାଛଚାଷ ପୋଖରୀରେ ପ୍ରୟୋଗ କରାଯାଏ । ଏବଂ ମାଛଚାଷ ପୋଖରୀରୁ ବତକ, ଘୁଷୁରୀ ଖାଦ୍ୟ ପାଇପାରନ୍ତି । ହୁଡ଼ାରୁ ଘାସ ମଧ୍ୟ ଗାଈ ବ୍ୟବହାର କରି ପାରିବ । ତେଣୁ ମୁଖ୍ୟ ପ୍ରକଳ୍ପ ସହିତ ସହ ପ୍ରକଳ୍ପ ନିତ୍ୟାନ୍ତ ଅପରିହାର୍ଯ୍ୟ ।

ଏହିଭଳି ଏକ ପ୍ରକଳ୍ପ ଯେ ଖାଲି ଅବସର ପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ, ତାହା ନୁହେଁ । ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକ ଏହି ପ୍ରକଳ୍ପ କରି ପାରିବେ । ଯେଉଁମାନେ ୨ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି ଏଭଳି ଏକ ପ୍ରକଳ୍ପ ସକାଶେ ଆବଶ୍ୟକ ଅର୍ଥ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ବ୍ୟାଙ୍କଗୁଡ଼ିକରୁ ପାଇ ପାରିବେ । ଫଳରେ ବେକାର ଯୁବକମାନେ ଏହାର ସୁଯୋଗ ନେଇ ପାରିବେ । ଏପରିକି ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରାକଳନ ଏବଂ ବୈଷୟିକ ଜ୍ଞାନ କୌଶଳ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ଯୋଗାଇ ଦେଇ ପାରିବେ ଏବଂ ଆବଶ୍ୟକ ତାଲିମ ମଧ୍ୟ ଯୋଗାଇ ଦେବେ । ତେଣୁ ଥରେ ଭାବି ଦେଖନ୍ତୁ ତ ଏହି **"ସମନ୍ୱିତ ମାଛଚାଷ"** ପ୍ରକଳ୍ପ ଆପଣଙ୍କର ପ୍ରତ୍ୟେକ ସ୍ୱପ୍ନକୁ ସାକାର କରୁଛି କି ନାହିଁ ।

**ମତ୍ସ୍ୟ ଉପାଧ୍ୟକ୍ଷ,**
**ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା, ଗଞ୍ଜାମ ।**



ଓଡ଼ିଶା ମେଡିକାଲ ଗବେଷଣା ପ୍ରତିଷ୍ଠାନ ଓ ସ୍ୱାସ୍ଥ୍ୟ ସେବା ତରଫରୁ ଆୟୋଜିତ ଏକ ରାଜ୍ୟସ୍ତରୀୟ କର୍ମଶାଳାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ସଇଦ୍ ମୁସ୍ତାଫିଜ୍ ଅହମ୍ମଦ୍ ଉଦ୍‌ଘାଟନ କରୁଛନ୍ତି ।

# ଅନ୍ଧାରରୁ ଆଲୋକକୁ

ଡକ୍ଟର୍ ଉଦ୍ଧବ ଚରଣ ନାୟକ

କିଟି କିଟି ଅନ୍ଧାର । ଅନ୍ଧକାର ଭିତରେ ଚାଲିବା ଯେ କେତେ କଷ୍ଟ ସେ କଥା ଯିଏ ଅଙ୍ଗେ ନିଭେଇଛି ସେ ଜାଣିବ । ତା' ବ୍ୟତୀତ ଆଉ ବା କିଏ ଅନୁଭବ କରିପାରିବ ? ଅନ୍ଧକାରରେ ପଡୁଥିବା ବ୍ୟକ୍ତି ମନରେ ନିରାଶା ସର୍ବଦା ଆଶ୍ରୟ ନେଇଥାଏ । ଏହି ଅନ୍ଧକାର କାହାପାଇଁ ସୁଯୋଗ ଓ ସୁବିଧାର ଉତ୍ସ ତ କାହାପାଇଁ ଦୁଃଖର ସଂସାର । ଚୋର, ଡ଼କାୟତ, ଖଳ, ଠକଙ୍କ ପାଇଁ ଅନ୍ଧାର ସୁବିଧାଜନକ । କଥାରେ ଅଛି :–

"ଚୋରକୁ ଅନ୍ଧୁଆ ଖୁଦିନି ରାତି"........

ଅନ୍ଧକାର ମଧ୍ୟରେ ଆଲୋକର ଶିଖା ଟିକିଏ ପ୍ରବେଶ କଲେ ଅନ୍ଧକାର କମେ ହଟିଯାଏ । ଫର୍ଚ୍ଚା ଲାଗେ । ଏଣୁ ଆମେ କହୁ :–

"ଆଲୋକର ଶିଖା ଜଳାଇ ।
ଅନ୍ଧାର ଦେବା ଟଳାଇ" ॥

ବର୍ତ୍ତମାନ ଘୁରିଆଡ଼େ ଘୋର ଅନ୍ଧକାର । କିଟି କିଟି ଅନ୍ଧକାର । ଏଇ ଘନ ଅନ୍ଧକାର ପଥକୁ ଆଲୋକିତ କରି ଆମକୁ ଚାଲିବାକୁ ହେବ । ବଞ୍ଚିବାକୁ ହେବ । ଏ ହେଉଛି ଅଜ୍ଞାନ ଅନ୍ଧକାର । ଏହି ଅଜ୍ଞାନ ଅନ୍ଧକାରକୁ ହଟାଇବାକୁ ହେବ । ଶାସ୍ତ୍ର କହୁଛି :–

ଅଜ୍ଞାନ ତିମିରାନ୍ଧସ୍ୟ,
ଜ୍ଞାନାଞ୍ଜନ ଶଳାକୟା ।

ଏହି ଅଜ୍ଞାନ ଅନ୍ଧକାରରୁ ଆମକୁ ରକ୍ଷା ପାଇବାକୁ ହେଲେ, ଆମକୁ ଜ୍ଞାନ ରୂପକ ଅଞ୍ଜନକୁ ଲଗାଇବାକୁ ହେବ । ତା'ପରେ ବିଶ୍ୱସ୍ରଷ୍ଟା ପରଂବ୍ରହ୍ମଙ୍କୁ ପ୍ରାର୍ଥନା କରି କହିବା :–

"ଓଁ ତମସୋମା ଜ୍ୟୋତିର୍ଗମୟ" । ହେ ଭଗବାନ ! ମୋତେ ଅନ୍ଧକାରରୁ ଆଲୋକ ପଥକୁ ଘେନି ଯାଅ । ବର୍ତ୍ତମାନ ଆମ ପାଇଁ ଏକ ଆହ୍ୱାନ :–

"ଅନ୍ଧକାର ବୋଲି କରନାହିଁ ଗୋଳ, ଦୀପଟିଏ ଜାଳି ।
ଜଳିବ ସେଥିରୁ କୋଟିଏ ଦୀପାଳି ଅନ୍ଧାର ଯିବଟଳି ।"

ଅଜ୍ଞାନ ଅନ୍ଧାର, ଅଜ୍ଞତା ବା ନିରକ୍ଷର ବ୍ୟାଧିରେ ଆଜି ଆମ ଦେଶର କୋଟି କୋଟି ଲୋକ ଆକ୍ରାନ୍ତ । ଯିଏ ଅଜ୍ଞାନ, ଯିଏ ନିରକ୍ଷର ସେ ଜୀବନର ପ୍ରତି ପଦକ୍ଷେପରେ ଠକିଯାଏ । ଶୋଷକ, ଅତ୍ୟାଚାରୀ ଓ ଉତ୍ପୀଡନକାରୀ ହାତୁଡ଼ରେ ପଡ଼େ । ନିଜକୁ ଗଢ଼ି ପାରେନି । ପରିବାରକୁ ସଜାଡ଼ି ପାରେନି । ମନର ଭାବ ଖୋଲା ଖୋଲି ଭାବରେ ପ୍ରକାଶ କରି ପାରେନି । ଠିକ୍ ଭୁଲ, ଭଲମନ୍ଦ ନିରୂପିତ କରି ପାରେ ନାହିଁ । ଏହାର ନିରାକରଣ ପାଇଁ ତାକୁ ଜ୍ଞାନ ଲାଭ କରିବାକୁ ହେବ । ସାକ୍ଷର ହେବାକୁ ପଡ଼ିବ । ଏହା ଫଳରେ ନିଜର ତଥା ଦେଶର ସର୍ବବିଧ ଉନ୍ନତି ସାଧିତ ହେବ । ଆମ ଗଣତନ୍ତ୍ରର ଦେଶ ଏଇ ଭାରତବର୍ଷ ହସି ଉଠିବ । ଯାହାର ମାତୃଭାଷାରେ ଜ୍ଞାନ ନାହିଁ ସେ ଦୁର୍ବଳ । ତା' ଜୀବନରେ ଉନ୍ନତି କାହିଁ ? ରାଜଦ୍ୱାର, ଅଫିସ୍ କୋର୍ଟ କଚେରୀରେ ତା' ପାଟି ଫିଟେନି । ସେ ଜୀବନରେ ବିଭିନ୍ନ ପ୍ରତିଯୋଗିତାରେ ନିଜକୁ ସାମିଲ କରିପାରେ ନାହିଁ । ଏଣୁ ଯଥାର୍ଥରେ କବି ଗାଇଛନ୍ତି :–

"ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ ।
କାହିଁ ହେବ ଆନେ ପ୍ରତିଯୋଗକ୍ଷମ ॥"

XXX XXX XXX

ପୁଣି–"ଯା ଭାଷା ଦୁର୍ବଳା କାହିଁ ତା'ର ଜ୍ଞାନ ।
କାହିଁ ତା'ର ରାଜ ଦୁଆରେ ସମ୍ମାନ ।"

ଏଣୁ ଆମକୁ ମାତୃଭାଷା ସହ ମାତୃଭୂମିର ମୁଖମଣ୍ଡଳକୁ ଦୀପ୍ତିମନ୍ତ କରି ଗଢ଼ି ତୋଳିବାକୁ ହେବ । ଯାହା ଫଳରେ କି ଆମ ନିଜର ତଥା ଦେଶର ଉନ୍ନତି ହେବା ସମ୍ଭବ । କବି ଗାଇଛନ୍ତି :–

"ମାତୃଭୂମି ମାତୃ ଭାଷାର ବଦନ,
ଦୀପ୍ତ କର ଦେଇ ମନ ଧ୍ୟାନ ମାନ ।"

ପ୍ରାଚୀନ କାଳର କଥା । ଜନସାଧାରଣଙ୍କୁ ସବୁ ଦିଗରୁ ସଚେତନ କରିବା ପାଇଁ ଆମ ଓଡ଼ିଶାର ଗାଁ ଗାଁରେ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରାଯାଉଥିଲା । ଏଠାରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ନାନା ପୁରାଣ, ଶାରଳା ମହାଭାରତ ଆଦ ପାଠ ହେଉଥିଲା । ପୁରାଣ, ଭାଗବତ, ମହାଭାରତ ଆଦିରେ ଶାନ୍ତି, ମୈତ୍ରୀ, ପ୍ରୀତି, ସଂହତି, ସଦାଚାର, ପରିବେଶ ସୁରକ୍ଷା, ଛୋଟ ପରିବାରର ଆବଶ୍ୟକତା, ମଣିଷ ଗଠନ କରିବା ସମ୍ପର୍କରେ ଆଦର୍ଶ ଉପଦେଶ ମାନ ସ୍ଥାନ ପାଉଥିଲା । ଭାଗବତରେ ଲେଖା ଅଛି :–

ମଣିଷ ଦେହେ ଦିବ୍ୟଜ୍ଞାନ ।
ଦେଖୁ ସନ୍ତୋଷ ଭଗବାନ ।॥

ଅନ୍ଧକାରରେ ସଢୁଛି । ଏଣୁ ଏଥିପାଇଁ ପ୍ରତିକାର ଲୋଡ଼ା । ବୃକ୍ଷରୋପଣ, ଗଛର ମହତ୍ତ୍ୱ ତଥା ପରିବେଶ ସୁରକ୍ଷା ସମ୍ପର୍କରେ ଆମ ଓଡ଼ିଆ ଭାଗବତରେ ଲେଖାଅଛି :—

ବୃକ୍ଷ ବିଶାଳ ଦେବରଥ । ଦେଖାଏ ବୃକ୍ଷର ମହତ୍ତ୍ୱ ॥
ପରେ କରନ୍ତି ଉପକାର । ସୁଜନ ପ୍ରାଣୀଙ୍କ ବେଭାର ॥
ଶୀତ ବରଷା ଗ୍ରୀଷ୍ମଦୁଃଖେ । ସହି ଆମକୁ ଦ୍ୟନ୍ତି ସୁଖ ॥
ଧନ୍ୟ ଜୀବନ ଏହାଙ୍କର । ସାଧନ୍ତି ପ୍ରାଣୀ ଉପକାର ॥
ସୁଜନ ଘରେ ଯେହ୍ନେ ଯାଇ । ଅତିଥି ନିରାଶ ନୁହଇ ॥
ପତ୍ର କୁସୁମ ଫଳ ମୂଳ । ମୂଳ ବଳକଳ ଦାରୁ ଦେହୀ ॥
କ୍ଷୀର ଅଙ୍ଗାର ଭସ୍ମ ଅଠା । ଘରର ସଜବାଜ କଣ୍ଟା ॥
ଏତେ ପ୍ରକାରେ ସେବାକରି । ନିତ୍ୟେ ସେ ପର ଉପକାରୀ ॥

ପୁନରାୟ ବଡ଼ ପରିବାର ଦୁଃଖ ସମ୍ପର୍କରେ ଶାରଳା ମହାଭାରତରେ ଧୃତରାଷ୍ଟ୍ରଙ୍କ ପ୍ରତି ଭଗବାନ ଶ୍ରୀକୃଷ୍ଣଙ୍କ ଉକ୍ତିରେ ଶାରଳା ଦାସ ଲେଖି ଯାଇଛନ୍ତି :—

"ଅପାର କୁଟୁମ୍ବ ତୁମ୍ଭେ ଅରଜିଲୁ ଧୃତରାଷ୍ଟ୍ର ।
ମୋହ ବିଶ୍ୱରେ କେ ତୋତେ ହୋଇବ ଅନେକ କଷ୍ଟ ॥"

ଏସବୁ ଶୁଣି ଲୋକେ ସଚେତନ ହେଉଥିଲେ । କ୍ରମେ ସବୁ ଲୋପ ପାଇଲା । ଆଉ ସେ ଯୁଗ ନାହିଁ କି ସେ ଭାଗବତ ଟୁଙ୍ଗୀ ବା ଶାସ୍ତ୍ର ଆଲୋଚନାର ବେଳନାହିଁ । ଆଜି କୋଟି କୋଟି ଲୋକେ ନିରକ୍ଷରତା ବ୍ୟାଧିରେ ପ୍ରପୀଡ଼ିତ ହୋଇ ଜ୍ଞାନଶୂନ୍ୟ ତଥା ଲକ୍ଷ୍ୟ ଭ୍ରଷ୍ଟ ହୋଇଛନ୍ତି । ଦେଶ ସ୍ୱାଧୀନ ହେବା ବେଳକୁ ଆମ ଦେଶର ଶତକଡ଼ା ୧୦ ଭାଗ ଲୋକେ ମାତ୍ର ସାକ୍ଷର ଥିଲେ । ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭ କାଳରେ ଆମ ଦେଶରେ ସାକ୍ଷରତା ହାର ଥିଲା ଶତକଡ଼ା ୧୬.୬୭ ଭାଗ । ବର୍ତ୍ତମାନ ୧୯୯୧ ମସିହା ଜନଗଣନା ଅନୁଯାୟୀ ଆମ ଦେଶ ତଥା ଆମ ରାଜ୍ୟର ଅଧାଲୋକ କେବଳ ସାକ୍ଷର । ପ୍ରାୟ ଆଉ ଅଧେ ଲୋକେ ନିରକ୍ଷର ।

ଦେଶରେ ଜନସଂଖ୍ୟା ବୃଦ୍ଧି ଅନୁପାତରେ ସାକ୍ଷରତା ହାର ଆଶାନୁରୂପ ଭାବରେ ବୃଦ୍ଧି ପାଉନି ବର୍ତ୍ତମାନ ଯଦି ଏହି ହାରରେ ସାକ୍ଷରତା ବୃଦ୍ଧି ପାଇବ ତେବେ ୨୦୦୧ ମସିହା ବେଳକୁ ପୃଥିବୀର ସବୁଠାରୁ ଅଧିକ ନିରକ୍ଷର ଭାରତରେ ହିଁ ଦେଖାଦେବେ । ପୃଥିବୀର ଅଧିକ ଗ୍ରାଜୁଏଟ୍ ବି ଏଇ ଭାରତରେ ଦେଖାଦେବେ । ୧୯୮୧ ମସିହା ଜନଗଣନା ଅନୁଯାୟୀ ପ୍ରତି ଚାରିଜଣରେ ଜଣେ ମାତ୍ର ମହିଳା ଏ ଦେଶରେ ସାକ୍ଷର ଥିଲେ । ଏଣୁ ବର୍ତ୍ତମାନ ଆମକୁ ଭାବିବାକୁ ହେବ ଆମେ କ'ଣ କରିବା ? ବର୍ତ୍ତମାନ ପାଇଁ ଆହ୍ୱାନ ହେଲା :—

"ଆସରେ ଭାଇ ପଢ଼ିବା ପାଠ ।
ପାଠ ଦେଖାଇବ ଅସଲ ବାଟ ॥
ପାଠୋଇ ମା' ଜାଣଇ ପଢ଼ି ।
ପାରେ ସେ ତା'ର ପିଲାକୁ ଗଢ଼ି ॥"

ବର୍ତ୍ତମାନ ସ୍ଥିତିଆଡ଼କୁ ଲକ୍ଷ୍ୟ କରାଯାଉ । ପରିବାରରେ, ଗାଁରେ, ରାଜ୍ୟରେ, ଦେଶରେ, କେଉଁଠାରେ ହେଲେ ଶାନ୍ତି ନାହିଁ । ମୈତ୍ରୀ ନାହିଁ, ପ୍ରୀତି ନାହିଁ । ଜନସଂଖ୍ୟା ବୃଦ୍ଧି ଯୋଗୁ କଳକାରଖାନା ସୃଷ୍ଟି ଓ ବୃଦ୍ଧି, ଘରବାଡ଼ିର ଆବଶ୍ୟକତା ସୃଷ୍ଟିରୁ ଜଙ୍ଗଲ ନଷ୍ଟ ହେଉଛି । ଅନ୍ଧବିଶ୍ୱାସ କୁସଂସ୍କାର ଜନିତ ଦୋଷରୁ ଜନସଂଖ୍ୟା ବୃଦ୍ଧି ଘଟୁଛି । ପରିବେଶ ଭାରସାମ୍ୟ ହରାଉଛି । ପୁତ୍ ନାମକ ନରକରୁ ଉଦ୍ଧାର ପାଇବା ନିମନ୍ତେ ଆମେ ୫/୬/୭ ଝିଅ ଜନ୍ମ କରି ଚାଲିଛେ ପୁଅଟିଏ ପାଇଁ । ପୁଅ ଆସିଲେ ଆମର ଭବିଷ୍ୟତ ଉଜ୍ୱଳ ହେବ ବୋଲି ଅଧିକ ଆସ୍ଥା ରଖି କହୁଛୁ "ଝିଅଟେ ମରିଗଲେ ଯାହା ଦାଆଟେ ହଜିଗଲେ ସେଇଆ" । ପୁଅ ଝିଅ ଭିତରେ ଆମ ମନରେ ବେଶ୍ ଫରକ ରହିଛି । ଗର୍ଭବତୀ ମହିଳା, ପ୍ରସୂତୀ ମହିଳା, ଶିଶୁପାଳନ ପ୍ରତି ଆମର ଦୃଷ୍ଟି ନାହିଁ । ଫଳରେ ଶିଶୁ ମୃତ୍ୟୁ ହାର ବୃଦ୍ଧି ପାଉଛି । ସେମାନଙ୍କର ଉପଯୁକ୍ତ ଲାଳନପାଳନ ହୋଇ ପାରୁନି । 'ଗାତ ଛୁଆ ହାତରେ' ରୀତିରେ ପିଲା ମରିଯିବା ପରେ ଆମେ ପ୍ରତିବର୍ଷ ନୂତନ ସନ୍ତାନ କୁ ଜନ୍ମ ଦେଉଛେ । ପୁଣି ଆମ ମନରେ ବସା ବାନ୍ଧିଛି :—

"ଏକ ଆଖି ଆଖି ନୁହେଁ
ଏକ ପୁଅ ପୁଅ ନୁହେଁ ॥"

ପୁଣି ଆମ ଲୋକେ ବିଶ୍ୱାସ କରନ୍ତି । ପିଲାଛୁଆ ଜନ୍ମ ଆମ ହାତରେ ନାହିଁ । ଏହା ଭଗବାନଙ୍କ ଦାନ । କିଏ କହନ୍ତି ସାତ ଆଠଟି ପିଲାଥିଲେ, ମରିହଜି ତ ଦି'ତିନିଟା ରହିବେ । ଏହି ମନଭାବ ଯୋଗୁଁ ଜନସଂଖ୍ୟା ବୃଦ୍ଧି ଘଟୁଛି । ପୁନରାୟ ଆମେ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପର୍କରେ ଆଦୌ ସଚେତନ ହୋଇ ପାରି ନାହେଁ । ନିର୍ମାଲ୍ୟ ଛୁଇଁ ନିୟମ କରି ଆଜି ଆମ ଲୋକେ ସେମାନଙ୍କ ମତଦାନ ସାବ୍ୟସ୍ତ କରୁଛନ୍ତି । ଏସବୁ କାହିଁକି ଘଟୁଛି । ମୁଖ୍ୟତଃ ଅଜ୍ଞାନ ଅନ୍ଧକାର ଯୋଗୁ ନିରକ୍ଷରତା ଯୋଗୁ । ଆମ ଦେଶ ସମସ୍ୟା ବହୁଳ ଦେଶ । ଏ ଦେଶରେ ଅନେକ ସମସ୍ୟା ରହିଛି । ଗରିବ, ବେକାରୀ, ଜନସଂଖ୍ୟା, ଖାଦ୍ୟ, ପରିବେଶ ଇତ୍ୟାଦି, ଇତ୍ୟାଦି । ଏସବୁ ସମସ୍ୟା ସମାଧାନ ହୋଇଯିବ-ଯେବେ ଆମେ ନିରକ୍ଷରତାର ଅନ୍ଧକାରରୁ ମୁକ୍ତି ଲାଭ କରି ସାକ୍ଷର ହେବା । ନିରକ୍ଷରତା ହିଁ ଆମର ଉନ୍ନତି ତଥା ପ୍ରଗତି ପଥର ଏକମାତ୍ର ଅନ୍ତରାୟ । ନିରକ୍ଷରତା ନହଟିଲେ ଦେଶର ବିକାଶ ହେବନି । ଏଣୁ ଆମ ସରକାର ନିରକ୍ଷରତାକୁ ଏକ ଜାତୀୟ ସମସ୍ୟା ରୂପେ ଗ୍ରହଣ କରି ଦେଶର କୋଟି କୋଟି ନିରକ୍ଷରମାନଙ୍କୁ ଅଜ୍ଞାନ ଅନ୍ଧକାରରୁ ଆଲୋକକୁ ଆଣିବା ପାଇଁ ଅଙ୍ଗୀକାରବଦ୍ଧ ।

ଏଥିପାଇଁ ଜାତୀୟ ସ୍ତରରେ ଜାତୀୟ ସାକ୍ଷରତା ମିଶନ ଗଠନ କରାଯାଇଛି । ମଣିଷ ଭିତରେ ଜ୍ଞାନ ସଞ୍ଚାର ପାଇଁ ତାକୁ ଶିକ୍ଷିତ ବା ସାକ୍ଷର କରି ଗଢ଼ିତୋଳିବାର ଆବଶ୍ୟକତା ଅନୁଭବ ହୋଇଛି । ସାକ୍ଷର ଅର୍ଥ ଯେ କେବଳ ପଢ଼ାଲେଖା ବା ହିସାବ ଜ୍ଞାନ ଲାଭ କରିବା, ତାହା ନୁହେଁ । ଲେଖା ପଢ଼ା ଜାଣି ତାକୁ ଠିକ୍ ଭାବରେ ବିନିଯୋଗ କରିବାକୁ ହେବ । ତାକୁ କିପରି କାମରେ ଲଗାଯାଇ ପାରିବ ସେଥିପାଇଁ ଏହି କାର୍ଯ୍ୟକ୍ରମରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । କବିଙ୍କ ଭାଷାରେ :—

"ଗାଡ଼ି ଗାଡ଼ି ଶାସ୍ତ୍ର ପଢ଼ି ଶିଖିଛି ମୁଁ
ଶେଷରେ ଦୁଇ ସାର କଥା । ଜ୍ଞାନ ଆଉ ପର ଉପକାର

ଅଜ୍ଞାନ ହିଁ ଦୁଃଖ ହୋଇ ଆସେ ନାନା ରୂପେ
ସ୍ୱାର୍ଥ ହିଁ ପ୍ରଥମ ବୀଜ ସର୍ବ ଯନ୍ତ୍ରଣାର ।"

କିନ୍ତୁ ଏଠାରେ ନିରକ୍ଷର ଭାଇ ଭଉଣୀମାନଙ୍କୁ ଗାଡ଼ି ଗାଡ଼ି ଶାସ୍ତ୍ର ପଠନ କରିବାରେ ସୁବିଧା ମିଳିବନି । ସେ ତା'ର କର୍ମ ଜଞ୍ଜାଳ, ଦୈନନ୍ଦିନ ଜୀବନ ପିଲାଛୁଆମାନଙ୍କର ଭଲମନ୍ଦ ବୁଝୁଥିବା ବେଳେ ତାକୁ ଏପରି ଭାବରେ ଖୁବ୍ କମ୍ ସମୟରେ ଶିକ୍ଷା ଦେବାର ବ୍ୟବସ୍ଥା ହୋଇଛି ଯେପରି କି ସେ ଅଳ୍ପ ପୁସ୍ତକ ପାଠକରି ଦେଶ ଗଠନର ଦାୟିତ୍ୱ ସମ୍ପର୍କରେ ସଚେତନ ହେବ । ଦେଶ ଗଠନରେ ନିଜକୁ ସାମିଲ କରି ପାରିବ । ସାକ୍ଷରତା ପରେ ବୃତ୍ତିରେ, ଧନ୍ଦାରେ, ପାରଦର୍ଶିତା ଲାଭ କରିବାର ସୁଯୋଗ ମିଳେ । ଏହା ଜୀବନ ବ୍ୟାପୀ ଶିକ୍ଷା । ସେ ଅଜ୍ଞାନ ଅନ୍ଧକାରରୁ କ୍ରମେ ଆଲୋକିତ ହୋଇ ସଂସାରରେ ନିଜକୁ ପ୍ରତିଷ୍ଠା କରେ ।

ଏଣୁ ସାରା ଦେଶରେ ସାକ୍ଷରତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି । ଏହି ଯୋଜନାରେ କୋଟି କୋଟି ନିରକ୍ଷରମାନଙ୍କୁ ସାକ୍ଷର କରାଯାଇ ଜାତୀୟ ସଂହତି, ପରିବେଶ ସୁରକ୍ଷା, ଛୋଟ ପରିବାରର ଆବଶ୍ୟକତା, ନାରୀପୁରୁଷ ସମାନତା, ଗଣତାନ୍ତ୍ରିକ ଅଧିକାର, ଅନ୍ଧବିଶ୍ୱାସ, କୁସଂସ୍କାର ଦୂରୀକରଣ ତଥା ବୈଜ୍ଞାନିକ ଚିନ୍ତାଧାରାର ବିକାଶ କର୍ମ ଓ ବୃତ୍ତିରେ ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ହିସାବ ଜ୍ଞାନରେ ଦକ୍ଷତା ବୃଦ୍ଧି ଓ ଶୋଷଣମୁକ୍ତ ସମାଜ ଗଠନର ଲକ୍ଷ୍ୟ, ଦେଶ ଗଠନରେ ଦେଶବାସୀଙ୍କର ସହଯୋଗ ମହିଳାମାନଙ୍କୁ ସମାଜରେ ଉପଯୁକ୍ତ ସ୍ଥାନ ପ୍ରଦାନ ଆଦି ସମ୍ପର୍କରେ ସଚେତନ କରାଯାଉଛି । କ୍ରମେ ସେମାନେ ଅନ୍ଧକାରରୁ ଆଲୋକକୁ ଆସିବେ । ଦେଶ ହସି ଉଠିବ ।

ଆମ ରାଜ୍ୟରେ ସାକ୍ଷରତା କାର୍ଯ୍ୟକ୍ରମ ବ୍ୟାପକ ଭାବେ ପ୍ରସାରିତ ହେଉଛି । ସୁନ୍ଦରଗଡ଼ରେ ସାକ୍ଷରତାର ସୁନ୍ଦର ଚିତ୍ର ଅଙ୍କିତ ହୋଇ ଗଲାଣି । ଗଞ୍ଜାମ ବାସୀ ନିଜ ଜିଲ୍ଲାକୁ ସାକ୍ଷର ସୁନ୍ଦର କରି ଗଢ଼ି ତୋଳିବା ପାଇଁ ବଦ୍ଧ ପରିକର ହୋଇ ଗାଉଛନ୍ତି :–

"ସାକ୍ଷର ଗଞ୍ଜାମ, ସୁନ୍ଦର ଗଞ୍ଜାମ ।"

ଢେଙ୍କାନାଳବାସୀ ନିଜ ଜିଲ୍ଲାକୁ ସାକ୍ଷର ସମୃଦ୍ଧ କରି ଗଢ଼ି ତୋଳିବାକୁ ଯାଇ ଗାଉଛନ୍ତି :–

"ଢେଙ୍କାନାଳ ହେବ ଆମର ସାକ୍ଷର ସମୃଦ୍ଧ ଉଜ୍ଜ୍ୱଳ" ।

କେନ୍ଦୁଝରର ଭୂୟାଁ ପୀଢ଼ରେ ସାକ୍ଷରତାର ସଙ୍ଗୀତ ପ୍ରତିଧ୍ୱନିତ ହେଉଛି । କଳାହାଣ୍ଡି ଜିଲ୍ଲାରେ ସାକ୍ଷରତାର ସିନ୍ଦୁରା ଫାଟିଲାଣି । ମାଲକାନଗିରି ଦଣ୍ଡକାରଣ୍ୟର ଘନ ଅରଣ୍ୟାନୀରେ ସାକ୍ଷରତାର ସଙ୍ଗୀତ ଝଙ୍କୃତ ହେଲାଣି । ବଲାଙ୍ଗୀରରେ ସାକ୍ଷରତା ଡାକରେ ଗାଁ ଗଣ୍ଡା ଆହ୍ଲାଦିତ । କୋରାପୁଟ୍‌ର ଆଦିବାସୀ ଅଞ୍ଚଳରେ ସାକ୍ଷରତାର ମର୍ମସ୍ପର୍ଶୀ ବାଣୀ ଗିରି ଗୁହାକୁ ମୁଖରିତ କଲାଣି । ସାରା ଦେଶରେ ଗୋଟିଏ ବାଣୀ ସମସ୍ତଙ୍କ ମନପ୍ରାଣ ସ୍ପର୍ଶ କରିଛି । ନିରକ୍ଷର ଜନତାକୁ ଅନ୍ଧକାରରୁ ଆଲୋକକୁ ଆଣିବା ପାଇଁ ସମସ୍ତ ସାକ୍ଷର ଭାଇଭଉଣୀମାନେ ଗାଉଛନ୍ତି: –

ଜଣେ ପଢ଼ାଇବା ଦଶ ଜଣକୁ
ସାକ୍ଷର କରିବା ସାରା ଦେଶକୁ.....ସାରା ଦେଶକୁ ।

---

(ଆକାଶବାଣୀ ସୌଜନ୍ୟରୁ)
ରାଜ୍ୟ ଜନଶିକ୍ଷା କାର୍ଯ୍ୟାଳୟ,
ଭୁବନେଶ୍ୱର ।




ଭୁବନେଶ୍ୱରଠାରେ ଆୟୋଜିତ ଫେରୋ ଆଲଏଜ୍ ନିଗମର ପଞ୍ଚମ ତ୍ରିପକ୍ଷୀୟ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ଅଭିଭାଷଣ ।

# ନାରୀ

ବନପ୍ରଭା ପରିଡ଼ା

ନାରୀ ଫୁଲଟିଏ;
ସୁଷମା ଓ ସୁରଭିର
ଜଳମାନ ଅଭିବ୍ୟକ୍ତି ସିଏ,
ଏମିତି ବି କେବେ କେବେ
ଫୁଲ ପାଇଁ କଣ୍ଟାର ଆଘାତ ପରି
ଦଂଶନ ତା ପ୍ରାଣେ ପ୍ରାଣେ
ବିଷ ଭରି ଦିଏ ॥

ନାରୀ–ନଦୀଟିଏ ;
ମମତା ଓ ସଂପ୍ରୀତିର
ଛଳଛଳ ଜଳଧାର ଟିଏ
ମାତୃତ୍ୱର ଅମୃତ ଦାନରେ
ଯିଏ ବଞ୍ଚିବାର ଗାହାଟିଏ,
କାମିନୀ ସେ ମାୟାବିନୀ
ବନ୍ୟାର ବିଭୀଷିକା ପରି
ମୋହିନୀ ମାୟାରେ ତା'ର
କେବେ ପୁଣି ସବୁ ଲୁଟି ନିଏ ॥

ନାରୀ–ଆଲୋକର ଶିଖାଟିଏ ;
ବିପଦରେ ବାନ୍ଧବୀ ସେ
ଦିଗହଜା ଅନ୍ଧାରରେ
ଦୀପଦର୍ତ୍ତୀଟିଏ,
ଅନ୍ୟାୟ–ଅତ୍ୟାଚାରର
ଅସହିଷ୍ଣୁ ରୂପ ତା'ର
ନିମିଷକେ ଜାଳିପୋଡ଼ି
ଧ୍ୱଂସ କରିଦିଏ ॥

ନାରୀ–ସମସ୍ୟର ସିଲଟରେ
ପ୍ରଶ୍ନବାଚୀଟିଏ (?) ;
କେବେ ସେ ଅବଳା
କେବେ ମହାଶକ୍ତି
ପ୍ରକୃତିର ଆଦ୍ୟ ରୂପ
ଇଚ୍ଛାମତୀ
ଶତାବ୍ଦୀର ଜରାୟୁରେ
ସୃଜନର ପ୍ରତ୍ୟୟ ସୁଠାଏ,
ସଭ୍ୟତାର ଋତୁଚକ୍ରେ
ବାରମାସୀ ପକ୍ଷୀ ପରି
ନିତି ଯିଏ ରଙ୍ଗ ବଦଳାଏ ॥

ଗ୍ରାଃ–ଟାଙ୍ଗିଜଣା, ପୋଃ–କଳପଡ଼ା,
ଥାଃ–ବେଙ୍ଗକାର, ଜିଃ– କଟକ ।



ରାଜ୍ୟସ୍ତରୀୟ ସଂସ୍ଥାଗୁଡ଼ିକର ପୁନର୍ଗଠନ ଓ ପ୍ରଶାସନିକ ଦକ୍ଷତା ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବିଧାନ ସଭା କମିଟି ସଦସ୍ୟମାନଙ୍କ ସହିତ ଆଲୋଚନା କରୁଛନ୍ତି (୮/୧୧) ।

# ତନ୍ତ, ତୁଳି ଓ ତବଲାର ଶିଳ୍ପୀ : ପଦ୍ମଶ୍ରୀ ଯଦୁନାଥ ସୁପକାର

ଡକ୍ଟର କୃତ୍ତିବାସ ନାୟକ

କଳାର ପ୍ରଗତି ସହ ଦେଶର ପ୍ରଗତି ଓତପ୍ରୋତ ଭାବେ ଜଡ଼ିତ । ସେଥିପାଇଁ ପ୍ରତ୍ୟେକ ଦେଶର କବି, ଲେଖକ, କଳାକାର ଏବଂ ଶିଳ୍ପୀମାନଙ୍କୁ ଦେଶ ବିଦେଶରେ ସମ୍ମାନ ମିଳେ । ସେମାନେ ଦେଶ ଓ ଜାତିର ମର୍ଯ୍ୟାଦା ବୃଦ୍ଧି କରି, ସାଂସ୍କୃତିକ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସଙ୍ଗେ ସଙ୍ଗେ ଦେଶ ଦେଶ ମଧ୍ୟରେ ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଇ ଥାଆନ୍ତି ।

କଳାର ରୂପ ଅନେକ; କିନ୍ତୁ ଉଦ୍ଦେଶ୍ୟ ଏକ । ଏଇ କଳାର ଯେ କୌଣସି ଏକ ଦିଗ ପ୍ରତି ଆକୃଷ୍ଟ ହୋଇ ସାଧାରଣ ମଣିଷ କଳାକାର ଭାବେ ପରିଚିତ ହୁଏ । ପୁଣି ସେହି କ୍ଷେତ୍ରରେ ମନ ପ୍ରାଣ ଢ଼ାଳି ଦେଇ ଯେଉଁ କଳାକାର ଏକନିଷ୍ଠ ଭାବେ କାର୍ଯ୍ୟ କରିଥାଆନ୍ତି, ସେମାନଙ୍କୁ ଅବଶ୍ୟ ସାଫଲ୍ୟ ପ୍ରାପ୍ତ ହୁଏ ।

କଳାର ପ୍ରାଣକେନ୍ଦ୍ର ଓଡ଼ିଶା ଭୂଇଁରେ ଅସଂଖ୍ୟ କଳାକାର ଜନ୍ମଗ୍ରହଣ କରି ସ୍ୱକୀୟ କଳାରେ ଉତ୍କର୍ଷ ପ୍ରତିପାଦନ କରି ସାରିଛନ୍ତି । ଆମ ପ୍ରାଚୀନ କଳାର ପ୍ରସାର – ପ୍ରସାର କରି ଦେଶ–ବିଦେଶରେ ତାକୁ ପରିଚିତ କରାଇ ପାରିଛନ୍ତି । ତେଣୁ ସେମାନେ ଜାତିର ଆଦରଣୀୟ ତଥା ପୂଜନୀୟ ହୋଇପାରିଛନ୍ତି । ସେମାନଙ୍କର ତ୍ୟାଗ ଏବଂ ନିଷ୍ଠାକୁ ଆମେ ସ୍ମରଣ କଲେ ହିଁ, ଭବିଷ୍ୟତ ବଂଶଧରମାନଙ୍କ ପ୍ରେରଣା ଯୋଗାଇ ଦେଇ ପାରିବା ।

ପଦ୍ମଶ୍ରୀ ଯଦୁନାଥ ସୁପକାର ଏହିପରି ଜଣେ ଉତ୍କର୍ଷୀକୃତ କଳାକାର । ଦୀର୍ଘକାଳ ଧରି ସେ ହସ୍ତକଳାର କଳାକାରଭାବେ କାର୍ଯ୍ୟକରି ପ୍ରତିଷ୍ଠା ଅର୍ଜନ କରି ପାରିଲେ । ଲୁପ୍ତପ୍ରାୟ ପାରମ୍ପରିକ କଳାର ପୁନଃପ୍ରତିଷ୍ଠା କରି ସେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାରଙ୍କଠାରୁ 'ପଦ୍ମଶ୍ରୀ' ଉପାଧିରେ ଭୂଷିତ ହୋଇଥିଲେ ।

ସମ୍ବଲପୁର ସହରର ଏକ ଶିଳ୍ପୀ ପରିବାରରେ ୧୯୩୧ ମସିହା ଫେବୃୟାରୀ ମାସ ୧୦ ତାରିଖରେ ଯଦୁନାଥଙ୍କର ଜନ୍ମ ହୁଏ । ତାଙ୍କର ପିତା ଥିଲେ ଜଣେ ବିଖ୍ୟାତ ଚିତ୍ରଶିଳ୍ପୀ । ତେଣୁ ପିଲାବେଳୁ ହିଁ ସେ ତୁଳି ଆଉ ରଙ୍ଗ ସହିତ ପରିଚିତ ହୋଇ ପାରିଥିଲେ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ଚିତ୍ରପ୍ରତି ଅଧିକ ଆକୃଷ୍ଟ ହୋଇ ପଡ଼ିଲେ । ପିତା ଶିଶୁପୁତ୍ରର ଆଗ୍ରହକୁ ଲକ୍ଷ୍ୟ ରଖି ତାଙ୍କୁ ଚିତ୍ରକଳାର କୌଶଳ ଶିକ୍ଷା ଦେଲେ ।

ପିତାଙ୍କଠାରୁ ଚିତ୍ରକଳା ଶିକ୍ଷାଲାଭ କରି ସେ ବିଭିନ୍ନ (PORTRAIT) ବା ପ୍ରତି କୃତି ଆଙ୍କିବାରେ ଲାଗି ପଡ଼ିଲେ । ତାଙ୍କୁ ପ୍ରତିକୃତି ଆଙ୍କିବାରେ ସର୍ବାଧିକ ଆନନ୍ଦ ମିଳୁଥିଲା । ଛାତ୍ର ଅବସ୍ଥାରେ ସେ ଗୋଟିଏ ଖାତା ଧରି ବୁଲୁଥାନ୍ତି, ସାଙ୍ଗ–ସାଥୀ, ପରିଚିତ ଲୋକ, ଶିକ୍ଷକ ଏବଂ ଗୁରୁଜନମାନେ ତାଙ୍କୁ ତାଙ୍କର ପ୍ରତିକୃତିଟିଏ ଆଙ୍କିଦେବାକୁ ଅନୁରୋଧ କଲେ, ସେ ସେହିସ୍ଥାନରେ ତାଙ୍କର ପ୍ରତିଛବି ଆଙ୍କି ଦେଇ, ସେମାନଙ୍କୁ ଚମତ୍କୃତ କରି ଦେଉଥିଲେ । ତାଙ୍କର ଏଭଳି କଳା ପ୍ରତିଭା ଦେଖି ଅନ୍ୟମାନେ କହୁଥିଲେ, 'ପିଲାଟି ବଡ଼ ହେଲେ, ନିଶ୍ଚୟ ଜଣେ ଭଲ ଚିତ୍ରକର ହେବ' ।

ସତକୁ ସତ ହାଇସ୍କୁଲରେ ପାଠପଢ଼ା ସମୟରେ ହିଁ ସେ ଜଣେ ଭଲ ଚିତ୍ରକର ଭାବେ ସମଗ୍ର ସହରରେ ପରିଚିତ ହୋଇ ସାରିଥିଲେ । ବିଶେଷକରି ବିଭିନ୍ନ ପ୍ରକାର ପ୍ରତିଛବି ଆଙ୍କିବାରେ ସେ ସିଦ୍ଧହସ୍ତ ହୋଇ ଯାଇଥିଲେ । ସ୍କୁଲ ପାଠପଢ଼ା ଶେଷରେ ତାଙ୍କୁ ଆଶୀର୍ଷ ଏବଂ ଶୁଭେଚ୍ଛୁମାନେ କହିଲେ– 'ତୁମର କଳାପ୍ରତି ଆଦର ଅଛି, ତୁମେ ଆର୍ଟସ୍କୁଲରେ ଯାଇ ନାମ ଲେଖାଅ । ଯଦୁନାଥ ସେ କଥାକୁ ମନେ ରଖିଥାନ୍ତି । ଆଇ.ଏ. ପାସ୍ କଲାପରେ ସେ କଳାଶିକ୍ଷା ପାଇଁ ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ଶାନ୍ତିନିକେତନକୁ ଗଲେ । ସେଠାରେ ଥିବା କଳା ବିଭାଗର ଅଧ୍ୟକ୍ଷ ନନ୍ଦଲାଲ ବୋଷ, ଅଧ୍ୟାପକ ରାମକିଙ୍କରଜୀ ଓ ବିନୋଦ ବିହାରୀ ତାଙ୍କର କଳାପ୍ରତି ଆଗ୍ରହ ଦେଖି ଶାନ୍ତିନିକେତନର କଳା ବିଭାଗରେ ଭର୍ତ୍ତି କରାଇଦେଲେ ।

ଦୀର୍ଘ ସ୍ୱଳ୍ପବର୍ଷ କାଳ ଚିତ୍ରକଳା ସମ୍ପର୍କୀୟ ଜ୍ଞାନ ଆହରଣ କଲା ପରେ, ତାଙ୍କୁ ଜଣେ ଭଲ ଛାତ୍ର ଭାବେ କିଛି ନୂତନ ପରୀକ୍ଷାମୂଳକ ଚିତ୍ର ଅଙ୍କନ ପାଇଁ ଆଉ ଗୋଟିଏ ବର୍ଷ ଅଧିକ ସେଠାରେ ରହିବା ପାଇଁ ଅନୁମତି ମିଳିଲା । ଫଳରେ ସେ ଚିତ୍ରକଳାରେ ଡିପ୍ଲୋମା ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ।

ଶୀତଳଷଷ୍ଠୀ ହେଉଛି, ସମ୍ବଲପୁରର ବଡ଼ଯାତ୍ରା । ଏହି ଯାତ୍ରାକୁ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ ଆସି ଥାଆନ୍ତି । ବିଭିନ୍ନ ମେଢ଼ ପ୍ରଦର୍ଶନୀ ହୁଏ । ଯଦୁନାଥ ନିଜର କଳାକୃତି ପ୍ରଦର୍ଶନ ପାଇଁ ଝାଡୁଆପଡ଼ା ମେଢ଼ର ସାଜସଜ୍ଜା ଦାୟିତ୍ୱ ନେଇଥିଲେ । ଥରେ ମେଢ଼ର ଶୀର୍ଷସ୍ଥାନରେ ସେ ଶାନ୍ତିନିକେତନ ଢାଞ୍ଚାରେ ଅଗ୍ନିଶିଖାର ଡିଜାଇନ୍‌ଟିଏ ପ୍ରସ୍ତୁତ କରି ଦର୍ଶକମାନଙ୍କୁ ଚମତ୍କୃତ ଓ ଆକୃଷ୍ଟ କରି ପାରିଥିଲେ ।

ଶାନ୍ତିନିକେତନରୁ ଚିତ୍ରକଳା ଶିକ୍ଷା ସମାପ୍ତ କରି ନିଜର ଭରଣ ପୋଷଣ ପାଇଁ ସେ ଚାକିରି ସନ୍ଧାନରେ ବାହାରି ପଡ଼ିଲେ । ଭଲଭାବେ ଚିତ୍ରକଳା ଜ୍ଞାନ ହାସଲ କରିଥିବାରୁ ତାଙ୍କୁ ଚାକିରି ଖଣ୍ଡିଏ ମିଳିଯିବ ବୋଲି ସେ ନିଶ୍ଚିତ ଥିଲେ । ତଥାପି ସେ ବାନ୍ଧକଳା ଶିକ୍ଷା ପାଇଁ ଆଗ୍ରହୀ ହୋଇପଡ଼ିଲେ । ସମ୍ବଲପୁରୀ ବାନ୍ଧକଳାର ଏକ ମୁଖ୍ୟ କେନ୍ଦ୍ର ସୋନପୁରଠାରେ ସେ ଚାରିବର୍ଷ କାର୍ଯ୍ୟକରି ବାନ୍ଧକଳାରେ ଦକ୍ଷତା ହାସଲ କରି ନେଲେ ।

ସେହି ସମୟରେ ଓଡ଼ିଶା ସରକାରଙ୍କ ଅଧୀନରେ 'ହସ୍ତତନ୍ତ ବିକାଶ' ପାଇଁ ତାଙ୍କୁ ଚାକିରି ଖଣ୍ଡିଏ ମିଳିଗଲା । କିନ୍ତୁ ଶିଳ୍ପୀ ଯଦୁନାଥ ସେ ଚାକିରିରେ ସନ୍ତୁଷ୍ଟ ନଥିଲେ । ସେ ଭାବୁଥିଲେ, 'ଚିତ୍ର କଳାକୁ ଛାଡ଼ି ଯନ୍ତ୍ରକଳାକୁ ଆଦରି ନେଇଛନ୍ତିଓ'ଏଭଳି ଯନ୍ତ୍ର ଭାବେ କାର୍ଯ୍ୟକରି ଚାଲିଲେ, ନିଜ କଳାର ବିକାଶ କରି ହେବନାହିଁ ।

ଯୋଗକୁ ତାଙ୍କୁ 'ଅଲ୍ ଇଣ୍ଡିଆ ହ୍ୟାଣ୍ଡଲୁମ୍ ବୋର୍ଡ଼ରେ ଆଉ ଏକ ଚାକିରି ମିଳିଗଲା । ଅନ୍ୟପଛା ନପାଇ ସେ ପ୍ରଥମେ ମାନ୍ଦ୍ରାଜ ଏବଂ ପରେ ବମ୍ବେରେ କାର୍ଯ୍ୟକରି ଶେଷରେ ୧୯୫୯ ମସିହାରେ ବନାରସଠାରେ ରହିଗଲେ ।

ବନାରସଠାରେ ଥାଇ ସେ ଅନୁଭବ କଲେ, ରେଶମ ବସ୍ତ୍ରକଳାରେ ଅନେକ କିଛି ନୂତନ କଳା ପ୍ରୟୋଗ କରିହେବ । ଯେଉଁ ଚିତ୍ରକଳାକୁ ସେ ଜୀବନର ବ୍ରତଭାବେ ଧରି ନେଇଥିଲେ, ତାକୁ ଉପଯୁକ୍ତ ବିନିଯୋଗ କରିବା ପାଇଁ ଉପାୟ ଖୋଜି ବୁଲିଲେ ।

ଶେଷରେ ତାଙ୍କର ସ୍ୱପ୍ନ ସାକାର ହେଲା । ବସ୍ତ୍ରକଳାରେ ସେ ନିଜସ୍ୱ ଡ଼ିଜାଇନ୍‌କୁ କାର୍ଯ୍ୟକାରୀ କଲେ । ଫଳରେ ନୂତନ ଡ଼ିଜାଇନ ବିଶିଷ୍ଟ ବନାରସୀ ଶାଢ଼ୀର ଆଦର ଅସମ୍ଭବ ଭାବେ ବଢ଼ିଚାଲିଲା । ଦେଶ–ବିଦେଶରେ ଏହାର ଚାହିଦା ବଢ଼ିବା ସଙ୍ଗେ ସଙ୍ଗେ ଏହା ସୁଖ୍ୟାତି ଅର୍ଜନ କଲା । ୧୯୫୦ ମସିହା ବେଳକୁ ଯେଉଁ ଉଦ୍ୟୋଗ ନିଜସ୍ୱ କଳାକାରିଗରୀ ହରାଇ ନିଃସ୍ୱପ୍ରାୟ ହୋଇଯାଇଥିଲା, ତା'ର ରୂପରେଖ ସମ୍ପୂର୍ଣ୍ଣ ବଦଳିଗଲା ।

ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ସରକାରଙ୍କ ଅନୁଦାନରେ 'ବୁଣାକାର ସେବାସଙ୍ଘ' ଗଠନ କରାଗଲା । ଶିଳ୍ପୀ ଯଦୁନାଥଙ୍କୁ ସେହି ସଙ୍ଘର ସହ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଲା । 'ବୁଣାକାର ସେବା ସଙ୍ଘର ଉନ୍ନତି କଳ୍ପେ ସେ ନିଜର ମନପ୍ରାଣ ଢାଳିଦେଲେ । ଅଳ୍ପକାଳ ମଧ୍ୟରେ ସଙ୍ଘ ମାଧ୍ୟମରେ ବନାରସ ବସ୍ତ୍ର ଶିଳ୍ପ ଦେଶ ବିଦେଶରେ ସୁନାମ ଅର୍ଜନ କଲା । ବିଦେଶରେ ଅନୁଷ୍ଠିତ ବସ୍ତ୍ରକଳା ପ୍ରଦର୍ଶନୀରେ ତାଙ୍କର କଳା କୌଶଳ ଉଚ୍ଚ ପ୍ରଶଂସା ଲାଭକଲା । ଶେଷରେ ତାଙ୍କର ଏହି କଳାକୃତି ପାଇଁ ଶିଳ୍ପୀ ଯଦୁନାଥ ସୁପକାର ଭାରତ ସରକାରଙ୍କଠାରୁ 'ପଦ୍ମଶ୍ରୀ' ଉପାଧି ପାଇବା ପାଇଁ ଯୋଗ୍ୟ ବିବେଚିତ ହେଲେ । ଯେଉଁ ପ୍ରତିଭାଶାଳୀ ବ୍ୟକ୍ତି ଦୀର୍ଘକାଳ ଧରି କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥାଆନ୍ତି, ସେମାନଙ୍କୁ ଏହି ଉପାଧିରେ ଭୂଷିତ କରାଯାଇଥାଏ ।

ପଦ୍ମଶ୍ରୀ ଯଦୁନାଥ ସୁପକାରଙ୍କର ନୂତନ ଡ଼ିଜାଇନ୍ ବସ୍ତ୍ରଗୁଡ଼ିକ ଲଣ୍ଡନ, ନିଉୟର୍କ ଏବଂ ପ୍ୟାରିସ୍ ଭଳି ବୃହତ ନଗରୀରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସା ଲାଭ କରିଥିଲା । ପ୍ରାଚୀନକଳାର ପୁନରୁଦ୍ଧାର ତଥା ନୂତନ କଳାର ସୃଜନଶୀଳ କୃତି ହିଁ ଥିଲା– ତାଙ୍କ ସଫଳତାର ମାପକାଠି ।

ଶିଳ୍ପୀ ଯଦୁନାଥ ସୁପକାର ଚିତ୍ରକଳାରୁ ଜୀବନ ଆରମ୍ଭ କରି ବସ୍ତ୍ରକଳାକୁ ଜୀବିକା କରିନେଲେ । କିନ୍ତୁ ତାଙ୍କର ମନପ୍ରାଣ ଥିଲା– ତବଲା ବାଦନ କଳାରେ । ସମ୍ବଲପୁରରେ ଥିବା ସମୟରେ ସେ 'ହୀରାଖଣ୍ଡ' ନାମକ ଏକ ବିଖ୍ୟାତ ସଙ୍ଗୀତ ଅନୁଷ୍ଠାନରୁ ତବଲା ବାଦନ ଶିକ୍ଷା ଗ୍ରହଣ କରିଥିଲେ । ତବଲା ବାଦନ ଶିକ୍ଷା ପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା । ପରବର୍ତ୍ତୀ କାଳରେ ଶାନ୍ତିନିକେତନରେ ନାଟକ, ନୃତ୍ୟ କାର୍ଯ୍ୟକ୍ରମରେ ତାଙ୍କୁ ତବଲା ସଙ୍ଗତ କରିବାକୁ ସୁଯୋଗ ମିଳିଥିଲା । ସେ ଯେତେବେଳେ ବନାରସରେ ଅବସ୍ଥାପିତ ହେଲେ, ସେଇଠି ବିଶିଷ୍ଟ ତବଲା ଗୁରୁ କଣ୍ଠେମହାରାଜଙ୍କ ସଂସ୍ପର୍ଶରେ ଆସିଲେ । ଗୁରୁଭାବେ ଗ୍ରହଣ କରି ନେଇ ତାଙ୍କଠାରୁ ସେ ଦଶବର୍ଷ କାଳ ତବଲା ବାଦନ ଶିକ୍ଷା ଗ୍ରହଣ କଲେ । ଶେଷରେ ସେ ଜଣେ ବିଶିଷ୍ଟ ତବଲାବାଦକ ଭାବେ ଜାତୀୟ ସ୍ତରରେ ପରିଚିତ ହୋଇ ପାରିଲେ ।

ଯେଉଁ ଅଙ୍ଗୁଳି ତାଙ୍କର ତୁଳି–ରଙ୍ଗ ଧରି ମନୋରମ ଚିତ୍ର ଆଙ୍କି ପାରୁଥିଲା, ସେହି ଅଙ୍ଗୁଳି ପୁଣି ତବଲାର ତାଳେ ତାଳେ ମଧୁର ଝଙ୍କାର ସୃଷ୍ଟି କରିପାରିଥିଲା । ଶେଷରେ ସେହି ଅଙ୍ଗୁଳି ପୁଣି ବସ୍ତ୍ରକଳାରେ ନୂତନ ରୂପରେଖ ଦେଇ ବନାରସୀ ବସ୍ତ୍ରକୁ ବିଶ୍ୱ ଦରବାରରେ ବିଖ୍ୟାତ କରିପାରିଲା ।

ବହୁମୁଖୀ କଳାକାର ପଦ୍ମଶ୍ରୀ ସୁପକାର ଆଜି ନାହାନ୍ତି ସତ; କିନ୍ତୁ ତାଙ୍କର କଳାକୃତି ତାଙ୍କୁ ଅମର କରି ରଖିପାରିଛି ।

**ଆକାଶବାଣୀ, ସମ୍ବଲପୁର ।**

# ଯୌତୁକ ସମସ୍ୟା – ଦୁଃସାଧ୍ୟ କି ?

ଡଃ (ଶ୍ରୀମତୀ) ରାନୁ ମିଶ୍ର

ସରଳ ନିଷ୍ପାପ ଝିଅଟିଏ ସବିତା– ପାଠ ପଢ଼ିବାକୁ ଆଉ ପଢ଼ା ସାରି ଚାକିରୀ କରିବାକୁ ଭାରି ଇଚ୍ଛା । କିନ୍ତୁ, ସେ ଜାଣେ ଯେ ଆମ ସମାଜରେ ବାପା ମାଙ୍କ ମତ ଅନୁସାରେ ବିବାହ କରିବା ଉଚିତ । ତେଣୁ ଯେତେବେଳେ ତା'ର ବାପା ମା' ଗୋଟିଏ ଜାଗାରେ ବାହାଘର ଠିକ୍ କଲେ, ସେ ସେମାନଙ୍କ ଅବାଧ୍ୟ ହେବା ଉଚିତ ମନେକଲା ନାହିଁ ।

ଚଳନ୍ତି ପ୍ରଥା ଅନୁସାରେ ଶାଶୁଘର ଯୌତୁକ ମାଗିଲେ, ସବିତାର ବାପା ମା ଘର ବନ୍ଧା ପକେଇଲେ ଆଉ ଆତ୍ମୀୟ ସ୍ୱଜନଙ୍କଠାରୁ ଧାର ଉଧାର କରି ବହୁ କଷ୍ଟରେ ଯୌତୁକ ଯୋଗାଡ଼ କଲେ । ବର ପକ୍ଷର ଦାବି ଥିଲା– ଗୋଟିଏ ଫ୍ରିଜ୍, ଦୁଇଟି ପଙ୍ଖା, ଘର କରଣା ସାମଗ୍ରୀ, ଆସବାବ ପତ୍ର, ୧୦ ଭରି ସୁନା, ଜୋଇଁଙ୍କ ପାଇଁ ମୁଦି, ସୁନାଚେନ, ଘଣ୍ଟା, ଆଉ ପଚିଶ ହଜାର ଟଙ୍କା ।

ସବିତାର ବାପା ମା' କ'ଣ ବା ଆଉ କରି ପାରିଥାଆନ୍ତେ ? ପରମ୍ପରା ଅନୁସାରେ ଦାବିଗୁଡ଼ିକ ପୁରଣ କରିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କଲେ ।

କିନ୍ତୁ କାହାଣୀଟି ଏଇଠି ଶେଷ ହେଲା ନାହିଁ ବା ସବିତା ଶାଶୁ ଘରର ଯୌତୁକ ଦାବି ବି ସରିଲା ନାହିଁ ।

## ଯୌତୁକ – ପରମ୍ପରା ନା ଲୋଭ ?

ସମସ୍ତଙ୍କ ପରି ସବିତା ବାହାହୋଇ ବାପା ଘର ଛାଡ଼ି ଶାଶୁ ଘରକୁ ଗଲା । ବହୁ ସମୟରେ ଲୋକେ କହିବାର ଶୁଣାଯାଇଥାଏ ଯେ ଥରେ ଗୋଟିଏ ଝିଅ ବାହା ହୋଇ ବାପ ଘର ଛାଡ଼ିଲେ ଶାଶୁ ଘରୁ ତା'ର ମୃତ ଶରୀର ହିଁ ବାହାରକୁ ଯାଇଥାଏ । କଥାଟି ସବିତା କ୍ଷେତ୍ରରେ ଯେ ଏତେ ଶୀଘ୍ର ସତ ହୋଇଯିବ, ବାହାଘରର ରୋଷଣି ଆଲୁଅ, ବନ୍ଦାପନା ଆଉ ପେଁକାଳି ବାଜା ଭିତରେ କେହି କଅଣ ସ୍ୱପ୍ନରେ ମଧ୍ୟ କଳ୍ପନା କରି ପାରିଥିଲେ !!

ଘୋଳ ମଙ୍ଗଳା ନ ପୂରୁଣୁ ପ୍ରତି କଥାରେ ବାପ ଘର ବିଷୟରେ ନାନାଦି ଅଶ୍ରାବ୍ୟ ମନ୍ତବ୍ୟ ଶୁଣିବାକୁ ପଡ଼ିଲା । ପୁଣି ନୂଆ ନୂଆ ଜିନିଷ ଯଥା– ରଙ୍ଗୀନ ଟେଲିଭିଜନ, ଗ୍ୟାସ ଚୁଲି ଆଦି ବାପ ଘରୁ ଆଣିବା ପାଇଁ ବାରମ୍ବାର କୁହାଗଲା । କିଛି ଦିନପରେ କଥା ଭାଷାର ସୀମା ଡେଇଁ ସବିତା ଉପରକୁ ସେମାନଙ୍କର ହାତ ଉଠିଲା । ଯେଉଁ ଝିଅକୁ ଅଣ୍ଟା ଟିକିଏ ହେଲେ ବାପା, ମା' ବ୍ୟସ୍ତ ହୋଇପଡୁଥିଲେ ତାକୁ ପ୍ରବଳ ଜ୍ୱରରେ ମଧ୍ୟ ଘରକାମ କରିବାକୁ ବାଧ୍ୟ କରାଗଲା ଏବଂ "କରି ପାରିବିନି" କହିଲେ ଖାଇବା ପିଇବା ବନ୍ଦ କରି ଦିଆଗଲା । ଏ ସବୁ କୌଣସି କଥା ସବିତା ତା ବାପ ଘରକୁ ଜଣାଇବାକୁ ଚାହୁଁ ନ ଥିଲେ ବି ପରେ ଲୁଚାଇ ରଖି ପାରିଲା ନାହିଁ । ଏପରିକି ତାକୁ ଜୀବନରେ ମାରି ଦେବାକୁ ଧମକ ମଧ୍ୟ ଦିଆଗଲା । କିନ୍ତୁ କେହି ହେଲେ ଭାବି ନ ଥିଲେ ସତରେ କଥାଟା ଏତଦୂର ଆଗେଇ ଯିବ । ବାହା ଘରର ବର୍ଷେ ନ ପୂରୁଣୁ ସବିତାର ଶବ ଶାଶୁଘରୁ କୋକେଇରେ ଶ୍ମଶାନକୁ ନିଆଗଲା– କୁଆଡେ ଷ୍ଟୋଭ ଫାଟି ସବିତାର ଶାଢ଼ୀରେ.......

କେତେ ସବିତା, ଶାନ୍ତି, ଲକ୍ଷ୍ମୀ ଓ ପ୍ରମିଳାଙ୍କର ଜୀବନ କାହାଣୀ ସବୁର ପରିସମାପ୍ତି ଏମିତି ହେଉଛି ତାହା ଆମେ ସମସ୍ତେ ଜାଣୁ, ସବୁଦିନ ଖବର କାଗଜର ପୃଷ୍ଠା ମଣ୍ଡନ କରେ ଏ ସବୁ ସମ୍ବାଦ :–

ସେମାନଙ୍କ ବାପା, ମା ଭାଇଭଉଣୀମାନେ ସମସ୍ତେ ପରମ୍ପରା ବର୍ଷାରେ ଭିଜି ଭିଜି ଖାଲି କାନ୍ଦିବା ଏବଂ ଭାଗ୍ୟକୁ ନିନ୍ଦିବା ଛଡ଼ା ଆଉ କିଛି ସ୍ୱରା ନ ଥାଏ– "ଝିଅର ଗଲାଣି" ଆଉ ପୋଲିସ କୋର୍ଟ କଚିରୀ କରି ଲାଭ କଅଣ ? ଏଇଆ ଭାବି ସେମାନେ ଚୁପ୍ ଚାପ ଲୁହ ପିଇ ଯାଆନ୍ତି ।

'ତା' ହେଲେ ଏଇଆ ହେଉଛି ଆମର ପରମ୍ପରା !

ଅମାପ ଟଙ୍କା ଖର୍ଚ୍ଚ କରି ଆମର ଝିଅମାନଙ୍କୁ ଯନ୍ତ୍ରଣା ଓ ମରଣ ମୁହଁକୁ ପଠାଇବା ?

ସମସ୍ତଙ୍କ ମୁହଁରେ ଗୋଟିଏ କଥା– ଆମେ କ'ଣ କରିପାରିବା ?

ଯଦି ଗୋଟିଏ ପ୍ରଥା ବା ପରମ୍ପରା ଭୁଲଥାଏ ତା'ହେଲେ କ'ଣ ଆମେ ଚେଷ୍ଟା କଲେ ତାକୁ ବନ୍ଦ କରି ପାରିବା ନାହିଁ । ?

ଯେଉଁ ଗାଁରେ ସବିତା, ଶାନ୍ତି ଲକ୍ଷ୍ମୀ, ପ୍ରମିଳାଙ୍କ ଉପରେ ଅକଥନୀୟ ଅତ୍ୟାଚାର ହୁଏ ଆଉ ତା'ପରେ ସେମାନଙ୍କୁ ଜୀବନରେ ମାରି ଦିଆଯାଏ ଅତି ନୃଶଂସ ଭାବରେ, ସେ ଗାଁରେ ଅନ୍ୟମାନେ କ'ଣ କରନ୍ତି ?

ଯଦି ରାସ୍ତାରେ ଗୋଟିଏ ଶିଶୁର ବ୍ୟାଗଟି କେହି ନେଇଯାଏ, ପଚାଶ ଲୋକ ଜମି ସେ ଲୋକକୁ ଧରି ତାକୁ ପିଟି ସେ ବ୍ୟାଗଟି

ଆଣି ଝିଅଟିକୁ ଫେରାଇ ଦିଅନ୍ତି । ଅପରାଧକୁ ରୋକିବା ପାଇଁ ଲୋକେ ବେଳେବେଳେ ନିଜ ଜୀବନକୁ ମଧ୍ୟ ବିପନ୍ନ କରିଦିଅନ୍ତି ।

ଗୋଟିଏ ଝିଅକୁ ବିନା ଦୋଷରେ ତଣ୍ଟି ଚିପି ମାରିବା, କିରୋସିନି ଢ଼ାଳି ନିଆଁ ଲଗାଇବା ବା ବିଷ ପିଆଇ ମାରିବାଠାରୁ ଜଘନ୍ୟ ଆଉ ବଡ଼ ଅପରାଧ କ'ଣ ଅଛି ? ତା'ହେଲେ କାହିଁକି ଯେଉଁ ଘରେ ବୋହୂକୁ ମାରି ଦିଆଯାଏ, ସେ ଗାଁରେ ବା ସହରରେ ଲୋକମାନେ ଚୁପ ରୁହନ୍ତି ?

କାହିଁକି ?

ଯେତେବେଳେ ପର୍ଯ୍ୟନ୍ତ ନିଜ ଉପରକୁ କଥା ନ ଆସିଛି, ଲୋକେ ଅନ୍ୟ କଥାରେ ମୁଣ୍ଡ ପୂରାଇବାକୁ କାହିଁକି ଉଚିତ ମନେ କରନ୍ତି ନାହିଁ ? ଆଜି ତାଙ୍କ ଘରେ ଯାହା କିଛି ହେଲା ଯଦି କାଲି ତା'ର ପୁନରାବୃତ୍ତି ହୁଏ ନିଜ ପରିବାର ଭିତରେ ତେବେ ତା'ର ମୁକାବିଲା କରିବା ପାଇଁ ଅନ୍ୟମାନେ ପଛେଇବେନି କି ? ଗାଁ ଯାକର ଲୋକେ ଯଦି ଭାବନ୍ତେ ନୂଆ ବାହା ହୋଇ ଆସିଥିବା ଝିଅଟି ବି ତାଙ୍କର ଝିଅ ତା'ହେଲେ ଝିଅଟି ଉପରେ ବର୍ବର ଅତ୍ୟାଚାର କରୁଥିବା ସମସ୍ତ ପରିବାରକୁ ଗାଁର ଲୋକମାନେ ମିଶି ଏପରି ଉଚିତ ଶିକ୍ଷା ଦିଅନ୍ତେ ଯେ– ଆଉ କୌଣସି ଝିଅ ଉପରକୁ ହାତ ଉଠାଇବାକୁ ସେ ଗାଁରେ ଆଉ କାହାର ସାହାସ ହୁଅନ୍ତା ନାହିଁ ।

ଆପଣ କହିବେ ଏପରି କରିବା କଣ ଉଚିତ ?

କାହିଁକି ନୁହେଁ ?

ବୋହୂ ପ୍ରତି ଅତ୍ୟାଚାରରେ ଆମ ରାଜ୍ୟ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ଆମେ ସମସ୍ତେ କ'ଣ ଏଯାକୁ ରୋକିବା ପାଇଁ ସତରେ ଏତେ ନିରୁପାୟ ଆଉ ଅସମର୍ଥ ? ଯଦି ଗାଁ ପଞ୍ଚାୟତରେ କଥାଟି ପଡ଼ି ସେ ପରିବାରକୁ ଏକ ଘରକିଆ ବା ବାସନ୍ଦ କରାଯାଏ ସେମାନଙ୍କ ଘରକୁ ଅନ୍ୟମାନେ ଯିବା ଆସିବା ବନ୍ଦ କରି ଦିଅନ୍ତି । (ଏପରିକି ଧୋବା, ଭଣ୍ଡାରୀ ମଧ୍ୟ ନ ଯାନ୍ତି) ସବୁବେଳେ ପଦାରେ ତାଙ୍କ କୁକର୍ମକୁ ସମସ୍ତେ ତେଡ଼େଇ ଛି ଛିକାର କରନ୍ତେ, ତେବେ ଅନ୍ତତଃ ନିଜର ସମ୍ମାନ ହାନି ହେବା ଭୟରେ ଅନ୍ୟମାନେ ବୋହୂ ପ୍ରତି ଅତ୍ୟାଚାର କରନ୍ତେ ନାହିଁ ମାନ ସମ୍ମାନକୁ କିଏ ବା ନ ଡରେ ? ଦାଣ୍ଡରେ ଘାଟରେ ଲୋକହସା ହେବାଠାରୁ ବଡ଼ ଅପମାନ କୋର୍ଟ କଚେରୀରେ ବି ଦିଆ ଯାଇପାରେ ନାହିଁ– ତେଣୁ ଗାଁ ବା ସହର ଯେଉଁଠି ଏ ସବୁ ଘଟଣା ଘଟୁଚି ଲୋକମାନେ ବିଶେଷ କରି ଯୁବ ଶକ୍ତି ଯଦି ଏକାଠି ହୋଇ ତାକୁ ପ୍ରତିହତ କରନ୍ତେ ତେବେ କାହାର ଶକ୍ତି ନାହିଁ କୌଣସି ଝିଅକୁ ଦୁର୍ବ୍ୟବହାର କରିବାକୁ– ଯୁବଶକ୍ତି ଓ ନାରୀଶକ୍ତି ଆଜିର ଦୁଇଟି ବ୍ରହ୍ମାସ୍ତ୍ର ତାକୁ ଯଦି ଠିକ୍ ଭାବରେ କାମରେ ଲଗାଯାଏ ତେବେ ତାହା ଅବ୍ୟର୍ଥ ଏବଂ ଦୁର୍ଭେଦ୍ୟ– ଲକ୍ଷ୍ୟ ଭେଦ କରିବ ହିଁ କରିବ । ତେଣୁ ବିଭିନ୍ନ ଧ୍ୱଂସାଭିମୁଖୀ କାମଗୁଡ଼ିକରେ ଶକ୍ତି ଅପଚୟ ନ କରି ଆମ ଓଡ଼ିଶାରେ ରହିଥିବା ଏହି ଘୃଣ୍ୟ କୁପ୍ରଥାକୁ ଦୂର କରିବା ପାଇଁ ସଂକଳ୍ପବଦ୍ଧ ହେବା ହିଁ ଆଜି ଆମ ମାତୃଭୂମିର କରୁଣ ଆକୁଳ ଆବେଦନ । ଆମ ସମସ୍ତଙ୍କୁ ତା ଛଡ଼ା ଏପରି ହୀନ ପ୍ରଥାକୁ ରୋକିବା ପାଇଁ ସରକାର ବିଶଦ ଆଇନ ପ୍ରଣୟନ କରିଛନ୍ତି । ଯଥା– ଯୌତୁକ ବିରୋଧ ଆଇନ ୧୯୬୧ ଏହି ଆଇନ ଅନୁସାରେ–

## ଯୌତୁକ ଦେବା କିମ୍ବା ମାଗିବା ଅପରାଧ :

(୧) ଯୌତୁକ ମାଗିବା ଏକ ଅପରାଧ

(୨) ଯୌତୁକ ନେବା ଅପରାଧ

(୩) ଯୌତୁକ ଦେବା ଅପରାଧ

(୪) ଯୌତୁକ ଦେବା ଓ ନେବାରେ ସାହାଯ୍ୟ କରିବା ମଧ୍ୟ ଅପରାଧ ।

ଯେ ବ୍ୟକ୍ତି ତାଙ୍କର ପୁଅ, ଝିଅ କିମ୍ବା ସମ୍ପର୍କୀୟଙ୍କର ବିବାହରେ ଯୌତୁକ ନିଅନ୍ତି ସେ ଅପରାଧୀ ।

ଯୌତୁକ ଦେବା ବ୍ୟକ୍ତି ଆଇନ ଅନୁସାରେ ଅପରାଧୀ ଏବଂ ସେଥିପାଇଁ ସେ ଆଇନତଃ ଦଣ୍ଡନୀୟ ହେବ ।

## ଯୌତୁକ ନେବା ଓ ଦେବାପାଇଁ ଦଣ୍ଡ ହେଉଛି :

(୧) ୫ ବର୍ଷ ଜେଲଦଣ୍ଡ

(୨) ୧୫ ହଜାର ଟଙ୍କା ଜୋରିମାନା କିମ୍ବା

(୩) ଯୌତୁକ ପରିମାଣ ୧୫ ହଜାର ଟଙ୍କାରୁ ଅଧିକ ହୋଇଥାଏ ତେବେ ସେହି ପରିମାଣର ଟଙ୍କା ଜୋରିମାନା ଦେବାକୁ ପଡ଼ିବ ।

ଯୌତୁକ ଦେବା କିମ୍ବା ମାଗିବା ବ୍ୟକ୍ତିମାନେ ଦଣ୍ଡିତ ହୋଇପାରିବେ ।

ଯୌତୁକ ଦେବା ଏବଂ ନେବାରେ ସାହାଯ୍ୟ ଏକ ଅପରାଧ

ସାଧାରଣତଃ ବିଭାଘର ବନ୍ଧୁବାନ୍ଧବ କିମ୍ବା ମଧ୍ୟସ୍ଥିଙ୍କ ମାଧ୍ୟମରେ ସ୍ଥିର ହୋଇଥାଏ । ସେହିମାନେ ଯୌତୁକର ପରିମାଣ ଠିକ୍ କରିଥାଆନ୍ତି । ଏହି ଲୋକମାନେ ମଧ୍ୟ ଆଇନ ଦୃଷ୍ଟିରେ ଦୋଷୀ । ସେମାନେ ମଧ୍ୟ ଦଣ୍ଡିତ ହେବେ ।

ଯୌତୁକ ଦାବି କରିବା ବ୍ୟକ୍ତି ମଧ୍ୟ ଆଇନ ଅନୁଯାୟୀ ଦୋଷୀ, ବାହାଘର ପୂର୍ବରୁ ଯୌତୁକ ଦାବି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତୁରନ୍ତ ନିକଟବର୍ତ୍ତୀ ଥାନାରେ ଜଣାଇବାକୁ ପଡ଼ିବ ।

ଯୌତୁକ ପାଇଁ ବିଜ୍ଞାପନ ଦେବା ଏକ ଅପରାଧ । ଅନେକ ସମୟରେ ଲୋକମାନେ ବାହାଘର ପାଇଁ ସମ୍ବାଦ ପତ୍ର ମାଧ୍ୟମରେ ବିଜ୍ଞାପନ ଘୋଷଣା କରିଥାଆନ୍ତି । ଏପରି କ୍ଷେତ୍ରରେ ବରର ଯୋଗ୍ୟତା, ଭବିଷ୍ୟତ ଉନ୍ନତି ଓ ଉପାର୍ଜନ କ୍ଷମତା ନେଇ ଦାବି କରାଯାଇଥାଏ । ଏହି ଶ୍ରେଣୀର ବ୍ୟକ୍ତିବିଶେଷଙ୍କୁ ଆଇନ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇ ଉଭୟ ଜେଲ ଦଣ୍ଡ ଓ ଜୋରିମାନା କରାଯିବାର ବ୍ୟବସ୍ଥା ରହିଛି । ବେଳେ ବେଳେ

କନ୍ୟା ପକ୍ଷରୁ ବର ପକ୍ଷକୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦେବାକୁ ମଧ୍ୟ ଘୋଷଣା କରା ଯାଇଥାଏ ।

**ଯୌତୁକ ନେବା ଓ ଦେବାପାଇଁ ଦଣ୍ଡ :**

(୧) ଅତି କମରେ ୬ ମାସ ଜେଲ

(୨) ଜୋରିମାନା

## ଯୌତୁକ ସମ୍ବନ୍ଧୀୟ ବିଜ୍ଞାପନ ପାଇଁ ଦଣ୍ଡ :

(୧) ଅତି କମରେ ୬ ମାସ ଜେଲ

(୨) ୧୫ ହଜାର ଟଙ୍କା ଜୋରିମାନା

ଯୌତୁକ ଦାବି କରିବା ଏକ ଅପରାଧ

ଯେ କୌଣସି ପ୍ରକାର ଯୌତୁକ ବିଜ୍ଞାପନ ଏକ ଅପରାଧ

ତେବେ କ'ଅଣ ବାହାଘର ସମୟରେ ପୁଅଝିଅଙ୍କୁ କିଛି ଦିଆଯିବ ନାହିଁ ।

ଆଇନ ଅନୁଯାୟୀ ବର ଓ କନ୍ୟା ତାଙ୍କର ନିକଟତମ ଲୋକମାନଙ୍କୁ ବିବାହ ଉପଲକ୍ଷେ ଦିଆଯାଇଥିବା ସମସ୍ତ ଉପହାରକୁ ଯୌତୁକରୂପେ ଧରାଯିବ । କିନ୍ତୁ କୌଣସି ବାଧ ବାଧକତା ନ ଥାଇ ଯାହା କିଛି ବର ବା କନ୍ୟାକୁ ଇଛା ମୁତାବକ ଦିଆଯାଏ ତାହା ଆଇନ ବିରୁଦ୍ଧ ନୁହେଁ । ଏହି ସମସ୍ତ ଉପହାରଗୁଡ଼ିକ ମଧ୍ୟ ଆଇନ ଅନୁସାରେ ଦେବା ଉଚିତ । ଯୌତୁକ ହେଉଛି ଝିଅର ସମ୍ପତ୍ତି । ଏହା ତା'ର 'ସ୍ତ୍ରୀଧନ'ର ଅଂଶ ବିଶେଷ । ସେ ଏହି ସମ୍ପତ୍ତିକୁ ତା'ର ଇଛା ଅନୁସାରେ ବ୍ୟବହାର କରିପାରିବ । ଝିଅଟି ଛଡ଼ା ଅନ୍ୟ କୌଣସି ଲୋକର ଏହି ସ୍ତ୍ରୀ ଧନରେ ଅଧିକାର ନାହିଁ । ସାଧାରଣତଃ ବିଭାଘର ସମୟରେ ଦିଆ ଯାଇଥିବା ଟଙ୍କା ଓ ଉପହାରକୁ ବର କିମ୍ବା ତା'ର ପିତା ମାତା ଓ ବନ୍ଧୁ ବାନ୍ଧବମାନଙ୍କୁ ଦିଆ ଯାଇଥାଏ । କିନ୍ତୁ ଆଇନ ଅନୁଯାୟୀ କନ୍ୟା ଏ ସମସ୍ତ ଧନର ଏକମାତ୍ର ଅଧିକାରୀ ।

ବରଙ୍କୁ ମିଳିଥିବା ଉପହାରର ତାଲିକା ବର ରଖିବା ଉଚିତ । କନ୍ୟାକୁ ମିଳିଥିବା ଉପହାରର ତାଲିକା କନ୍ୟା ରଖିବା ଉଚିତ ।

(୧) ସମସ୍ତ ଉପହାରର ଏକ ତାଲିକା ଅବଶ୍ୟ ରହିବ ।

(୨) ଏହି ଉପହାରଗୁଡ଼ିକ ଦାବି କରାଯିବା କିମ୍ବା ବାଧ ବାଧକତାରେ ଦିଆଯିବା ଉଚିତ୍ ନୁହେଁ ।

(୩) କନ୍ୟାକୁ ଦିଆ ଯାଇଥିବା ଉପହାରଗୁଡ଼ିକ ରୀତି ଅନୁସାରେ ହେବା ଉଚିତ । ସେହି ଉପହାରଗୁଡ଼ିକର ମୂଲ୍ୟ କନ୍ୟା ପିତାମାନଙ୍କର ସ୍ଥିତି ଓ ମାନ ହିସାବରେ ହେବା ଉଚିତ ।

ଯଦି ଝିଅ ବ୍ୟତୀତ କେହି ସେହି ଉପହାରଗୁଡ଼ିକ ନେଇଥାନ୍ତି ତେବେ ସେମାନେ ଆଇନତଃ ଝିଅକୁ ସେଗୁଡ଼ିକ ଫେରାଇବାକୁ ବାଧ ହେବେ । କେବଳ ତାହା ନୁହେଁ ଆଇନରେ ଲିପିବଦ୍ଧ ସମୟ ସୀମା ମଧ୍ୟରେ ଯୌତୁକ ଝିଅକୁ ଫେରସ୍ତ କରିବା ଉଚିତ ।

**ଆଇନ କହେ :**

(୧) ଯଦି ବିବାହ ପୂର୍ବରୁ ଯୌତୁକ ନିଆଯାଇଥାଏ, ତେବେ ଏହା ଝିଅକୁ ବିବାହର ତିନି ମାସ ମଧ୍ୟରେ ହସ୍ତାନ୍ତର କରାଯିି ।

(୨) ଯଦି ବିବାହ ସମୟରେ କିମ୍ବା ବିବାହ ପରେ ଯୌତୁକ ନିଆ ଯାଇଥାଏ ତେବେ ଏହା ନେବାର ତିନି ମାସ ମଧ୍ୟରେ ଝିଅକୁ ଦିଆଯିବ ।

(୩) ଯଦି ଝିଅ ନାବାଳିକା ଥିବା ସମୟରେ (୧୮ ବର୍ଷରୁ କମ) ଯୌତୁକ ନିଆ ଯାଇଥାଏ ତେବେ ଏହା ଝିଅକୁ ୧୮ ବର୍ଷ ହେବାର ୩ ମାସ ମଧ୍ୟରେ ଦିଆଯିବ ।

(୪) ଯଦି ଝିଅ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ପାଖରେ ଯୌତୁକ ରଖାଯାଇଥାଏ ତେବେ ଏହା ତା ନିକଟରେ ବିଶ୍ୱାସରେ ରଖାଯିବ । ତାହା ବୁଝାଏ ଯେ ଯୌତୁକ ରକ୍ଷଣ ବେକ୍ଷଣ କରୁଥିବା ବ୍ୟକ୍ତି ଝିଅକୁ ଠିକ୍ ସମୟରେ ଦେବାର ଦାୟିତ୍ୱ ନେଇଥାଏ ସେ (ପୁ) କିମ୍ବା ସ୍ତ୍ରୀ ସେହି ଯୌତୁକକୁ କୌଣସି ବ୍ୟକ୍ତିଙ୍କୁ ଦେବା, ବ୍ୟବହାର, ଖର୍ଚ୍ଚ ଏବଂ ବିକ୍ରି କରି ପାରିବେ ନାହିଁ ।

(୫) ଯଦି ଜଣେ ବ୍ୟକ୍ତି ଝିଅକୁ ଆଇନରେ ଲିପିବଦ୍ଧ ସମୟ ସୀମା ମଧ୍ୟରେ ଯୌତୁକ ଫେରସ୍ତ ନ କରନ୍ତି, ତେବେ ସେ (ସ୍ତ୍ରୀ) ତାଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରି ପାରିବେ । ସେହି ବ୍ୟକ୍ତି ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୫,୦୦୦ ଟଙ୍କାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇପାରିବେ ।

(୬) ଯଦି ଜଣେ ଝିଅ କିମ୍ବା ସ୍ତ୍ରୀ ଯୌତୁକ ଗ୍ରହଣ କରିବା ପୂର୍ବରୁ ମୃତ୍ୟୁ ବରଣ କରେ ତେବେ ତା'ର ଉତ୍ତରାଧିକାରୀ ଗଣ ଯୌତୁକ ନ୍ୟସ୍ତ ଥିବା ବ୍ୟକ୍ତିଙ୍କଠାରୁ ଏ ସମସ୍ତ ମାଗି ନେଇ ପାରିବେ ।

(୭) ଏହି ତାଲିକା ବିବାହ ସମୟରେ କିମ୍ବା ବିବାହର ଠିକ୍ ପରେ ପରେ ପ୍ରସ୍ତୁତ କରିବା ଉଚିତ ।

(୮) ତାଲିକା ଲିଖିତ ଆକାରରେ ରଖିବା ଉଚିତ ।

(୯) ତାଲିକାରେ ପ୍ରତ୍ୟେକ ଉପହାରର ସଂକ୍ଷିପ୍ତ ବିବରଣୀ ରହିବା ଉଚିତ ।

(୧୦) ଉପହାରର ଆନୁମାନିକ ମୂଲ୍ୟ ମଧ୍ୟ ଲିପିବଦ୍ଧ ହେବା ଉଚିତ ।

(୧୧) ଦାତା ବର କିମ୍ବା କନ୍ୟାଙ୍କର ସମ୍ପର୍କୀୟ ହୋଇଥିଲେ ତାହା ଉଲ୍ଲେଖ କରାଯିବା ଉଚିତ ।

(୧୨) ତାଲିକାରେ ବର ଏବଂ କନ୍ୟାର ଦସ୍ତଖତ ରହିବା ଉଚିତ ।

(୧୩) ଯଦି ବର ଏବଂ କନ୍ୟା ଅଶିକ୍ଷିତ ହୋଇଥିବେ ତେବେ ତାଲିକାଟି ତାଙ୍କୁ ପଢ଼ି ଶୁଣାଇ ଦିଆଯିବାପରେ ସେମାନଙ୍କ ଦ୍ୱାରା ଆଙ୍ଗୁଠି ଚିପ ଚିହ୍ନ ତାଲିକାରେ ନିଆଯିବା ଉଚିତ ।

(୧୪) ଯଦି ବର ଏବଂ କନ୍ୟା ଇଚ୍ଛା କରନ୍ତି ତେବେ ବିବାହରେ ଯୋଗ ଦେଇଥିବା ଯେ କୌଣସି ସମ୍ପର୍କୀୟ କିମ୍ବା ବ୍ୟକ୍ତି ତାଲିକାରେ ଦସ୍ତଖତ କରିପାରିବେ ।

ଏହି ଆଇନ ୩୦ ବର୍ଷ ପୂର୍ବେ ପ୍ରବର୍ତ୍ତନ କରାଯାଇଥିଲେ ମଧ୍ୟ ଯୌତୁକ ପ୍ରଥା ଏବେ ସୁଦ୍ଧା ପ୍ରଚଳିତ ହେଉଅଛି । କାହିଁକି ? ଏହାର କାରଣ ଆଇନ କେବଳ ଯଥେଷ୍ଟ ନୁହେଁ ।

ଆମେମାନେ ଏହି କୁପ୍ରଥାକୁ ବନ୍ଦ କରିବା ପାଇଁ ଆଇନକୁ ଉପଯୋଗ କରିବାକୁ ପଡ଼ିବ ଏବଂ ଏଥିପାଇଁ ସାହାଯ୍ୟ କରିବା ପ୍ରତ୍ୟେକ ସଚେତନ ବ୍ୟକ୍ତିର ନୈତିକ କର୍ତ୍ତବ୍ୟ ।

ଅଧିକାଂଶ କ୍ଷେତ୍ରରେ ଯୌତୁକ ପାଇଁ କନ୍ୟାକୁ ହତୋତ୍ସାହ କରିବା, ପିଟିବା, ଗାଳି ଦେବା ଏବଂ ମାରିଦେବା ଇତ୍ୟାଦି ସମସ୍ତ ଘଟଣା ବିବାହ ପରେ ଘଟିଥାଏ । ବେଳେବେଳେ ଏହା ଅତି ଅସହ୍ୟ ହୋଇପଡ଼େ ଏବଂ ନିର୍ଯ୍ୟାତିତା ନାରୀ ଆଉ କଷ୍ଟ ସହିନପାରି ଆତ୍ମହତ୍ୟା କରେ । ଏହି ସବୁ ଘଟଣା ପାଇଁ ଫୌଜଦାରୀ ଆଇନରେ ଦୋଷୀଙ୍କୁ ଦଣ୍ଡ ବିଧାନ କରିବା ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ।

ଏହି ଆଇନଗୁଡ଼ିକ ହେଲା : ଭାରତୀୟ ଦଣ୍ଡବିଧି ଆଇନ, ୧୮୬୦, କାର୍ଯ୍ୟ ବିଧି ଆଇନ ୧୯୭୩ ଏବଂ ଭାରତୀୟ ସାକ୍ଷ୍ୟ ବିଧି ଆଇନ ।

ଦୋଷ କିମ୍ବା ଅପରାଧ ସମ୍ବନ୍ଧରେ ଭାରତୀୟ ଦଣ୍ଡବିଧି ଆଇନରେ ଲିଖିତ ହୋଇଅଛି ।

ଭାରତୀୟ ପିଙ୍ଗଳ କୋଡ଼ର ଧାରା ୪୯୮ 'କ' ଅନୁସାରେ ଯଦି ସ୍ୱାମୀ କିମ୍ବା ସ୍ୱାମୀର ସମ୍ପର୍କୀୟ ସ୍ତ୍ରୀକୁ ନିଷ୍ଠୁରତା ପ୍ରଦର୍ଶନ କରନ୍ତି ତେବେ ତା'ର ସ୍ୱାମୀ କିମ୍ବା ସେହି ସମ୍ପର୍କୀୟଙ୍କୁ ଜୋରିମାନା ସହିତ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗ କରିବାକୁ ପଡ଼ିବ ।

## ନିଷ୍ଠୁରତା କଅଣ ?

'ନିଷ୍ଠୁରତା'ର ଅର୍ଥ :

(୧) କୌଣସି ସ୍ତ୍ରୀ ଲୋକକୁ ପିଟିବା କିମ୍ବା ଅତ୍ୟାଚାର ଦେବା ଦ୍ୱାରା ଅଙ୍ଗ ପ୍ରତ୍ୟଙ୍ଗ ଏବଂ ଶରୀର କ୍ଷତ ବିକ୍ଷତ ହେବା କିମ୍ବା ତା'ର ଜୀବନ ପ୍ରତି ବିପଦ ସୃଷ୍ଟି କରିବା ।

(୨) ନିଷ୍ଠୁରତା କେବଳ ପିଟିବା କିମ୍ବା ଶାରୀରିକ ଯନ୍ତ୍ରଣାକୁ ବୁଝାଏ ନାହିଁ । ଯଦି କୌଣସି ବ୍ୟକ୍ତିର ଚରିତ୍ର ବା ବ୍ୟବହାର ସ୍ତ୍ରୀ ଲୋକଟିକୁ ଆତ୍ମହତ୍ୟା ପାଇଁ ପ୍ରବୃତ୍ତ କରାଏ । ତେବେ ଏହା ମଧ୍ୟ ନିଷ୍ଠୁରତା ଅଟେ ।

(୩) କିଛି ଅର୍ଥ କିମ୍ବା ସମ୍ପତ୍ତି ପାଇବାକୁ କୌଣସି ସ୍ତ୍ରୀକୁ ଯନ୍ତ୍ରଣା ଦେବା, ଧମକ କିମ୍ବା ବଳ ପ୍ରୟୋଗ କରିବା ନିଷ୍ଠୁରତା ।

(୪) ସ୍ତ୍ରୀ ଲୋକର କୌଣସି ସମ୍ପର୍କୀୟଙ୍କୁ ଯନ୍ତ୍ରଣା, ଭୟଭୀତ କିମ୍ବା ବଳ ପ୍ରୟୋଗ କରି ସମ୍ପତ୍ତି ବା ଅର୍ଥ ଆଣିବା ମଧ୍ୟ ନିଷ୍ଠୁରତା ଏବଂ ଆଇନତଃ ଦଣ୍ଡନୀୟ ।

ଯୌତୁକ ପାଇଁ ସ୍ତ୍ରୀ ପ୍ରତି ଖରାପ ବ୍ୟବହାର କରିବା ଏକ ଅପରାଧ ।

ଯଦି ଯେ କୌଣସି ସ୍ତ୍ରୀ ଏହିପରି ନିଷ୍ଠୁରତା ଆଚରଣ ଫଳରେ ୭ ବର୍ଷ ମଧ୍ୟରେ ମୃତ୍ୟୁବରଣ କରେ, ତେବେ ତା'ର (ସ୍ତ୍ରୀର) ସ୍ୱାମୀ ଏବଂ ଶାଶୁ ଶ୍ୱଶୁର ସମେତ ପରିବାରରେ ସମସ୍ତେ ତା'ର ମୃତ୍ୟୁ ପାଇଁ ଦାୟୀ ହେବେ । ଯଦି ସେମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କୁ ଅନ୍ୟୂନ ୭ ବର୍ଷ ଜେଲରେ ରହିବାକୁ ପଡ଼ିବ । ତା'ର ମୃତ୍ୟୁ ସ୍ୱାମୀ କିମ୍ବା ପରିବାର ବର୍ଗଙ୍କ ଦ୍ୱାରା ହୋଇଥିବାର ଅନୁମାନ କରି ବିଚାରାଳୟ ଦଣ୍ଡ ବିଧାନ କରିବେ । ସେମାନଙ୍କ ଦୋଷ ପ୍ରମାଣିତ କରିବାକୁ ପଡ଼ିବ ନାହିଁ ।

ବିବାହିତା ସ୍ତ୍ରୀ ପ୍ରତି ନିଷ୍ଠୁରତା ଅଭିଯୋଗ କିଏ ଦାୟର କରିପାରିବେ ?

ଯଦି କୌଣସି ସ୍ତ୍ରୀ ଲୋକ ଆତ୍ମହତ୍ୟା କରେ ଏବଂ କେହି ଜଣେ ତା'ର ମୃତ୍ୟୁ ପାଇଁ ଦାୟୀ ହୋଇଥାଏ ତେବେ ତୁରନ୍ତ ପୋଲିସରେ ଜଣାନ୍ତୁ । ଏହି ସମ୍ବାଦ ପାଇବା ପରେ ଥାନା ଭାରପ୍ରାପ୍ତ ଅଧିକାରୀ ନିମ୍ନ ଲିଖିତ ପଦକ୍ଷେପ ଗ୍ରହଣ କରିବେ :

(୧) ନିକଟତମ ପ୍ରଶାସନିକ ମାଜିଷ୍ଟ୍ରେଟଙ୍କୁ ତୁରନ୍ତ ଜଣାଇବେ ।

(୨) ପୋଲିସ ଅଧିକାରୀ ମୃତ୍ୟୁର ଆପାତତଃ ପ୍ରତୀୟମାନ କାରଣ ବିଷୟରେ ଏକ ଲିଖିତ ବିବରଣୀ ପ୍ରସ୍ତୁତ କରିବେ ।

(୩) ମୃତ୍ୟୁର କାରଣ ସ୍ଥିର କରିବା ପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀ ମୃତ ବ୍ୟକ୍ତିର ଶରୀର ପଡ଼ିଥିବା ସ୍ଥାନକୁ ଯିବେ ।

(୪) ମୃତ୍ୟୁର କାରଣ ପଡ଼ିଶାର ଦୁଇଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପ୍ରସ୍ତୁତ କରାଯିବା ଉଚିତ ।

(୫) ଏହି ବିବରଣୀରେ ମୃତ୍ୟୁର ସବିଶେଷ କାରଣ ସହ ମୃତ ବ୍ୟକ୍ତିର ଶରୀରରେ ଦେଖା ଯାଉଥିବା କ୍ଷତ, ପୋଡ଼ା ଚିହ୍ନ ଏବଂ ଅନ୍ୟାନ୍ୟ ଆଘାତ ଚିହ୍ନ ମଧ୍ୟ ଉଲ୍ଲେଖ ରହିବା ଉଚିତ ।

(୬) ଏହି ବିବରଣୀଟିରେ ସମ୍ପୃକ୍ତ ପୋଲିସ ଅଧିକାରୀ ଏବଂ ଅନ୍ୟାନ୍ୟ ଉପସ୍ଥିତ ଥିବା ବ୍ୟକ୍ତିଙ୍କର ଦସ୍ତଖତ ରହିବ ।

(୮) ଏହି ବିବରଣୀଟି ତତପରେ ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଯିବା ଉଚିତ ।

(୯) ମୃତ ବ୍ୟକ୍ତିର ଶବ ବିଚାରାଳୟ ଦ୍ୱାରା ନିଯୁକ୍ତ ଡାକ୍ତର କିମ୍ବା ସ୍ୱତନ୍ତ୍ର ନିଯୁକ୍ତି ପ୍ରାପ୍ତ ଚିକିତ୍ସାଧାରୀଙ୍କ ନିକଟକୁ ପରୀକ୍ଷା ପାଇଁ ପଠାଯିବ ।

(ଭାରତୀୟ କାର୍ଯ୍ୟବିଧି ଆଇନ, ୧୯୭୩ ଧାରା ୧୭୪)

ଯୌତୁକ ବ୍ୟାପାରଗୁଡ଼ିକରେ କିଏ ଅଭିଯୋଗ ଦାଖଲ କରିପାରିବେ ?

ଯଦି ପୋଲିସ ଉକ୍ତ ପଦକ୍ଷେପଗୁଡ଼ିକ ନେବାକୁ ମନା କରନ୍ତି, ତେବେ ଆପଣ ପୋଲିସ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ତୁରନ୍ତ ଜଣାଇବେ ।

ଯୌତୁକ ଅପରାଧ ଜନିତ ଅଭିଯୋଗ କିଏ ଦାୟର କରି ପାରିବେ ?

(୧) ଯେ କୌଣସି ପୋଲିସ ଅଧିକାରୀ ।

(୨) ଯୌତୁକ ପାଇଁ ନିର୍ଯ୍ୟାତିତ ଯେ କୌଣସି ବ୍ୟକ୍ତି ।

(୩) ଯୌତୁକ ପାଇଁ ନିର୍ଯ୍ୟାତିତା ସ୍ତ୍ରୀ ଲୋକର ପିତାମାତା ବା ସମ୍ପର୍କୀୟ ।

(୪) ସରକାରଙ୍କ ଦ୍ୱାରା ସ୍ୱୀତ ପ୍ରାପ୍ତ ଯେ କୌଣସି ସାମାଜିକ ସ୍ୱେଚ୍ଛାସେବୀ ସଂସ୍ଥା ।

(୫) ଯଦି ବିଚାରାଳୟ ଦୃଷ୍ଟିକୁ ଉକ୍ତ ସମ୍ବାଦ ଆସେ ତେବେ ବିଚାରାଳୟ ତରଫରୁ ମଧ୍ୟ ମାମଲା ଆରମ୍ଭ କରାଯାଇପାରେ ।

(୬) ଅଭିଯୋଗ କିମ୍ବା ଅଦାଲତ ମାମଲା ପେଶ କରିବା ପାଇଁ କୌଣସି ସମୟ ସୀମା ନାହିଁ । କିନ୍ତୁ ଉକ୍ତ ଅଭିଯୋଗ କିମ୍ବା ମାମଲାଗୁଡ଼ିକ ଅବିଳମ୍ବେ ଦାଏର କରିବା ଉଚିତ ।

## ଯୌତୁକ ଜନିତ ଅପରାଧଗୁଡ଼ିକ ହେଲା :

## ଧର୍ତବ୍ୟ :

ପୋଲିସ ଏତଲା ପାଇବା ମାତ୍ରେ ଏପରି ଅପରାଧ କ୍ଷେତ୍ରରେ ତଦନ୍ତ ଚଳାଇବେ । ତଦନ୍ତ କରିବାକୁ ପୋଲିସକୁ ମାଜିଷ୍ଟ୍ରେଟଙ୍କ ଆଦେଶ ଲୋଡ଼ିବା ଦରକାର ନାହିଁ ।

କିନ୍ତୁ ଅପରାଧରେ ଅଭିଯୁକ୍ତ ଆସାମୀକୁ ଗିରଫ କରିବାକୁ ମାଜିଷ୍ଟ୍ରେଟଙ୍କ ଆଦେଶ ନେବାକୁ ପଡ଼ିବ ।


## ଜାମିନ୍ ନାମଞ୍ଜୁର :

ଏ କ୍ଷେତ୍ରରେ ମାଜିଷ୍ଟ୍ରେଟଙ୍କ ବିନା ଆଦେଶରେ ଜଣେ ଅପରାଧୀ ଜାମିନ ପାଇ ପାରିବେ ନାହିଁ ।

ଦଣ୍ଡଗୁଡ଼ିକ ଏକତ୍ର ଭୋଗ କରାଯିବ ନାହିଁ । ଏହି କ୍ଷେତ୍ରରେ ଅପରାଧୀ ଜୋରିମାନା ବଦଳରେ ଜେଲ ଦଣ୍ଡରୁ ମୁକ୍ତ ହୋଇ ପାରିବ ନାହିଁ ।

ଆଇନ ସ୍ତ୍ରୀ ଲୋକମାନଙ୍କ ଉପରେ ଅତ୍ୟାଚାର କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଖୁବ କଠୋର– ଏଥିରେ ସାଲିସ୍ କରିବାର ପ୍ରଶ୍ନ ନାହିଁ । ପୋଲିସ ମଧ୍ୟ ଏପରି ଅପରାଧ ରୋକିବା ପାଇଁ ଏବେ ସମ୍ପୂର୍ଣ୍ଣ ସଚେତ– ବହୁ କ୍ଷେତ୍ରରେ ପୋଲିସ କୌଣସି ଏପରି ଅତ୍ୟାଚାରର ଖବର ପାଇଲା ମାତ୍ରେ ଆପତ୍ତି କରିଥିବା ମହିଳାଙ୍କର ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର, ସ୍ୱାମୀ (ଯେଉଁମାନଙ୍କ ନାଁ ତାଙ୍କ ଅଭିଯୋଗରେ ଉଲ୍ଲେଖ ରହିଛି)କୁ ତୁରନ୍ତ ଆରେଷ୍ଟ କରିବାର ବହୁ ଦୃଷ୍ଟାନ୍ତ ବିଭିନ୍ନ ଜିଲ୍ଲାରୁ ଆସୁଛି । କିନ୍ତୁ ଯଦି କୌଣସି କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟୁଥାଏ ତେବେ ତାହା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅଣାଯିବା ଉଚିତ– ଜନ ସାଧାରଣ ତଥା ପୋଲିସ, ମାଜିଷ୍ଟ୍ରେଟ ଏବଂ ଓକିଲ ସମସ୍ତେ ଯଦି ଏହି ଜଘନ୍ୟ ବର୍ବରୋଚିତ ଅପରାଧକୁ ରୋକିବା ପାଇଁ ସଚେତ ଏବଂ ସଂକଳ୍ପ ବଦ୍ଧ ହୁଅନ୍ତେ ତେବେ ନିଶ୍ଚୟ ଆମ ରାଜ୍ୟର ମଥାରେ ଜାତୀୟ ସ୍ତରରେ ଲାଗିଥିବା ଏ କଳଙ୍କ ଟୀକା ଅନେକ ପରିମାଣରେ ଧୋଇ ହୋଇ ଯାଆନ୍ତା !

ଆସନ୍ତୁ ! ସମସ୍ତେ ମିଶି ଏ ଦୁଃସାଧ୍ୟ ରୋଗକୁ ସାଧ୍ୟ କରିବା ।



ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜଷ୍ଟୀ ରାଜଗୁରୁ ଜୟନ୍ତୀ ଉତ୍ସବ ସମାରୋହରେ ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ପାଟଶାଣୀ ଉଦ୍‌ବୋଧନ ଦେଉଛନ୍ତି (୩/୧୨) ।

# କାର୍ପ ମାଛଙ୍କ ପୁନଃ ପ୍ରଜନନ – ଏକ ନୂଆ ଦିଗନ୍ତ

ଶ୍ରୀ ସୁରେଶ ଚନ୍ଦ୍ର ରଥ

ଆମ ଦେଶରେ ଖ୍ୟାତି ଅର୍ଜନ କରିଥିବା ମାଛମାନେ ହେଲେ ସାଧାରଣତଃ କାର୍ପ ଜାତିର । ଏମାନେ ସୁସ୍ୱାଦୁ ଓ ଖୁବ୍ ଶୀଘ୍ର ନିଜର ଅବୟବ ବୃଦ୍ଧି କରିଥାନ୍ତି । ମୁଖ୍ୟତଃ ଏହି ମାଛମାନେ ହେଉଛନ୍ତି ଆମର ଅତି ପରିଚିତ ରୋହି, ଭାକୁର ଓ ମିରିକାଳି, ଇତ୍ୟାଦି । ସ୍ୱଭାବତଃ ଏମାନେ ପୋଖରୀର ସ୍ଥିର ଜଳରେ ବଂଶ ବିସ୍ତାର କରନ୍ତି ନାହିଁ । ସେଥି ପାଇଁ ବର୍ଷାଦିନେ ନଦୀ ସ୍ରୋତରୁ ଯାଆଁଳ ସଂଗ୍ରହ କରିବା ପରମ୍ପରା କାହିଁ କେତେ ପୁରୁଷରୁ ଚାଲି ଆସୁଥିଲା । ଯେଉଁ ଦିନଠାରୁ ମାଛ ଚାଷକୁ ଏକ ଅର୍ଥକାରୀ ଓ ଆତ୍ମନିଯୁକ୍ତି ଯୋଜନାର ପରିସରଭୁକ୍ତ କରାଗଲାଣି । ସେହି ଦିନଠାରୁ ଆମ ଦେଶରେ ମାଛ ଯାଆଁଳର ଚାହିଦା ଦିନକୁ ଦିନ ବଢ଼ି ଚାଲିଛି । କାର୍ପ ବିହନର କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରିବା ପାଇଁ ଆମ ରାଜ୍ୟରେ ଓ ଅନ୍ୟ ରାଜ୍ୟମାନଙ୍କରେ ଅତ୍ୟାଧୁନିକ କାର୍ପ ବିହନ ହାଚେରୀମାନ ପ୍ରତିଷ୍ଠା କରାହୋଇଛି । ହାଚେରୀ ଏପରି ଏକ ପରିଯୋଜନା ଯେଉଁଠିକି କାର୍ପ ମାଛମାନଙ୍କଠାରୁ କୃତ୍ରିମ ପ୍ରଜନନ ଉପାୟରେ ପର୍ଯ୍ୟାପ୍ତ ପରିମାଣର ବିହନ ଉତ୍ପାଦନ କରାଯାଇଥାଏ ।

ଆମ ଦେଶରେ କାର୍ପ ମାଛମାନଙ୍କ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଗବେଷଣା ଜନିତ ପ୍ରାୟ ସମସ୍ତ ସଫଳତା ଓଡ଼ିଶାରେ ହିଁ ଉପଲବ୍ଧ ହୋଇଛି । ୧୯୫୭ ମସିହାରେ କଟକସ୍ଥିତ କେନ୍ଦ୍ରୀୟ ମତ୍ସ୍ୟ ଗବେଷଣା କେନ୍ଦ୍ରରେ ପ୍ରଥମ କରି କାର୍ପ ମାଛମାନଙ୍କର କୃତ୍ରିମ ପ୍ରଜନନ ସମ୍ଭବ ହୋଇଥିଲା । ହିରାଲାଲ ଚୌଧୁରୀ ଓ କେ.ଏଚ୍. ଆଲିକୁନି ନାମକ ବୈଜ୍ଞାନିକ ଦ୍ୱୟ ଏହି ଗବେଷଣାର କର୍ଣ୍ଣଧାର ଥିଲେ । ସେମାନଙ୍କର ଗବେଷଣାରୁ ସ୍ପଷ୍ଟ ଜଣାପଡ଼ିଲା ଯେ କାର୍ପ ଜାତିର ମାଛମାନେ ପୋଖରୀର ସ୍ଥିର ଜଳରେ ପ୍ରଜନନ ପରିପକ୍ୱତା ଲାଭ କରନ୍ତି କିନ୍ତୁ ସେମାନଙ୍କର ସ୍ୱତଃ ପ୍ରଜନନ ହୋଇପାରେ ନାହିଁ । ପିଟୁଇଟାରୀ ଗ୍ରନ୍ଥିର ହର୍‌ମୋନ ସ୍ୱଳ୍ପ କ୍ଷରଣ ଏହାର ଏକ ସମ୍ଭାବ୍ୟ କାରଣ । ତେଣୁ ଅନ୍ୟ ଏକ ପରିପକ୍ୱ ପିଟୁଇଟାରୀ ଗ୍ରନ୍ଥି ବା ତତ୍ତୁଲ୍ୟ ହରମୋନକୁ ଇଂଜେକ୍‌ସନ୍ ଆକାରରେ ଉଭୟ ପୁରୁଷ ଓ ମାଈ ମାଛମାନଙ୍କ ଦେହରେ ପ୍ରବେଶ କରାଇଲେ ସେମାନେ ସ୍ୱତଃ ପ୍ରବୃତ୍ତ ହୋଇ ପ୍ରଜନନ କରନ୍ତି । ଫଳତଃ ଯାଆଁଳ ଉତ୍ପାଦନ ହୁଏ । କାର୍ପ ପ୍ରଜନନର ଏହି ମୂଳମନ୍ତ୍ରଟି ଉଦ୍‌ଘାଟିତ ହେବାରୁ ଆଜି ଦେଶର ପ୍ରତିଟି କୋଣରେ କାର୍ପ ମାଛର କୃତ୍ରିମ ପ୍ରଜନନ ସମ୍ଭବ ହୋଇଛି ଓ ପର୍ଯ୍ୟାପ୍ତ ପରିମାଣର ଯାଆଁଳ ମଧ୍ୟ ପ୍ରସ୍ତୁତ ହୋଇପାରୁଛି । ଏହିପରି କୃତ୍ରିମ ପ୍ରଜନନଟି ପ୍ରାକୃତିକ ପ୍ରଜନନ ପରି ମୌସୁମୀ ଋତୁରେ ବର୍ଷକୁ ଥରେ ମାତ୍ର ହୋଇ ଆସୁଥିଲା ।

କାର୍ପ ମାଛର କୃତ୍ରିମ ପ୍ରଜନନ କ୍ଷେତ୍ରରେ ଦ୍ୱିତୀୟଥର ପାଇଁ ପୁଣି ଏକ ସାଫଲ୍ୟ ମିଳିଲା ୧୯୭୭ ମସିହାରେ । ପୂର୍ବଥର ପରି ଏଥର ମଧ୍ୟ ଏହା କଟକସ୍ଥିତ ଗବେଷଣା କେନ୍ଦ୍ରରେ ସମ୍ଭବ ହେଲା । ବୈଜ୍ଞାନିକ ଆର୍.ଏମ୍. ଭୌମିକ ଓ ସେମାନଙ୍କ ସହଯୋଗୀମାନେ ପ୍ରମାଣ କରିଦେଲେ ଯେ ଗୋଟିଏ ମୌସୁମୀ ଋତୁରେ ମାଛମାନଙ୍କୁ ଥରେ କାହିଁକି ଦୁଇଥର ପାଇଁ ମଧ୍ୟ ପ୍ରଜନନକ୍ଷମ କରାଯାଇ ପାରେ । ତେବେ ଏହା ଥିଲା ଗବେଷଣାର ପରିସୀମା ଭିତରେ ସୀମିତ । ଏହି ତଥ୍ୟ ପ୍ରତିଷ୍ଠିତ ହେବା ପରେ ଆମ ରାଜ୍ୟରେ ଓ ରାଜ୍ୟବାହାରେ ଅନ୍ୟ କେତେଜଣ ଗବେଷକ ମଧ୍ୟ ତତ୍ତୁଲ୍ୟ ଗବେଷଣା ଚଳାଇ ସଫଳତା ପାଇଥିଲେ ।

ଏହା ଭିତରେ ପ୍ରାୟ ୧୫/୧୬ ବର୍ଷ ବିତି ଯାଇଛି । ଗବେଷକର ଅନୁସନ୍ଧିତ୍ସୁ ପ୍ରୟାସ ତାଙ୍କୁ ନୀରବରେ ବସାଇ ରଖିନି । କାର୍ପ ମାଛର ପୁନଃ ପ୍ରଜନନ କ୍ଷେତ୍ରରେ ଅଧିକରୁ ଅଧିକ ଗବେଷଣାମାନ ଚାଲୁରହିଛି । ଦେଶ ବିଦେଶରେ କେତେ ଜଣ ଗବେଷକ ଏ ଜନିତ କାଁ ଭାଁ ପରୀକ୍ଷାମୂଳକ ସଫଳତା ବି ଦାବୀ କରିଛନ୍ତି । ଏହିପରି ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିସ୍ଥିତିରେ ୧୯୯୨ ମସିହାରେ, କୌଶଲ୍ୟାଗଙ୍ଗସ୍ଥିତ ମଧୁର ଜଳଜ ଉତ୍ପାଦନ ଗବେଷଣା ସଂସ୍ଥାନ ପୁଣି ଏକ ଗୌରବର ଅଧିକାରୀ ହୋଇପାରିଛି । ଏହା ଖାଲି ଗୌରବ ନୁହେଁ, ମତ୍ସ୍ୟ ଯାଆଁଳ ଉତ୍ପାଦନରେ ଏକ ନୂଆ ଦିଗନ୍ତ ସୃଷ୍ଟି କରିଛି । ପୃଥିବୀର ସମସ୍ତ ମତ୍ସ୍ୟାଗ୍ରହୀ ଲୋକମାନଙ୍କ ପାଇଁ ଏହା ଆଜି ଏକ ଆଶ୍ଚର୍ଯ୍ୟ ତଥା ଆଲୋଚନାର ବିଷୟ । ଏହି ବହୁଚର୍ଚ୍ଚିତ ସଫଳତାଟି ହେଉଛି କାର୍ପ ମାଛମାନଙ୍କର ପୁନଃ ପୁନଃ ପ୍ରଜନନ । ଅର୍ଥାତ୍ ପ୍ରତ୍ୟେକ ପ୍ରଜନନକ୍ଷମ ମାଛମାନଙ୍କଠାରୁ ପ୍ରତିବର୍ଷ ଥର ଥର କରି ଚାରିଥର କୃତ୍ରିମ ପ୍ରଜନନ କରାଇ ଯାଆଁଳ ଉତ୍ପାଦନକୁ ବହୁଗୁଣିତ କରାଯାଇ ପାରିଛି । ଏହା ପୁଣି ବିଜ୍ଞାନାଗାରର ଚାରି କାନ୍ଥ ଭିତରେ ସୀମିତ ନୁହେଁ କି ବ୍ୟୟ ବହୁଳ ବି ନୁହେଁ । ଏଥିରେ ବୈଷୟିକ କୌଶଳର କଠିନତା ନାହିଁ କି କଳକବ୍‌ଜାର ଆବଶ୍ୟକତା ନାହିଁ । ତେଣୁ ଏହା ଅତି ସହଜରେ ଆଦୃତ ହୋଇପାରିବ ।

ଏହି ପୁନଃ ପୁନଃ ପ୍ରଜନନ ପରିଯୋଜନାରେ ମାଛମାନଙ୍କୁ ଗୋଟିଏ ପୋଖରୀରେ ହେକ୍ଟର ପିଛା ଏକହଜାର କିଲୋ

ହିସାବରେ ପାଳନ କରାଯାଏ । ମାଛମାନଙ୍କୁ ସୁଷମ ଖାଦ୍ୟ ଯଥା କାଣ୍ଡିଆ କୁଣ୍ଡା, ବାଦାମ ପିଡ଼ିଆ, କିଛିଟା ଭିଟାମିନ୍ ଓ କିଛିଟା ଖଣିଜ ଲବଣ ମିଶ୍ରିତ ଖାଦ୍ୟ ଦିଆଯାଏ । ପୋଖରୀର ପାଣିକୁ ଜାନୁୟାରୀ ମାସଠାରୁ ମେ ମାସ ପର୍ଯ୍ୟନ୍ତ ମାସକୁ ଅନ୍ତତଃ ଥରେ ନୂଆ କେନାଲ ବା ନଦୀ ପାଣିରେ ଆଂଶିକ ପରିବର୍ତ୍ତିତ କରାଯାଏ । କେନାଲ ବା ନଦୀପାଣି ନମିଳିଲେ ଆଖପାଖରେ ଥିବା ଉଠା ଜଳସେଚନ ପାଣି ମଧ୍ୟ ବ୍ୟବହାର କରିହୁଏ । ପୋଖରୀର ବାକି ସବୁ ପରିଚାଳନା ସାଧାରଣ ମାଛ ଚାଷରେ ହେଉଥିବ । ପୋଖରୀ ପରିଚାଳନା ସହିତ ପ୍ରାୟ ସମାନ ।

ପ୍ରଜନନ ପରିପକ୍ୱତାର ପ୍ରଥମ ସୋପାନଟି ହେଉଛି ଲିଙ୍ଗ ନିର୍ଣ୍ଣୟ । ପୁନଃ ପୁନଃ ପ୍ରଜନନ ପରିଯୋଜନାରେ ପ୍ରାୟ ଫେବୃୟାରୀ ମାସ ଶେଷ ସୁଦ୍ଧା କାର୍ପ ମାଛମାନଙ୍କର ଲିଙ୍ଗ ନିର୍ଣ୍ଣିତ ହୋଇଥାଏ । ଏମାନେ ମାର୍ଚ୍ଚ ମାସର ଦ୍ୱିତୀୟ ସପ୍ତାହ ସୁଦ୍ଧା ପୂର୍ଣ୍ଣ ପ୍ରଜନନକ୍ଷମ ହୁଅନ୍ତି । ଫଳତଃ କାର୍ପ ମାଛର ପ୍ରଥମ ପ୍ରଜନନ ତଥା ଯାଆଁଳ ଉତ୍ପାଦନ ମାର୍ଚ୍ଚ ମାସରେ ହିଁ ସମ୍ଭବ ହୋଇଥାଏ । ପ୍ରଜନନ ପାଇଁ ହାଚେରୀରେ ନଦୀ ବା କେନାଲର ଶୀତଳ ଜଳ ସହିତ କୂଅ ବା ଉଠା ଜଳସେଚନ ପାଣିକୁ ମିଶାଇ ବ୍ୟବହାର କରାଯାଏ ଓ ମାଛମାନଙ୍କୁ ଅନୁମୋଦିତ ହରମୋନ ଇଂଜେକ୍ସନ୍ ମଧ୍ୟ ଦିଆଯାଏ । ପ୍ରଜନନ ପରେ ଉଭୟ ପୁରୁଷ ଓ ମାଈ ମାଛମାନଙ୍କୁ ଖୁବ୍ ପତଳା ପଟାସିୟମ୍ ପରମାଙ୍ଗାନେଟ୍ ଦ୍ରବଣରେ ଗାଧୋଇ ଦେଇ ପୁନର୍ବାର ପୋଖରୀରେ ପାଳନ କରିବାକୁ ହୁଏ । ଏହି ମାଛମାନେ ପ୍ରାୟ ୪୫ ଦିନରୁ ୬୦ ଦିନ ମଧ୍ୟରେ ଅର୍ଥାତ୍ ମେ ମାସରେ ଦ୍ୱିତୀୟ ଥର ପାଇଁ ପ୍ରଥମ ପ୍ରଜନନ କ୍ଷମ ହୋଇ ଯାଆଁଳ ଉତ୍ପାଦନ କରିପାରନ୍ତି । ଏଥର ମଧ୍ୟ ପ୍ରଜନନ ପରେ ମାଛମାନଙ୍କୁ ପୂର୍ବ ପରି ପଟାସ୍ ପାଣିରେ ଗାଧୋଇ ପୋଖରୀରେ ଛାଡ଼ି ଦିଆଯାଏ । ଏହିପରି ପ୍ରତି ୪୫ରୁ ୬୦ ଦିନର ସମୟ ବ୍ୟବଧାନରେ ଏହି ମାଛମାନେ ତୃତୀୟ ଓ ଚତୁର୍ଥ ଥର ପାଇଁ ଯଥାକ୍ରମେ ଜୁନ୍-ଜୁଲାଇ ଓ ଅଗଷ୍ଟ-ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଯାଆଁଳ ଉତ୍ପାଦନ କରି ପାରନ୍ତି । ତେବେ ଏଇଠି ଗୋଟିଏ କଥା ମନେରଖିବାକୁ ହେବ ଯେ ପ୍ରଜନନକ୍ଷମ ମାଛମାନଙ୍କୁ ପୋଖରୀରୁ ଧରିବା, ହାଚେରୀକୁ ସ୍ଥାନାନ୍ତରିତ କରିବା ଓ ପ୍ରଜନନ ପରେ ପ୍ରସୂତୀ ମାଛମାନଙ୍କୁ ହାଚେରୀରୁ ପୋଖରୀକୁ ଫେରାଇ ଆଣିବା ବେଳେ ବହୁତ ବାଧା ହୋଇଥାଏ । ତେଣୁ ଏ ଜନିତ ଶାରିରୀକ ବାଧାକୁ ଯେତେ କମାଇ ହେବ ପୁନଃ ପ୍ରଜନନ ପ୍ରକ୍ରିୟାଟି ସେତେ ଅଧିକ ଫଳପ୍ରଦ ହେବ ।

କାର୍ପ ମାଛର ପୁନଃ ପୁନଃ ପ୍ରଜନନ ଯେ ଖାଲି ଯାଆଁଳ ଉତ୍ପାଦନକୁ ବହୁଗୁଣିତ କରିପାରୁଛି ତା' ନୁହେଁ । ଏହା ଦ୍ୱାରା ଚାଷୀମାନଙ୍କ ପାଇଁ ଯାଆଁଳ ପାଇବାର ସମୟ ସୀମାଟି ଯଥେଷ୍ଟ ବଢ଼ି ଯାଇଛି । ଅର୍ଥାତ୍ ମାର୍ଚ୍ଚ ମାସଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଯେ କୌଣସି ସମୟରେ ପର୍ଯ୍ୟାପ୍ତ ଉନ୍ନତ ଯାଆଁଳ ମିଳିବାଟା ପୁନଃ ପ୍ରଜନନ ପ୍ରକ୍ରିୟାରେ ସମ୍ଭବ ଓ ସହଜ ହୋଇପାରିଛି ।

ସେ ଯାହାହେଉ ଏହି ନୂଆ ବୈଜ୍ଞାନିକ ଜ୍ଞାନ କୌଶଳକୁ ଭିତ୍ତିକରି ସରକାରୀ ତଥା ବେସରକାରୀ ସ୍ତରରେ ହାଚେରୀ ଓ ଯାଆଁଳ ଉତ୍ପାଦନ ଉଦ୍ୟୋଗମାନ ଗଢ଼ି ଉଠିଲେ ତାହା ଦେଶର ଉତ୍ପାଦନ ଓ ଉପାର୍ଜନ ବଢ଼ାଇବା ସଙ୍ଗେ ସଙ୍ଗେ ବେକାରୀମାନଙ୍କ ଆୟ ନିଯୁକ୍ତିରେ ଯଥେଷ୍ଟ ସହାୟକ ହେବ ।

କେନ୍ଦ୍ରୀୟ ମଧୁର ଜଳଜ ଗବେଷଣା ସଂସ୍ଥାନ,
କୌଶଲ୍ୟାଗଙ୍ଗ ।



ମହାରାଷ୍ଟ୍ରର ଭୂକମ୍ପ ପ୍ରପୀଡ଼ିତ ଲୋକମାନଙ୍କ ପାଇଁ [illegible] ମହାବିଦ୍ୟାଳୟର ଅଧ୍ୟକ୍ଷ ଓ କର୍ମଚାରୀ [illegible] ଏବଂ ଅନନ୍ତ ମୁକୁନ୍ଦ [illegible] ପରିବାର କଲ୍ୟାଣ [illegible] ଯଥାକ୍ରମେ ଏକ ହଜାର ଟଙ୍କା ଓ ୧୦୦୧ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି ।

# ସମ୍ବାଦ ପରିକ୍ରମା

## "ଶହୀଦ ଲକ୍ଷ୍ମଣ ନାୟକଙ୍କ ବିରୋଚିତ କାର୍ଯ୍ୟାବଳୀ ଆଗାମୀ ପୀଢ଼ିର ଯୁବ ସମାଜ ପ୍ରତି ପ୍ରେରଣାର ଉତ୍ସ ହେଉ"

ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଗତ ନଭେମ୍ବର ୨୨ ତାରିଖ ଦିନ ଶହୀଦ ଲକ୍ଷ୍ମଣ ନାୟକଙ୍କର ୧୦୫ ତମ ଜନ୍ମ ବାର୍ଷିକୀ ଉତ୍ସବ ପାଳନ କରାଯାଇଛି । ଏହି ସାନ୍ଧ୍ୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ବି. ସତ୍ୟନାରାୟଣ ରେଡ୍ଡୀ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ସ୍ୱଦେଶ ପ୍ରୀତିର ଏକ ଆଗ୍ନେୟ ଝଲକ ରୂପେ ଅଭିହିତ କରିଥିଲେ । ପ୍ରାକ ସ୍ୱାଧୀନତା କାଳରେ ସେ ଆଦିବାସୀମାନଙ୍କୁ ଯେଉଁଳି ସଙ୍ଗଠିତ କରି ଯେଉଁଳି ରଣ ହୁଙ୍କାର ସ୍ୱର ଉତ୍ତୋଳନ କରିଥିଲେ ତାହା ଇତିହାସରେ ଏକ ବିରଳ ଦୃଷ୍ଟାନ୍ତ ବୋଲି ସେ ମତବ୍ୟକ୍ତ କରିଥିଲେ । ନିଜର ଜୀବନ ପ୍ରତି ଭ୍ରୂକ୍ଷେପ ନକରି ଦେଶ ଦଶର ହିତ ଲାଗି ସେ ଅଦ୍ଭୁତ ଭିତରେ ଫାଶୀ ଖୁଣ୍ଟରେ ଝୁଲି ଦେଶର ଶହୀଦ ହେଲେ । ତାଙ୍କର ସାହସିକତା, ଦୃଢ଼ ମନୋବଳ ଓ ସାଂଗଠନିକ ଦକ୍ଷତା ଆଗାମୀ ପୀଢ଼ିର ଯୁବ ସମାଜ ପ୍ରତି ପ୍ରେରଣାର ଉତ୍ସ ହେଉ ବୋଲି ରାଜ୍ୟପାଳ ମହୋଦୟ ନିଜର ମତ ପ୍ରତିପାଦନ କରିଥିଲେ । ସ୍ୱାଧୀନତା ଇତିହାସରେ ଲକ୍ଷ୍ମଣ ନାୟକ ଯେ ସବୁଦିନ ପାଇଁ ଏକ ଅତୁଳା ସ୍ମୃତି ହୋଇ ରହିବେ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ରାଜ୍ୟପାଳ ପ୍ରସଙ୍ଗକ୍ରମେ କହିଥିଲେ । ସେହି ମହାନ୍ ଅମର ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ରାଜ୍ୟପାଳ କହିଲେ ଯେ ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ୱପ୍ନକୁ ସାକାର କରିବାକୁ ହେଲେ ଆଜିର ଜାତି ନିର୍ମାଣ ପ୍ରକ୍ରିୟାରେ ଯୁବ ସମାଜକୁ ସାମିଲ ହେବାକୁ ପଡ଼ିବ ଓ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ପଡ଼ିବ ତାହେଲେ ଯାଇ ତାଙ୍କ ପ୍ରତି ସମୁଚିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ପାରିବ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଧାନ ସଭାର ଉପ ବାଚସ୍ପତି ଶ୍ରୀ ପ୍ରହ୍ଲାଦ ଦୋରା ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଏକ ଅଗ୍ନିକାରୀ ଯୁଗ ପୁରୁଷ ବୋଲି ବର୍ଣ୍ଣନା କରିଥିଲେ । ଶବରୀ ସଂସ୍କୃତିର ସଭାପତି ତଥା ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ ସଭାରେ ଅଧ୍ୟକ୍ଷତା କରିଥିଲେ ଓ ଅନ୍ୟତମ ସମ୍ମାନିତ ଅତିଥି ତଥା ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ସାଲିଗ୍ରାମ ମାଝୀ ସଭାରେ ଉଦ୍‌ବୋଧନ ଦେଇ ଲକ୍ଷ୍ମଣ ନାୟକଙ୍କୁ ଜଣେ ବିପ୍ଳବୀ ପୁରୁଷ ବୋଲି ବର୍ଣ୍ଣନା କରିଥିଲେ । ଧନ୍ୟବାଦ ଅର୍ପଣ ପରେ ଜାତୀୟ ସଙ୍ଗୀତ ଗାନ କରାଗଲା ଓ ତାପରେ ସଭା ଭଙ୍ଗ ହେଲା ।

## ଭାରତୀୟ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ "ଓଡ଼ିଶା ଦିବସ" ପାଳନ

ସମ୍ପ୍ରତି ଗତ ନଭେମ୍ବର ୨୨ ତାରିଖଦିନ ନୂଆଦିଲ୍ଲୀ ପ୍ରଗତି ମୈଦାନରେ ଅନୁଷ୍ଠିତ ଭାରତୀୟ ଆନ୍ତର୍ଜାତିକ ବାଣିଜ୍ୟ ମେଳାର ଲାଲଚୌକଠାରେ "ଓଡ଼ିଶା ଦିବସ" ସମାରୋହ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି ଉପଲକ୍ଷେ ଏକ ସଂକ୍ଷିପ୍ତ ଭାଷାରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଉଚ୍ଚ କଳା, ସାଂସ୍କୃତିକ ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ । ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ "ଉତ୍କଳ ପ୍ରସଙ୍ଗ" ଏବଂ "ଓଡ଼ିଶା ରିଭ୍ୟୁ"ର ବିଶେଷ ସଂସ୍କରଣ ଉନ୍ମୋଚନ କରିଥିଲେ ।

ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀ ପ୍ରଣବ ପଟ୍ଟନାୟକଙ୍କର ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ, ନୃତ୍ୟଶିଳ୍ପୀ ଶ୍ରୀମତୀ କବିତା ଦ୍ୱିବେଦୀ ଏବଂ ନୂପୁର ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଉକ୍ତ ପ୍ରଦର୍ଶିତ ହୋଇଥିଲା । ଏହି ଉତ୍ସବରେ ସାଂସଦ ଶ୍ରୀ ବ୍ରଜ କିଶୋର ତ୍ରିପାଠୀ, ଶ୍ରୀମତୀ ମୀରା ଦାସ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଅଶୋକ ମିଶ୍ର, ନିର୍ଦ୍ଦେଶକ ଶ୍ରୀ କାଳୀକୁମାର ରଥ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନୂତନ କୋଠ ପ୍ରଦର୍ଶନୀ ମଣ୍ଡପର "କଳିଙ୍ଗ କୁଟୀର" ତଥା ଓଡ଼ିଶା ପ୍ରଦର୍ଶନୀ ମଣ୍ଡପ ପରିଦର୍ଶନ କରିଥିଲେ ।

## ଉତ୍ତମ ନାଗରିକ ଗଠନ ପାଇଁ ପାଠ୍ୟ ପୁସ୍ତକଗୁଡ଼ିକରେ ସ୍ୱାଧୀନତା ସଂଗ୍ରାମୀଙ୍କର ଜୀବନୀ ସ୍ଥାନ ପାଉ

ସମ୍ପ୍ରତି ଗତ ନଭେମ୍ବର ୨୨ ତାରିଖ ଦିନ କୃଷ୍ଣନଗର ଜନତା ହାଇସ୍କୁଲଠାରେ ଶିଶୁ ଦିବସର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବଳି ପାତ୍ର

କହିଲେ ଯେ ଆଜିର ଶିଶୁ ଦେଶର ଭବିଷ୍ୟତ ନାଗରିକ ହୋଇଥିବା ଯୋଗୁଁ ସେମାନଙ୍କୁ ଦେଶପ୍ରେମର ଆଦର୍ଶରେ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ପାଠ୍ୟ ପୁସ୍ତକଗୁଡ଼ିକରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଅନ୍ୟ ଜନ ନାୟକମାନଙ୍କର ଜୀବନୀ ସ୍ଥାନ ପାଇବା ଆବଶ୍ୟକ । ସେ କ୍ଷୋଭ ପ୍ରକାଶ କରି କହିଲେ ଯେ କେବଳ ଶିଶୁ ଦିବସ ପାଳନ ଅବସରରେ ହିଁ ଆମେ ଦେଶର ଶିଶୁମାନଙ୍କ ବିଷୟ ମନେ ପକାଉଛୁ, କିନ୍ତୁ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ବିଷୟରେ ସମାଜରେ ସଚେତନତା ସୃଷ୍ଟି ହୋଇ ପାରୁନି । ଆମ ରାଜ୍ୟରେ ଶିଶୁ ମୃତ୍ୟୁ ହାର ଅଧିକ, ତେଣୁ ଏହା ଦୂରୀକରଣ ପାଇଁ ଜନ ଚେତନା ସୃଷ୍ଟିର ଆବଶ୍ୟକତା ରହିଛି । ଏ ଦିଗରେ ଶିକ୍ଷକମାନେ ଏକ ମୁଖ୍ୟ ଭୂମିକା ଗ୍ରହଣ କରି ପାରିବେ ବୋଲି ସେ ମତ ଦେଇଥିଲେ । ସେ କହିଲେ ଯେ ସମସ୍ତ ସମ୍ପତ୍ତି ମାତ୍ର ୧୧ ପ୍ରତିଶତ ଲୋକଙ୍କ ନିକଟରେ ଠୁଳ ହୋଇ ରହିବା ଫଳରେ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ । ଏହି ସମସ୍ୟାର ସମାଧାନ ପାଇଁ ସକ୍ରିୟ ଉଦ୍ୟମ ହେବା ଆବଶ୍ୟକ ।

ଏହି ଉତ୍ସବରେ ପୂର୍ବତନ ବିଧାୟକ ଶ୍ରୀ କସ୍ତୁରୀ ଚରଣ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଶ୍ରୀ ରବୀନ୍ଦ୍ରନାଥ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଆଡ୍‌ଭୋକେଟ୍ ଶ୍ରୀ ସୁବ୍ରତ କୁମାର ନନ୍ଦ ଓ ସ୍କୁଲର ପ୍ରଧାନ ଶିକ୍ଷକ ଉଦ୍‌ବୋଧନ ଦେଇଥିଲେ ।

ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଶ୍ରୀ ବର୍ଦ୍ଧିପାଣି ପୁରସ୍କାର ପ୍ରଦାନ କରିଥିଲେ ।

## ଶାରୀରିକ ଅକ୍ଷମ ପିଲାଙ୍କ ପାଇଁ ପ୍ରତିଷ୍ଠିତ ବିଦ୍ୟାଳୟରେ ଶିକ୍ଷାଦାନ ପଦ୍ଧତି ଉନ୍ନତି ପାଇଁ କମିଟି ଗଠନ

ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କର କଲ୍ୟାଣ ପାଇଁ ଥିବା ରାଜ୍ୟ କାଉନ୍‌ସିଲ୍‌ର ସୁପାରିଶ ଅନୁଯାୟୀ ଶାରୀରିକ ଅକ୍ଷମ ପିଲାମାନଙ୍କ ପାଇଁ ପ୍ରତିଷ୍ଠିତ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପଦ୍ଧତିର ଉନ୍ନତି ସମ୍ପର୍କରେ ପରାମର୍ଶ ଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଡଃ : ନେ: ବି: ଦାସଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର ଏକ କମିଟି ଗଠନ କରିଛନ୍ତି । ଏହି କମିଟିରେ ପଞ୍ଚାୟତିରାଜ ବିଭାଗର ଉପ ଶାସନ ସଚିବ ଶ୍ରୀ ଜଗନ୍ନାଥ ପଣ୍ଡା ଓ ଭୁବନେଶ୍ୱର ଟି: ସି: ବି: ଡ଼ି:ର ସହକାରୀ ନିର୍ଦ୍ଦେଶିକା ଶ୍ରୀମତୀ ପ୍ରତିଭା ମିଶ୍ର ସଭ୍ୟ ରୂପେ ନିଯୁକ୍ତି ପାଇଛନ୍ତି ।

ଏହି କମିଟି ରାଜ୍ୟର ବିଭିନ୍ନ ଶାରୀରିକ ଅକ୍ଷମ ପିଲାମାନଙ୍କ ପାଇଁ ଥିବା ବିଦ୍ୟାଳୟର ବର୍ତ୍ତମାନ ଶିକ୍ଷାଦାନ ପଦ୍ଧତି ଓ ଏଥିରେ କିପରି ଉନ୍ନତି କରାଯାଇ ପାରିବ ସେ ସମ୍ପର୍କରେ ଅନୁଧ୍ୟାନ କରି ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିବେ ।

## ରାଜ୍ୟର କୃଷୀମାନଙ୍କୁ ସାର ଯୋଗାଣ ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକ

ସମ୍ପ୍ରତି ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଅଧ୍ୟକ୍ଷତା କରି କୃଷୀମାନଙ୍କୁ ଉଚିତ ମୂଲ୍ୟରେ ଓ ଠିକ୍ ସମୟରେ ସାର ଯୋଗାଇ ଦେବା ପାଇଁ ବିଭାଗୀୟ ଅଫିସରମାନେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି କହିଛନ୍ତି । ଠିକ୍ ଭାବେ ମୃତ୍ତିକା ପରୀକ୍ଷା କରାଯାଇ କେଉଁ ମୃତ୍ତିକା ପାଇଁ କେଉଁ ସାର ପ୍ରୟୋଗ କରାଯିବ, ସେ ବିଷୟରେ କୃଷୀମାନଙ୍କୁ ସଚେତନ କରାଇବା ସଙ୍ଗେ ସଙ୍ଗେ ସ୍କୁଲ ଶିକ୍ଷା ପାଠ୍ୟକ୍ରମରେ ମୃତ୍ତିକା ପରୀକ୍ଷା ଓ ସାର ପ୍ରୟୋଗ ବିଷୟରେ ଶିକ୍ଷାଦାନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ସାତଦିନ ମଧ୍ୟରେ ଏହାର ଏକ ପନ୍ଥା ନିର୍ଦ୍ଧାରଣ କରିବା ପାଇଁ ସେ ବିଭାଗୀୟ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟନ୍ତ୍ରିତ ଓ ଅନିୟନ୍ତ୍ରିତ ସାର ଦର ସରକାର ଧାର୍ଯ୍ୟ କରିଥିବା ମୂଲ୍ୟଠାରୁ ଅଧିକା ଦରରେ ବିକ୍ରି ହେଉଥିବାର ଖବର ଗତ ବିଧାନ ସଭା ବୈଠକରେ ଓ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇଥିବା ହେତୁ ଏହି ସମସ୍ୟାର ଦୂରୀକରଣ ପାଇଁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନୋକ୍ତ ବିଷୟମାନ ବିଚାର କରିବା ପାଇଁ ନିଷ୍ପତ୍ତି ହୋଇଛି :

ରାଜ୍ୟରେ ସାରର ସୁଷମ ବଣ୍ଟନ ଓ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି ନିମନ୍ତେ ଏବଂ ଏହାର ସୁପରିଚାଳନା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଟାସ୍କଫୋର୍ସ ଗଠନ କରାଯିବ । ଏହି ଟାସ୍କଫୋର୍ସ ପ୍ରତ୍ୟେକ ମାସରେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି କୃଷୀମାନଙ୍କ ସହିତ ଆଲୋଚନା କରିବେ ଏବଂ କୃଷୀମାନେ ନିର୍ଦ୍ଧାରିତ ଦରରେ ସେମାନଙ୍କର ଆବଶ୍ୟକତା ମୁତାବକ ସାର ପାଉଛନ୍ତି କି ନାହିଁ, ସେ ବିଷୟରେ ରାଜ୍ୟ କୃଷି ଉତ୍ପାଦନ କମିଶନରଙ୍କ ନିକଟକୁ ଏକ ଗୋପନୀୟ ରିପୋର୍ଟ ପ୍ରଦାନ କରିବେ । ଏହି ଟାସ୍କ ଫୋର୍ସରେ ଜିଲ୍ଲାପାଳ କିମ୍ବା ତାଙ୍କ ପ୍ରତିନିଧି, ଉପ ନିର୍ଦ୍ଦେଶକ, କୃଷି ଅଧିକାରୀ ଓ ସାର ଉତ୍ପାଦନକାରୀଙ୍କ ପ୍ରତିନିଧିମାନଙ୍କୁ ନେଇ ଗଠନ କରାଯିବ ।

ସାର ଉତ୍ପାଦନକାରୀମାନେ ସାରର ଉଚିତ ଦର ଓଡ଼ିଆ ଭାଷାରେ ସାର ବିକ୍ରି କେନ୍ଦ୍ରରେ ଟଙ୍ଗାଇବେ ଓ ଧାର୍ଯ୍ୟ ଦରଠାରୁ ଅଧିକ ମୂଲ୍ୟରେ ସାର କ୍ରୟ ନକରିବା ପାଇଁ କୃଷୀମାନଙ୍କୁ ସତର୍କ କରାଇବେ ଏବଂ ବିଭିନ୍ନ ପତ୍ର ପତ୍ରିକା ଜରିଆରେ କୃଷୀମାନଙ୍କୁ ସାରର ଧାର୍ଯ୍ୟ ମୂଲ୍ୟ ଦେଇ ଏଜେଣ୍ଟମାନଙ୍କଠାରୁ କିଣିବା ପାଇଁ ପରାମର୍ଶ ଦେବେ ।

କମ୍ପାନୀ ଡିଲରମାନେ ରାଜ୍ୟ ସରକାର ତଥା ଆଗ୍ରୋ–ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍, ଓଡ଼ିଶା ମାର୍କେଟିଂ ଫେଡ଼େରେସନ୍‌ମାନଙ୍କର ଏଜେଣ୍ଟ ଭାବେ ନିଯୁକ୍ତି ହୋଇପାରିବେ ନାହିଁ ।

ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ମୃତ୍ତିକା ପରୀକ୍ଷା ଓ ସାର ପ୍ରୟୋଗ ସମ୍ପର୍କରେ ଏକ ସିଲାବସ୍ କରାଯାଇ ଶିକ୍ଷା ଦିଆଯିବ ଏବଂ ଶିକ୍ଷା ବିଭାଗ ସହିତ ଆଲୋଚନା କରାଯାଇ ଏହା କିପରି ପାଠ୍ୟକ୍ରମରେ ସ୍ଥାନ ପାଇବ, ସେ ବିଷୟରେ ନିଷ୍ପତ୍ତି ନିଆଯିବ ।

ଏହି ବୈଠକରେ କୃଷି ଉତ୍ପାଦନ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଚନ୍ଦ୍ରମଣି ନାରାୟଣ ସ୍ୱାମୀ, କୃଷି ବିଭାଗ ନିର୍ଦ୍ଦେଶକ ତଥା ବିଭାଗର ସମ୍ପୃକ୍ତ ଅଧିକାରୀ ବୃନ୍ଦ ଏବଂ ସାର ଉତ୍ପାଦନକାରୀଙ୍କ ପ୍ରତିନିଧିମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବଇଣ୍ଡାରୁ ଗ୍ରୀଡ୍ ସବ୍-ଷ୍ଟେସନ ସ୍ଥାନାନ୍ତର ପ୍ରଶ୍ନର ଅଭିସନ୍ଧି ମୂଳକ

ଚଳିତ ମାସ ୨୫ ତାରିଖ 'ସମ୍ବାଦ'ରେ "ଆଠମଲ୍ଲିକର ଲୋକେ ଆନ୍ଦୋଳନ ପାଇଁ ସାଗ ଭିଡ଼ିଲେଣି ଏବଂ ବଇଣ୍ଡାରେ ଗ୍ରୀଡ୍ ସବ୍-ଷ୍ଟେସନ ହେବାର ସମ୍ଭାବନା ନାହିଁ" ଶୀର୍ଷକ ସମ୍ବାଦରେ ପ୍ରକାଶିତ ସମ୍ବାଦ ଉପରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ଶକ୍ତି ମନ୍ତ୍ରୀ ଅଧ୍ୟାପକ କାଳନ୍ଦୀ ଚରଣ ବେହେରା ଏକ ବିବୃତିରେ କହିଛନ୍ତି :

ବଇଣ୍ଡାରୁ ରେଢ଼ାଖୋଲକୁ ୧୩୨/୩୩ କେ: ଭି: ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାନାନ୍ତରିତ ହେଉଛି ସମ୍ବାଦ ଯେଉଁଳି ଅଭିସନ୍ଧିମୂଳକ ବଇଣ୍ଡାରେ ଭବିଷ୍ୟତରେ ମଧ୍ୟ ଗ୍ରୀଡ୍ ସବ୍‌ଷ୍ଟେସନ୍ ହେବାର ସମ୍ଭାବନା ନାହିଁ ବୋଲି ସମ୍ବାଦର ସାମ୍ବାଦିକଙ୍କୁ ମୁଁ କହିଥିବା ମଧ୍ୟ ସମ୍ପୂର୍ଣ୍ଣ ଅମୂଳକ ଓ ଉଦ୍ଦେଶ୍ୟ ପ୍ରଣୋଦିତ ।

ଗତ ୧୫-୧୧-୧୯୯୩ ତାରିଖ ଦିନ ଅନୁଗୁଳ ସର୍କିଟ୍ ହାଉସ୍‌ଠାରେ ସମ୍ବାଦର ସାମ୍ବାଦିକଙ୍କୁ ମୋତେ ଭେଟି ବଇଣ୍ଡାରେ ହେବାକୁ ସ୍ଥିର ହୋଇଥିବା ଗ୍ରୀଡ୍ ସବ୍‌ଷ୍ଟେସନ ରେଢ଼ାଖୋଲକୁ ସ୍ଥାନାନ୍ତରିତ ହେଉଥିବା କଥା ସତ୍ୟ କି ବୋଲି ପଚାରିବାରେ ମୁଁ ସ୍ପଷ୍ଟ ଭାବରେ କହିଥିଲି, ଏଭଳି କଥା ଆଦୌ ସତ୍ୟ ନୁହେଁ । ମୋର ଯେତିକି ମନେ ଅଛି ଏବଂ ମୁଁ ବିଧାନ ସଭାରେ ନିର୍ମାଣ ହେବାକୁ ଥିବା ସବ୍‌ଷ୍ଟେସନଗୁଡ଼ିକର ଯେଉଁ ତାଲିକା ପ୍ରଦାନ କରିଛି, ସେଥିରେ ବଇଣ୍ଡାର ନାମ ନାହିଁ । ସେ, ଶକ୍ତି ବିଭାଗ ଶାସନ ସଚିବ, କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓଙ୍କୁ ପତ୍ର ଲେଖି ବଇଣ୍ଡାରୁ ରେଢ଼ାଖୋଲକୁ ସବ୍‌ଷ୍ଟେସନ ସ୍ଥାନାନ୍ତରିତ ହେବା କଥା ପ୍ରକାଶ କରିଥିବା କଥା ବାରମ୍ବାର କହିବାରୁ ମୁଁ କହିଥିଲି ଆମ ସେକ୍ରେଟେରୀ ଏଭଳି ଚିଠି ଲେଖି ନଥିବେ । ତେବେ ସେ କ'ଣ ଚିଠି ଲେଖିଛନ୍ତି ମୁଁ ଜାଣେ ନା । କିନ୍ତୁ ମୋ ଧାରଣାରେ ବଇଣ୍ଡାରେ ପୂର୍ବରୁ ଗ୍ରୀଡ୍ ସବ୍‌ଷ୍ଟେସନର କୌଣସି ପ୍ରସ୍ତାବ ନ ଥିଲା । ବରଂ ବାରକୋଟରେ ହେବାର କଥା ଥିଲା । ହୁଏତ ଏଭଳି କିଛି ଭୁଲ ଥାଇପାରେ । ପରବର୍ତ୍ତୀ ଅବସ୍ଥାରେ ୧୯୯୩ ମସିହାରେ ଜିଲ୍ଲା ସମନ୍ୱିତ ଯୋଜନା (District Integrated Scheme) ଭିତରେ ବଇଣ୍ଡାଠାରେ ଗ୍ରୀଡ୍ ସବ୍‌ଷ୍ଟେସନ କରିବାର ପ୍ରସ୍ତାବ ଆଠମଲ୍ଲିକ ଓ ବୀରମହାରାଜପୁର ବିଧାୟକଙ୍କ ଦାବୀ ଫଳରେ ରଖାଯାଇଛି ଓ ତାହା ଏବେ ସୁଦ୍ଧା ସି: ଇ: ଏ: ଙ୍କ ନିକଟରେ ପଡ଼ି ରହିଛି । ସାମ୍ବାଦିକ ମହାଶୟ ପରେ ଯାଇ ଶକ୍ତି ବିଭାଗ ସଚିବ ଓ କେ: ପି: ସିଂହଦେଓଙ୍କର ଚିଠିର ଜେରକ୍ସ କପି ଆଣି ଦେଇଥିଲେ ଏବଂ ସେକ୍ରେଟେରୀଙ୍କ ଚିଠିରେ ଗ୍ରୀଡ୍ ସବ୍‌ଷ୍ଟେସନ ସ୍ଥାନାନ୍ତରିତ ହେବାର କୌଣସି ଉଲ୍ଲେଖ ନାହିଁ ବୋଲି ମୁଁ ତାଙ୍କୁ ଚିଠି ପଢ଼ାଇ କହିଥିଲି । କିନ୍ତୁ ସମ୍ବାଦର ସାମ୍ବାଦିକ କିଭଳି ଭାବେ ତାହା ମିଛ ଲେଖି ପାରିଲେ ଯେ ଭବିଷ୍ୟତରେ ମଧ୍ୟ ବଇଣ୍ଡାରେ ଗ୍ରୀଡ୍ ସବ୍‌ଷ୍ଟେସନ ହେବ ନାହିଁ ବୋଲି ମୁଁ କହିଛି ? ଏ କେବଳ ଲୋକମତକୁ ବିଭ୍ରାନ୍ତ କରିବାର ପ୍ରୟାସ ମାତ୍ର ।

ପ୍ରକୃତ ପକ୍ଷେ, ୧୯୯୩ ମସିହା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦର ଦିଲ୍ଲୀ ସ୍ଥିତ ଲିଆସନ୍ ଅଫିସ୍ ଚିଠି ନମ୍ବର ୧୨୯, ତା ୧୨-୪-୧୯୯୩ରେ ଓ୍ୱାପକ୍ସ ପ୍ରସ୍ତୁତ କରିଥିବା ଅବିଭକ୍ତ ଢେଙ୍କାନାଳ ଜିଲ୍ଲା (District Integrated Scheme)ରେ ବଇଣ୍ଡାରେ ଗ୍ରୀଡ୍ ସବ୍‌ଷ୍ଟେସନ ନିମନ୍ତେ ପ୍ରସ୍ତାବ ଯାଇଛି ଏବଂ ସି: ଇ: ଏ:, ଏ ସ୍କିମ୍‌ରେ ଥିବା କେତେକ ଦୋଷ ତ୍ରୁଟିକୁ ସଂଶୋଧନ ଓ ଅଧିକା ତଥ୍ୟ ନିମନ୍ତେ ଓଡ଼ିଶା ବିଦ୍ୟୁତ୍ ବୋର୍ଡ଼କୁ ଚିଠି ନଂ: ୧୬୯୯, ତା ୨୩-୯-୧୯୯୩ରେ ଲେଖିଥିଲେ ଓ ବୋର୍ଡ଼ ଚିଠି ନଂ: ୮୬୮୬, ତା ୧୨-୧୧-୧୯୯୩ରେ ତାହାର ସମସ୍ତ ବିବରଣୀ ଯୋଗାଇ ଦେଇ ସାରିଛନ୍ତି । ମୋଟ ଉପରେ, ରାଜ୍ୟ ସରକାର ବଇଣ୍ଡାଠାରେ ଗ୍ରୀଡ୍ ସବ୍‌ଷ୍ଟେସନ୍ ପ୍ରତିଷ୍ଠା ପାଇଁ ଆଗ୍ରହୀ ଏବଂ ସେଥି ନିମନ୍ତେ ରାଜ୍ୟ ସରକାରଙ୍କର ସମସ୍ତ କାର୍ଯ୍ୟକ୍ରମ ସରିଛି । ଯାହା ବାକି ପଡ଼ିଛି ତାହା କେନ୍ଦ୍ର ନିୟନ୍ତ୍ରଣାଧୀନ ସି: ଇ: ଏ: ପାଖରେ ପଡ଼ିରହିଛି । ସି: ଇ: ଏ: କ୍ଲିୟରାନ୍ସ ଦେବ ଏବଂ ତା'ପରେ ଋଣ ଯୋଗାଣକାରୀ ସଂସ୍ଥା (କେନ୍ଦ୍ର ନିୟନ୍ତ୍ରଣାଧୀନ)ରୁ ଅର୍ଥ ମଞ୍ଜୁରୀ ହେବ ସେତେବେଳେ ବଇଣ୍ଡାଠାରେ ଗ୍ରୀଡ୍ ସବ୍‌ଷ୍ଟେସନ ହେବ । ଆଜି ଅର୍ଥ ମଞ୍ଜୁରୀ ହେଲେ ମୁଁ ମାସକ ମଧ୍ୟରେ କାର୍ଯ୍ୟ ଆରମ୍ଭର ପ୍ରତିଶ୍ରୁତି ଦେଉଛି ।

"ସି: ଇ: ଏ: ଅନୁମତି ଓ ଋଣ ମଞ୍ଜୁରୀ କେନ୍ଦ୍ର ସରକାରଙ୍କ କାର୍ଯ୍ୟ ହୋଇଥିବାରୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂହଦେଓ ନିଜ ମୁଣ୍ଡରୁ ଦୋଷ ହୁଗାଳୀ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ସରଳ ଆଠମଲ୍ଲିକ ଓ ବଇଣ୍ଡା ଅଧିବାସୀଙ୍କୁ ବିଭ୍ରାନ୍ତ କରିବାର ଅପଚେଷ୍ଟାରୁ ବିରତ ରହି ପ୍ରକୃତ ସତ୍ୟ ପ୍ରକାଶ କରିବା ଉଚିତ୍ ଏବଂ କାର୍ଯ୍ୟ ସମ୍ପାଦନା ପାଇଁ ଆନ୍ତରିକତାର ସହିତ କେନ୍ଦ୍ର ସରକାରଙ୍କ ପାଖରେ ପଡ଼ିଥିବା ଏହି ସ୍କିମ୍ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କରିବା ନିମନ୍ତେ ମୁଁ ଆଶା କରେ ।"

## ମାନବ ସେବା ହିଁ ମାଧବ ସେବା

କଟକ ସ୍ଥିତ ଚଣ୍ଡୀ ମନ୍ଦିରଠାରେ ଗତ ୨୫-୧୧-୧୯୯୩ ତାରିଖ ଦିନ ଏକ ଭଜନ ସମାରୋହର ଆୟୋଜନ କରାଯାଇଥିଲା । ଏହି ଭକ୍ତିପୂତ ସମାବେଶରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ବି ସତ୍ୟନାରାୟଣ ରେଡ୍ଡୀ ମାନବ ସେବାକୁ ମାଧବ

ସେବା ରୂପେ ବର୍ଣ୍ଣନା କରିଥିଲେ । ଭଗବଦ୍ ଚିନ୍ତନ ଓ ମନନ ଦ୍ୱାରା ଆତ୍ମଶୁଦ୍ଧି ଓ ସୁବିବେଚନାର ପରିପ୍ରକାଶ ଘଟିଥାଏ ସେ ନିଜର ମତ ପ୍ରଦାନ କରିଥିଲେ । ଆମ ଦେଶର ସଭ୍ୟତା ଓ ସଂସ୍କୃତି ମହାନ୍ ଓ ଏହି ଦେଶ ବିଶ୍ୱ ଶାନ୍ତି ଓ ବିଶ୍ୱ କଲ୍ୟାଣ ପାଇଁ ଯେଉଁ ସନ୍ଦେଶ ଦେଇଆସିଛି, ତାହା ଯୁଗେ ଯୁଗେ ମାନବ ସମାଜକୁ ଉଦ୍‌ବୁଦ୍ଧ କରୁଥିବ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ସେ କହିଥିଲେ । ଆମ ଆଗରେ ଯେଉଁ ବ୍ୟାପକ ସମସ୍ୟାମାନ ଦେଖାଦେଇଛି ସେସବୁର ସମାଧାନ କରାଯାଇ ପାରିଲେ ମାନବ ସେବାର ଗୁଣାତ୍ମକ ଚିନ୍ତାଧାରାକୁ ସମ୍ମାନ ଦିଆଯାଇ ପାରିବ ବୋଲି ସେ କହିଥିଲେ । ଈଶ୍ୱର ଆରାଧନା, ଜପ ଓ ତପ କରିଥାରେ ମନରେ ପବିତ୍ର ଭାବନାର ଜାଗରୁକ ହୋଇଥାଏ ଓ ଆତ୍ମଶୁଦ୍ଧି ପାଇଁ ଭଗବଦ୍ ଚିନ୍ତନର ବେଶ୍ ଆବଶ୍ୟକତା ରହିଛି । ଏହି ଭଜନ ସମାରୋହରେ ପଣ୍ଡିତ ପ୍ରବୋଧ ମିଶ୍ର ବେଦ ପାଠ କରିଥିଲେ ଓ ଅକ୍ଷୟ ମହାନ୍ତି, ଭିକାରି ବଳ ଓ ନରୋତ୍ତମ ସାହୁ ପ୍ରଭୃତି ପ୍ରତିଷ୍ଠିତ କଳାକାରମାନେ ମନଛୁଆଁ ଭକ୍ତି ସଙ୍ଗୀତ ମାନ ଗାନ କରିଥିଲେ ଓ ଏହାପରେ ସଭା ଭଙ୍ଗ ହୋଇଥିଲା ।

## ଯୋଗାଣ ବିଭାଗ ଦ୍ୱାରା ଆଳୁ ଓ ପିଆଜ ବିକ୍ରୟ ବ୍ୟବସ୍ଥା

ସମ୍ପ୍ରତି ଆଳୁ, ପିଆଜ ସରକାରୀ ସ୍ତରରେ ବଜାର ଦର ଅପେକ୍ଷା କମ୍ ମୂଲ୍ୟରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରାଙ୍କର ଉପସ୍ଥିତିରେ ବିକ୍ରୟ ଆରମ୍ଭ କରାଯାଇଛି । ଭୁବନେଶ୍ୱରର ଏକ ନମ୍ବର ୟୁନିଟ୍‌ସ୍ଥ ପ୍ରଧାନ ବଜାରଠାରେ ଭ୍ରାମ୍ୟମାଣ ଗାଡ଼ି ଜରିଆରେ ଆଳୁ, ପିଆଜ ନେଇ ଯୋଗାଣ ନିଗମ କର୍ମଚାରୀମାନେ ଯଥାକ୍ରମେ କିଲୋଗ୍ରାମ୍ ପ୍ରତି ଟ ୩.୮୦ ପଇସା ଓ ଟ ୯.୦୦ରୁ ଟ ୧୦.୦୦ ଦରରେ ବିକ୍ରି କରିଥିଲେ । ବିଭାଗୀୟ ମନ୍ତ୍ରୀଙ୍କ ସହିତ ବିଭାଗୀୟ ଉଚ୍ଚ ପଦସ୍ଥ କର୍ମକର୍ତ୍ତାମାନେ ବଜାର ବୁଲି ଦେଖିଥିଲେ । ସରକାରୀ ଆଳୁ, ପିଆଜ କିଣିବା ପାଇଁ ଖାଉଟିମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଏହି ବ୍ୟବସ୍ଥା ଫଳରେ ବ୍ୟବସାୟୀମାନଙ୍କ ମଧ୍ୟରେ ଚହଳ ଖେଳି ଯାଇଥିବାର ଲକ୍ଷ୍ୟ କରାଯାଇଥିଲା । କେହି କେହି ଅସାଧୁ ବ୍ୟବସାୟୀ ଦୋକାନ ବନ୍ଦ କରି ପଳାଇ ଯାଇଥିବା ବେଳେ ଅନ୍ୟ କେତେକ ଦର ତାଲିକା ଲୁଚାଇ ଦେଇଥିବାର ଲକ୍ଷ୍ୟ କରାଯାଇଥିଲା । ଅପର ପକ୍ଷରେ ଅନ୍ୟାନ୍ୟ କେତେକ ଦୋକାନୀ ସରକାରୀ ଦରରେ ଆଳୁ–ପିଆଜ ବିକିବେ ବୋଲି ମନ୍ତ୍ରୀଙ୍କୁ ଭେଟି ଜଣାଇଥିଲେ ।

ଭୁବନେଶ୍ୱର ପୌର ପରିଷଦର ବଡ଼ ବଡ଼ ହାଟମାନଙ୍କରେ ଏବଂ ସୁଲଭ ମୂଲ୍ୟ ଦୋକାନ ଜରିଆରେ ଆଳୁ, ପିଆଜ ବିକ୍ରି କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ମନ୍ତ୍ରୀ ଶ୍ରୀ ବେହେରା ସମସ୍ତ ବ୍ୟବସ୍ଥା ନିଜେ ବୁଲି ତଦାରଖ କରିଥିଲେ । ମନ୍ତ୍ରୀଙ୍କ ସହିତ ପଞ୍ଚ ପରିବାର ସାମ୍ବାଦିକ ବୃନ୍ଦ କେତେକ ବିକ୍ରୟ କେନ୍ଦ୍ର ବୁଲି ଦେଖିଥିଲେ ।

ଆଳୁ, ପିଆଜ ଦର ବୃଦ୍ଧି ଏବଂ ତଜ୍ଜନିତ ପରିସ୍ଥିତିର ମୁକାବିଲା କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଯୋଗାଣ ମନ୍ତ୍ରୀ ଶ୍ରୀ ବେହେରା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସବିଶେଷ ଅବଗତ କରାଇଥିଲେ । ରାଜ୍ୟ ମଧ୍ୟରେ ଆଳୁ, ପିଆଜର ଦର ବୃଦ୍ଧି ରୋକିବା ପାଇଁ କଠୋର ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ଯୋଗାଣ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ପ୍ରାତଃ ସ୍ମରଣୀୟ ହୋଇ ରହିବେ

ରାଜନୈତିକ ମୂଲ୍ୟବୋଧ ଓ ସମାଜର ବିକାଶ ପାଇଁ ଆନ୍ତରିକ ଉଦ୍ୟମ ନିମନ୍ତେ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ଉତ୍ତର ଦାୟାଦମାନଙ୍କ ନିକଟରେ ପ୍ରାତଃ ସ୍ମରଣୀୟ ହୋଇ ରହିବେ ବୋଲି ବିଧାନସଭାର ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ମତ ପ୍ରକାଶ କରିଛନ୍ତି ।

ପ୍ରାଣନାଥ ପଟ୍ଟନାୟକଙ୍କ ୮୯ ତମ ଜୟନ୍ତୀ ଉପଲକ୍ଷେ ପ୍ରାଣନାଥ ସ୍ମୃତି ସଂସଦ ପକ୍ଷରୁ ଗତ ନଭେମ୍ବର ୧୬ ତାରିଖରେ ଜଟଣୀ ହାଇସ୍କୁଲ୍ ପରିସର ମଧ୍ୟରେ ଆୟୋଜିତ ସ୍ମୃତି ସଭାରେ ବାଚସ୍ପତି ଶ୍ରୀ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରାଣନାଥ ପଟ୍ଟନାୟକଙ୍କ ସରଳ ନିରାଡ଼ମ୍ବର ନୀତିନିଷ୍ଠ ମୂଲ୍ୟବୋଧ ଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକର ମୂଲ୍ୟାୟନ କରିଥିଲେ ଓ ତାଙ୍କୁ ଜଣେ ବିରଳ ବ୍ୟକ୍ତିତ୍ୱ ଭାବରେ ଅଭିହିତ କରିଥିଲେ ।

ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଏହି ସଭାରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କହିଲେ ଯେ, ଶିକ୍ଷା ଓ ମାନବିକତାର ଗୁଣାତ୍ମକ ଅଭ୍ୟୁତ୍ଥାନ ପାଇଁ ପ୍ରାଣନାଥଙ୍କ ଉଦ୍ୟମ ଅବିସ୍ମରଣୀୟ ମୁକ୍ତି ସଂଗ୍ରାମ ବେଳର ଅନନ୍ୟ ଆଦର୍ଶ ଆଜି ପରିବର୍ତ୍ତିତ ସମାଜ ବ୍ୟବସ୍ଥାର ଅବକ୍ଷୟ ମଧ୍ୟରେ ଲୁପ୍ତ ହେଉଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ ।

ପୂର୍ବତନ ଲୋକସଭା ସଦସ୍ୟ ଶ୍ରୀ ଭବାନୀ ଶଙ୍କର ହୋତା କହିଲେ ଯେ, ରାଜନୈତିକ ଆଦର୍ଶର ସଫଳ ପ୍ରୟୋଗ ନହେଲେ ବର୍ତ୍ତମାନର ଅବସ୍ଥା, ଦ୍ରୁତଭାବରେ ଅବନତି ଆଣିଦେବ । ସେଥିପାଇଁ ଭବିଷ୍ୟତ ସମାଜ ଗଠନ ନିମନ୍ତେ ପ୍ରାଣନାଥ ପଟ୍ଟନାୟକଙ୍କ ଆଦର୍ଶ ଅତ୍ୟନ୍ତ ଉପାଦେୟତାର ସହିତ ସହଯୋଗ କରାଯିବା ଉଚିତ ।

ଶିକ୍ଷାବିତ୍ ଡଃ ଅମୂଲ୍ୟକୃଷ୍ଣ ମିଶ୍ର ପ୍ରାଣନାଥ ପଟ୍ଟନାୟକଙ୍କ ଜୀବନୀ ଓ ବ୍ୟକ୍ତିତ୍ୱ ଆଲୋଚନା କରି ଜଟଣୀ ସହିତ ତାଙ୍କର ଅବିଚ୍ଛିନ୍ନ ସମ୍ପର୍କ ଉପରେ ବର୍ଣ୍ଣନା କରିଥିଲେ ଓ ତାଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ।

ବିଧାୟକ ଶ୍ରୀ ଶରତ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ମୃତି କମିଟିର ଆବାହକ ଆଡ଼ଭୋକେଟ୍ ଅବନୀ ରାଉତରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ । ନବଗଠିତ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେସନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିଥିବା ବ୍ୟକ୍ତିତ୍ୱ ଭାବରେ ଡଃ ନାରାୟଣ ଶତପଥୀ ଶ୍ରୀମତୀ ଇନ୍ଦିରା

ଦାଶ, ଡଃ ଫକିର ଚରଣ ମାହାନ୍ତି, ବାଞ୍ଛାନିଧି ପଟ୍ଟଆରୀ ଓ ଗଣପତି ଜଗଦେବଙ୍କୁ ଏହି ଉତ୍ସବରେ ସମ୍ମାନିତ କରାଯାଇଥିଲା । ପ୍ରଥମେ ଅତିଥିମାନେ ପ୍ରାଣନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶେଷରେ ଜଟଣୀ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ କୃଷ୍ଣ ଚନ୍ଦ୍ର ସେଠୀ ବିବରଣୀ ପାଠ କରିଥିଲେ ।

## ବିଶୁ ମହାରଣା ସମ୍ମାନ ୧୯୯୩

ଗତ ନଭେମ୍ବର ୧୪ ତାରିଖ, ରବିବାର ସନ୍ଧ୍ୟାରେ ଶ୍ରୀ ଗୁରୁଶିଳା ଶିଳ୍ପ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଏକ ଉତ୍ସବରେ ୬ ଜଣ କୃତୀ ବର୍ଷିୟାନ୍ ସ୍ଥପତି ଓ ଶିଳ୍ପୀଙ୍କୁ ତାମ୍ର ଫଳକ, ଉପାୟନ ଓ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା ।

ଏହି ଉତ୍ସବ ଉଦ୍‌ଘାଟନ କରି ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ ଡଃ ପ୍ରସନ୍ନ କୁମାର ପାଟଶାଣୀ ଓଡ଼ିଶା ଶିଳ୍ପ, କଳା ଓ ସ୍ଥପତିର ସ୍ୱାତନ୍ତ୍ର୍ୟ ବିଷୟରେ ସୂଚନା ଦେଇ କହିଲେ ଯେ କଳାର ଉତ୍କର୍ଷତା ଯୋଗୁଁ ଏହି ରାଜ୍ୟ ଉତ୍କଳ ନାମରେ ନାମିତ । ଏଠାର ଶିଳ୍ପୀ ବିଭିନ୍ନ ମନ୍ଦିର ଗାତ୍ରରେ ନିହାଣ ମୁନରେ ଯେଉଁ କବିତା ସୃଷ୍ଟି କରି ଯାଇଛନ୍ତି, ତାହା ସମଗ୍ର ବିଶ୍ୱରେ ଅନନ୍ୟ । ସେହି ହୃତ ଗୌରବର ପୁନରୁଦ୍ଧାର ପାଇଁ ଆଜିର ଶିଳ୍ପୀମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ ଶିଳ୍ପୀମାନଙ୍କର ସାମୁହିକ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ।

ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାଢ଼ି ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ।

ଶିଳ୍ପୀ ସର୍ବଶ୍ରୀ ଦୀନବନ୍ଧୁ ମହାରଣା, କୃଷ୍ଣ ଚନ୍ଦ୍ର ମହାରଣା, ଲିଙ୍ଗରାଜ ମହାରଣା, ଭରତ ମହାରଣା, ଭୋଳି ମହାରଣା ଓ ନାରାୟଣ ସାମଲଙ୍କୁ ମନ୍ତ୍ରୀ ଡଃ ପାଟଶାଣୀ ଏହି ସମ୍ମାନ ପ୍ରଦର୍ଶନ କରିଥିଲେ ।


ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଭିଜ୍ୟୁର ସମ୍ପାଦକ ଶ୍ରୀ ରାଜ କିଶୋର ମିଶ୍ର ଓ ଶ୍ରୀ ଗୁରୁଶିଳା ଶିଳ୍ପ ଅନୁଷ୍ଠାନର ଅଧ୍ୟକ୍ଷ ପଦ୍ମଶ୍ରୀ ରଘୁନାଥ ମହାପାତ୍ର ଏହି ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ ।



ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ଉତ୍ସବ ସମାରୋହରେ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମଙ୍ଗଳା କିସାନ୍ ଉଦ୍‌ବୋଧନ ଦେଉଛନ୍ତି ।

OGP-MP-PTS (I&PR) 45-10,000-22-12-1993








ନନ୍ଦନ କାନନଠାରେ ଶିଶୁ ଦିବସ ଅବସରରେ ଶିଶୁମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ଏକ ରେଳଗାଡ଼ିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସବୁଜ ପତାକା ଦେଖାଇ ରେଳଗାଡ଼ି ସେବାର ଶୁଭାରମ୍ଭ କରୁଛନ୍ତି । କେନ୍ଦ୍ର ରେଳବାଇ ମନ୍ତ୍ରୀ ଶ୍ରୀ କାହ୍ନୁଚରଣ ଲେଙ୍କା ଉପସ୍ଥିତ ଅଛନ୍ତି (୧୪/୧୧)।



ସୂଚନା ଭବନଠାରେ ଆୟୋଜିତ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଦୃଶ୍ୟ ଓ ଶ୍ରାବ୍ୟ ସେବା ସପ୍ତାହ ବାର୍ଷିକ ଉତ୍ସବକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଉଦ୍ଘାଟନ କରୁଛନ୍ତି । ବିଭାଗୀୟ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ଉପସ୍ଥିତ ଅଛନ୍ତି (୮/୨୨)।

VOL. L No.5 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment




କାମାକ୍ଷାନଗରଠାରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ସାରଙ୍ଗଧର ସେତୁକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି । ପୂର୍ତ୍ତ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଉପସ୍ଥିତ ଅଛନ୍ତି (୨୪/୧୧) ।

PRINTED AT ORISSA GOVERNMENT PRESS, CUTTACK-10